
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୬ ସେପ୍ଟେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 26 SEPTEMBER 2023
Vol.No. 34 ■ No. 253■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବିଜେପି ସହ ସମ୍ପର୍କ ତୁଟାଇଲା ଏଆଇଏଡିଏମକେ




ନୂଆଦିଲ୍ଲୀ, ୨୫/୦୯ : ସାଧାରଣ ନିର୍ବାଚନ ପୂର୍ବରୁ ବିଜେପିକୁ ଶକ୍ତ ଝଟକା। ତାମିଲନାଡୁର ଏଆଇଏଡିଏମକେ ବିଧିବଦ୍ଧ ଭାବେ ବିଜେପି ଓ ବିଜେପି ନେତୃତ୍ୱାଧୀନ ଏନଡିଏ ସହ ସବୁ ପ୍ରକାରର ସମ୍ପର୍କଚ୍ଛିନ୍ନ କରିଛି। ଏନଡିଏରୁ ଦଳ ବାହାରିବା ନେଇ ଗୋଟିଏ ସଂକଳ୍ପ ମଧ ପାରିତ କରିଛି। ଏଆଇଏଡିଏମକେର ଡେପୁଟି ସାଧାରଣ ସମ୍ପାଦକ କେପି ମୁନୁସାମୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଦଳର ସାଂସଦ, ବିଧାୟକ ଓ ଜିଲ୍ଲା ମୁଖ୍ୟମାନଙ୍କୁ ନେଇ ଚେନ୍ନାଇ ସ୍ଥିତ ମୁଖ୍ୟାଳୟରେ ବୈଠକ ବସିଥିଲା। ଏହି ବୈଠକରେ ବିଜେପି ଓ ଏନଡିଏ ସହ ସବୁ ପ୍ରକାରର ସମ୍ପର୍କଚ୍ଛିନ୍ନ କରିବାକୁ ଗୋଟିଏ ସଂକଳ୍ପ ପାରିତ ହୋଇଛି। ମୁନୁସାମୀ ଏହା ଘୋଷଣା କରିବା ପରେ ଦଳର କର୍ମୀମାନେ ବାଣ ଫୁଟାଇ ଏହାକୁ ସ୍ୱାଗତ କରିଥିଲେ। ବିଜେପିର ତାମିଲନାଡୁ ମୁଖ୍ୟ କେ ଆନ୍ନାମଲାଇ ଏଆଇଏଡିଏମକର ପ୍ରତିଷ୍ଠାତା ଏମଜି ରାମଚନ୍ଦ୍ରନଙ୍କ ମେଣ୍ଟୋର ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସିଏନ ଆନ୍ନାଦୁରାଇଙ୍କ ସମ୍ପର୍କରେ ବିବାଦୀୟ ଟିପ୍ପଣୀ କରିଥିଲେ। ଏହାକୁ ନେଇ ବିଜେପି ସହ ଏଆଇଏଡିଏମକେ ସମ୍ପର୍କ ତୁଟାଇବାକୁ ନିଷ୍ପତ୍ତି ନେଇଥିଲା। ତଥାପି ଶନିବାର ଦିଲ୍ଲୀରେ ଏଆଇଏଡିଏମକେକୁ ବୁଝାଇବାକୁ ବିଜେପି ସବୁ ପ୍ରକାରର ପ୍ରୟାସ କରିଥିଲା। କିନ୍ତୁ ଏଆଇଏଡିଏମକେ ନିଜ ଜିଦରେ ଅଟଳ ରହିବା ସହ ଆନ୍ନାମଲାଇ କ୍ଷମା ମାଗନ୍ତୁ କିମ୍ବା ତାଙ୍କ ବଦଳରେ ଜଣେ ଅଣ ବିବାଦୀୟ ନେତାଙ୍କୁ ବିଜେପି ତାମିଲନାଡୁ ମୁଖ୍ୟ କରୁ ବୋଲି ଦାବି ରଖିଥିଲା। ହେଲେ ବିଜେପି ପକ୍ଷରୁ କୌଣସି ପ୍ରକାରର ପଦକ୍ଷେପ ନିଆ ଯାଇ ନଥିଲା। ତେଣୁ ଏବେ ଏଆଇଏଡିଏମକେ ସମ୍ପର୍କଚ୍ଛିନ୍ନ କରିବାକୁ ନିଷ୍ପତ୍ତି ନେଇଛି। ଆନ୍ନାମଲାଇ ଏହାପୂର୍ବରୁ ଦଳର ଚର୍ଚ୍ଚିତ ଚେହେରା ଦିବଗଂତ ଜେ ଜୟଲଳିତାଙ୍କ ବିରୋଧରେ ମତ ରଖିଥିଲେ। ସେହି ସମୟରେ ଏଆଇଏଡିଏମକେ ଖୋଲାଖୋଲି ଭାବେ ନିଜର ଅସନ୍ତୋଷ ପ୍ରକାଶ କରିଥିଲା। ଏଥିସହ ଆନ୍ନାମଲାଇଙ୍କୁ ଏପରି ବୟାନରୁ ଦୂରେଇ ରହିବାକୁ କହିଥିଲା। ତଥାପି ଆନ୍ନାମଲାଇ ବାରମ୍ବାର ଏଆଇଏଡିଏମକେର ବରିଷ୍ଠ ନେତାଙ୍କ ବିରୋଧରେ ଅଶୋଭନୀୟ ବୟାନ ଦେଇ ଚାଲିଛନ୍ତି। ଦକ୍ଷିଣ ଭାରତରେ ବିଜେପିର ଦବଦବା ନାହିଁ। କିନ୍ତୁ ଦଳ ଏଆଇଡିଏମକେ କାନ୍ଧରେ ବନ୍ଧୁକ ରଖି ନିଜର ଉପସ୍ଥିତି ଜାହିର କରିବାକୁ ଚେଷ୍ଟା କରୁଛି।

▶▶ପୃଷ୍ଠା ୭

## ଓଡ଼ିଶା ଆଶାକର୍ମୀ ଆସୋସିଏସନର ଆନ୍ଦୋଳନ ପ୍ରତ୍ୟାହୃତ

ଭୁବନେଶ୍ୱର, ୨୫/୦୯ (ନି.ପ୍ର): ସିଆଇଟିୟୁ ନେତୃତ୍ୱରେ 'ଓଡ଼ିଶା ଆଶାକର୍ମୀ ଆସୋସିଏସନ' ତରଫରୁ ସୋମବାର ଦିନ ବିଧାନସଭା ସମ୍ମୁଖରେ ଆଶାକର୍ମୀଙ୍କ ଗଣବିକ୍ଷୋଭ ସଂଗଠିତ ହୋଇଯାଇଛି। ମାଷ୍ଟର କ୍ୟାଂଟିନ ଛକରୁ ଆଶାକର୍ମୀଙ୍କ ଏକ ବିଶାଳ ଶୋଭାଯାତ୍ରା ବାହାରି ଲୋୟର ପିଏମଜିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଶାକର୍ମୀଙ୍କୁ ତୁରନ୍ତ ସ୍ଥାୟୀ କର୍ମଚାରୀର ମାନ୍ୟତା, ମାସିକ ୨୬ ହଜାର ଟଙ୍କା ଦରମା, ମାସିକ ୧୦ ହଜାର ଟଙ୍କା ପେନସନ, ମୃତ୍ୟୁକାଳୀନ ଓ ଅବସରକାଳୀନ ସହାୟତା ୮ ଲକ୍ଷ ଟଙ୍କା ସମେତ ସାମାଜିକ ସୁରକ୍ଷାମାନ ଯୋଗାଇ ଦେବା ସହ ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ୍ ବାତିଲ୍ ଏବଂ ଏନ୍ଏଚ୍ଏମ୍‌କୁ ଅଧିକ ଅନୁଦାନ ଦେବାକୁ ଦୃଢ ଦାବୀ କରିଥିଲେ। ପରିଶେଷରେ ସିଟୁର ସାଧାରଣ ସମ୍ପାଦକ ସାଥୀ ବିଷ୍ଣୁ ମହାନ୍ତିଙ୍କ ନେତୃତ୍ୱରେ ଏକ ୯ ଜଣିଆ ପ୍ରତିନିଧି ମଣ୍ଡଳୀ ସ୍ୱାସ୍ଥ୍ୟ ସଚୀବ ଶାଳିନୀ ପଣ୍ଡିତଙ୍କୁ ଭେଟି ୨୦ ଦଫା ଦାବୀ ପତ୍ର ଉପରେ ଆଲୋଚନା କରିଥିଲେ। ଆସନ୍ତା ଏକମାସ ମଧ୍ୟରେ ମାସିକ ପାଉଣା ଆଶାତୀତ ବୃଦ୍ଧି ସହ ଦାବୀ ଗୁଡ଼ିକ କିଛି ପରିମାଣରେ ପୂରଣ କରାଯିବ ବୋଲି ସଚୀବ ଦୃଢ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ କରାଯାଇଥିଲା।

## ଆଲୋଚନା ବିଫଳ : ଦାବି ପୂରଣ ନହେଲେ ୩ରେ ଓଡ଼ିଶା ବନ୍ଦ



ପୁରୀ, ୨୫/୦୯ (ନି.ପ୍ର): ଶ୍ରୀମନ୍ଦିର ଚାରି ଦୁଆର ଖୋଲିବା ଓ ଅନ୍ୟାନ୍ୟ ଦାବି ପୂରଣ ନେଇ ଶ୍ରୀଜଗନ୍ନାଥ ସେନା ଦେଇଥିଲା ଓଡ଼ିଶା ବନ୍ଦ ଡାକରା। ଏହା ଉପରେ ପୁରୀ ଜିଲ୍ଲାପାଳ ଡାକିଥିବା ଆଲୋଚନା ବିଫଳ ହୋଇଛି। ୭୨ ଘଣ୍ଟା ଭିତରେ ଦାବି ପୂରଣ ନହେଲେ ଆସନ୍ତା ୩ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦେଇଛି ଶ୍ରୀଜଗନ୍ନାଥ ସେନା। କୋଟି ଓଡ଼ିଆଙ୍କ ମଉଡମଣୀ ହେଉଛି ମହାପ୍ରଭୁ କାଳିଆ ଠାକୁର। ସେଥିପାଇଁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଦୂରଦୂରାନ୍ତୁ ଶ୍ରୀକ୍ଷେତ୍ର ଆସୁଛନ୍ତି। ହେଲେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁମାନେ ନାହିଁନଥିବା ଅସୁବିଧାରେ ପଡୁଛନ୍ତି। ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲୁନଥିବାରୁ ଏପରି ସମସ୍ୟା ଉପୁଜିଛି। ବାରମ୍ବାର ଅନୁରୋଧ ସତ୍ତ୍ୱେ ଶ୍ରୀମନ୍ଦିର ପ୍ରଶାସନ ବା ରାଜ୍ୟ ସରକାର ଏଥିପ୍ରତି ତିଳେ ମାତ୍ର ନଜର ଦେଉନାହିଁ।

▶▶ପୃଷ୍ଠା ୭

## ଆଠ ଦିନ ବିଳମ୍ବରେ ଫେରୁଛି ମୌସୁମୀ

ନୂଆଦିଲ୍ଲୀ, ୨୫/୦୯ (ନି.ପ୍ର): ଫେରିବାକୁ ସଜବାଜ ହେଉଛି ମୌସୁମୀ। ଆଉ କିଛି ଦିନ ପରେ ଚଳିତ ବର୍ଷ ମୌସୁମୀବାୟୁ ଫେରିଯିବ। ଆଗକୁ ଆସୁଛି ପାର୍ବଣ ଋତୁ। ଆଉ ପାଗ ନିର୍ମଳ ରହିବା ନେଇ ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି। ବିଭାଗ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି ଯେ, ଆଉ କିଛିଦିନ ପରେ ମୌସୁମୀ ଫେରିବାକୁ ସଜବାଜ ହେଉଛି। କିନ୍ତୁ ଚଳିତ ବର୍ଷ ମୌସୁମୀ ବିଳମ୍ବର ଫେରୁଛି। ସେପ୍ଟେମ୍ବର ୧୭ରେ ମୌସୁମୀ ଫେରିବାର ଥିଲା। କିନ୍ତୁ ଏଥର ଆଠ ଦିନ ବିଳମ୍ବ ଘଟିଲାଣି। ଆଜି ଦକ୍ଷିଣପଶ୍ଚିମ ମୌସୁମୀବାୟୁ ରାଜସ୍ଥାନର ଦକ୍ଷିଣ ପଶ୍ଚିମର କିଛି ଅଞ୍ଚଳରୁ ଫେରିଯାଇଥିବା ପାଣିପାଗ ବିଭାଗ କହିଛି। ମୌସୁମୀ ଲଗାତାର ୧୩ ବର୍ଷ ଧରି ବିଳମ୍ବରେ ଫେରୁଛି। ବିଳମ୍ବରେ ମୌସୁମୀ ଫେରିବାର ଅର୍ଥ, ବର୍ଷା ଋତୁ ଅଧିକ ସମୟ ରହିଛି। ଏପରି ହେଲେ ରବି ଫସଲ ଉପରେ ନିର୍ଭର କରୁଥିବା ଅଞ୍ଚଳ ଅଧିକ ପ୍ରଭାବିତ ହେବେ। ଏହା ଦ୍ୱାରା ଦେଶର ଉତ୍ତର-ପଶ୍ଚିମ ରାଜ୍ୟରେ ହେଉଥିବା ରବି ଫସଲ ପ୍ରଭାବିତ ହୋଇପାରେ। ସାଧାରଣତଃ, ଦକ୍ଷିଣ ପଶ୍ଚିମ ମୌସୁମୀ ଜୁନ୍ ୧ ସୁଦ୍ଧା କେରଳ ଛୁଇଁ ଜୁଲାଇ ୮ ସୁଦ୍ଧା ସମଗ୍ର ଦେଶରେ ପହଞ୍ଚେ। ଏହାପରେ କୃଷି ପ୍ରଧାନ ଦେଶ ଭାରତରେ ଆରମ୍ଭ ହୁଏ ଚାଷ କାର୍ଯ୍ୟ।

### ମାହାଙ୍ଗା ଡବଲ ମର୍ଡର ମାମଲା

## ଅଡୁଆରେ ବିଜେଡି ବିଧାୟକ ପ୍ରତାପ ଜେନା



ଭୁବନେଶ୍ୱର, ୨୫/୦୯ (ନି.ପ୍ର): ବହୁ ଚର୍ଚ୍ଚିତ ମାହାଙ୍ଗା ଡବଲ ମର୍ଡର ମାମଲାରେ ବଢ଼ିଲା ବିଜେଡି ବିଧାୟକ ପ୍ରତାପ ଜେନାଙ୍କ ଅଡୁଆ। ତାଙ୍କ ନାଁରେ ମାମଲା ଚାଲୁ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ସାଲେପୁର ଜେଏମ୍ଏଫସି କୋର୍ଟ। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ପ୍ରତାପଙ୍କ ବିରୋଧରେ ହତ୍ୟା, ହତ୍ୟା ଷଡ଼ଯନ୍ତ୍ର ଓ ଧମକ ଦଫାରେ ମାମଲା ଚାଲୁ ରହିବ। ସାଲେପୁର ଜେଏମ୍ଏଫସି କୋର୍ଟ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି, ସେଥିରେ ସ୍ପଷ୍ଟ ଭାବେ କହିଛନ୍ତି ଯେ ଅଭିଯୋଗକାରୀ ଓ ସାକ୍ଷୀମାନଙ୍କର ବୟାନ ଏବଂ ବିଭିନ୍ନ ରେକର୍ଡପତ୍ର ଗୁଡ଼ିକୁ ଦେଖିଲେ ଆପାତତଃ ପ୍ରତାପ ଜେନାଙ୍କ ବିରୋଧରେ ପ୍ରମାଣଯୋଗ୍ୟ ତଥ୍ୟ ରହିଛି। ପ୍ରତାପ ଜେନା ବିଧାୟକ ହୋଇଥିବାରୁ ଏହି ମାମଲାକୁ ଭୁବନେଶ୍ୱର ସ୍ପେଶାଲ କୋର୍ଟକୁ ସ୍ଥାନାନ୍ତର କରାଯାଇଛି। ଭୁବନେଶ୍ୱର ସ୍ପେଶାଲ କୋର୍ଟରେ ବିଧାୟକ ବା ସାଂସଦ ମାନଙ୍କ ବିରୋଧରେ ଥିବା ମାମଲାଗୁଡ଼ିକର ତ୍ୱରିତ ବିଚାର କରାଯାଏ। ଏହି ମାମଲାର ତଦନ୍ତ ମାହାଙ୍ଗା ପୁଲିସ କରୁଥିଲା। ମୃତକଙ୍କ ପରିବାର ଲୋକେ ସେମାନଙ୍କ ଏତଲାରେ ସିଧାସଳଖ ବିଧାୟକ ତଥା ତତ୍‌କାଳୀନ ଆଇନ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ ନାଁ ଉଲ୍ଲେଖ କରିଥିଲେ। ସେ ଏହି ହତ୍ୟାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ସେମାନେ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ୍ ଯେତେବେଳେ ମାମଲାର ତଦନ୍ତ କରି ଚାର୍ଜଶିଟ୍ ଦାଖଲ କଲା, ସେତେବେଳେ ସେଥିରେ ପ୍ରତାପ ଜେନାଙ୍କ ନାଁ ନଥିଲା। ପ୍ରତାପ ଜେନାଙ୍କୁ ପୁଲିସ୍ କ୍ଲିନ୍‌ଚିଟ୍ ଦେଇଥିଲା। ପ୍ରତାପ ଜେନାଙ୍କର ଏହି ମାମଲାରେ କିଛି ସଂପୃକ୍ତି ନାହିଁ ବୋଲି ଚାର୍ଜଶିଟ୍‌ରେ ଦର୍ଶାଯାଇଥିଲା। ଏହି ଚାର୍ଜଶିଟ୍‌କୁ ନେଇ ପରବର୍ତ୍ତୀ ସମୟରେ ମୃତ କୁଳମଣି ବାରିକଙ୍କ ପରିବାର ପକ୍ଷରୁ ଏକ ପ୍ରୋଟେଷ୍ଟ ପିଟିସନ ଦାଖଲ କରାଯାଇଥିଲା। ମାମଲା ହାଇକୋର୍ଟ ପର୍ଯ୍ୟନ୍ତ ଗଲା। ପୁନର୍ବିଚାର କରିବାକୁ ସାଲେପୁର ଜେଏମ୍ଏଫ୍‌ସି କୋର୍ଟଙ୍କୁ କହିଥିଲେ ହାଇକୋର୍ଟ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସାଲେପୁର ଜେଏମ୍ଏଫସି କୋର୍ଟ ଅଭିଯୋଗକାରୀ

▶▶ପୃଷ୍ଠା ୭

## ବିଧାନସଭାରେ ବିବୃତ୍ତି ରଖିଲେ ମୁଖ୍ୟମନ୍ତ୍ରୀ

### ବର୍ଷିଲେ ବିଜେପି ଓ କଂଗ୍ରେସ: ଓଡ଼ିଶାରେ ଚାଲିଛି ଗୁମାସ୍ତା ଶାସନ



ଭୁବନେଶ୍ୱର ୨୫/୦୯: ବିଧାନସଭା ପ୍ରଶ୍ନକାଳ ଆରମ୍ଭରୁ ହଙ୍ଗାମା । ମୁହାଁମୁହିଁ ବିଜେପି-ବିଜେଡି । ଗୃହ ମଧ ଭାଗରେ ବିଜେପି ସଦସ୍ୟମାନେ ହୋହଲା କରିଥିବା ବେଳେ ବିଜେଡି ସଦସ୍ୟମାନେ ନିଜ ନିଜ ଆସନରେ ପ୍ରତିବାଦ କରିଥିଲେ । ୫ଟି ସଚିବଙ୍କ ଜିଲ୍ଲା ଗସ୍ତକୁ ନେଇ ବିଧାୟକ ମାନେ ପଚାରିଥିବା ପ୍ରଶ୍ନକୁ ଗ୍ରହଣ ନକରିବା ଏବଂ ମନ୍ତ୍ରୀ ବଡ଼ ନା ସଚିବ ବଡ଼ ନେଇ ବିଜେପି ଆଣିଥିବା ମୁଲତବୀ ବାଚସ୍ପତି ଗ୍ରହଣ କରିନଥିବାରୁ ସେମାନେ ପ୍ରତିବାଦ କରିଥିଲେ । ସେପଟେ ଜାତୀୟ ରାଜପଥ ପ୍ରକଳ୍ପ ଓ କୋଷ୍ଟାଲ ହାଇୱେ ପ୍ରସଙ୍ଗ ନେଇ ବିଜେଡି ବି ଗର୍ଜିଥିଲା । ବାଚସ୍ପତି ଦିନ ସାଢେ ଏଗାରଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ କରିଥିଲେ । ପରେ ପୁଣିଥରେ ଆରମ୍ଭ ହୋଇଥିଲା ଗୃହକାର୍ଯ୍ୟ । ଏ ପ୍ରସଙ୍ଗରେ ଗୃହରେ ବିବୃତ୍ତି ରଖିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ମୁଖ୍ୟମନ୍ତ୍ରୀ କହିଥିଲେ ଲୋକଙ୍କ ପାଖରେ ପହଞ୍ଚିଛି ଉଗଙ୍ଗ । ଯାହା କିଛି ହେଉଛି ଉଗଙ୍ଗରୁ ନିର୍ଦ୍ଦେଶ ପରେ ହେଉଛି । ସେ ଆହୁରି କହିଥିଲେ ମୋ ସରକାର ଲୋକଙ୍କ ସରକାର।

▶▶ପୃଷ୍ଠା ୭

## ଜାତିଭିତ୍ତିକ ଜନଗଣନା ଦେଶର ଏକ୍ସ-ରେ ବୋଲି କହିଲେ ରାହୁଲ ଗାନ୍ଧି



ନୂଆଦିଲ୍ଲୀ,୨୫/୦୯ : ପୁଣିଥରେ ଜାତିଭିତ୍ତିକ ଜନଗଣନା ସପକ୍ଷରେ ମତ ରଖିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧି। ଜାତିଗତ ଜନ ଗଣନା ଦେଶର ଏକ୍ସ-ରେ। ସମ୍ଭବତଃ ଏହି କାରଣ ପାଇଁ ପ୍ରଧାନମନ୍ତ୍ରୀ ଏପରି ଏକ ପ୍ରକ୍ରିୟା ଆରମ୍ଭ କରିବାକୁ ଡରୁଛନ୍ତି କି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ଛତିଶଗଡ଼ର ବିଳାସପୁରରେ ଆଜି କ୍ଷମତାସୀନ କଂଗ୍ରେସ ପକ୍ଷରୁ ଆବାସ ନ୍ୟାୟ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ରାହୁଲ ଗାନ୍ଧି ସମ୍ବୋଧନ କରିବା ବେଳେ କହିଛନ୍ତି ଯେ "ରାଜ୍ୟରେ କଂଗ୍ରେସ କ୍ଷମତାକୁ ଆସିବା କ୍ଷଣି ଜାତିଭିତ୍ତିକ ଜନଗଣନା କରିବ। ଓବିସି, ଦଳିତ, ଆଦିବାସୀ ଓ ମହିଳାଙ୍କ ଭାଗିଦାରୀକୁ ନିଶ୍ଚିତ କରିବା ପାଇଁ ଏପରି କରାଯିବ। ଜାତିଗତ ଜନଗଣନା ଦେଶର ଏକ୍ସ-ରେ। ଏହା ପ୍ରତି ଜାତିର ଲୋକସଂଖ୍ୟାର ତଥ୍ୟ ଦେବେ। ଥରେ ଏହି ତଥ୍ୟ ସାର୍ବଜନୀନ ହେଲା ପରେ ସବୁ ସଂପ୍ରଦାୟର ଲୋକଙ୍କ ଯୋଗାଦାନକୁ ଉପଯୁକ୍ତ ସୁଯୋଗ ମିଳିବ।" କଂଗ୍ରେସ କ୍ଷମତାରେ ଥିବା ବେଳେ ହୋଇଥିବା ଜାତିଭିତ୍ତିକ ଜନଗଣନାର ତଥ୍ୟ ବିଜେପି ସରକାର କାହିଁକି ସାର୍ବଜନୀନ କରୁ ନାହିଁ ବୋଲିତ ମଧ ରାହୁଲ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, "ପ୍ରଧାନମନ୍ତ୍ରୀ ମୋଦି ଯେଉଁଠି କି ଯାଉଛନ୍ତି ଓବିସି କଥା କହୁଛନ୍ତି। କଂଗ୍ରେସ କ୍ଷମତାରେ ଥିବା ବେଳେ ଜାତି ଭିତ୍ତିକ ଜନଗଣନା କରିଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ଏହି ତଥ୍ୟକୁ ଲୁଚାଇବାକୁ ଚାହୁଁଛନ୍ତି। ଯେତେବେଳେ ମୁଁ ଏବିଷୟରେ କହିବା ଆରମ୍ଭ କରୁଛି, ସଂସଦରେ କ୍ୟାମେରା ମୋ ଠାରୁ ଦୂରକୁ ଚାଲି ଯାଉଛି।" କଂଗ୍ରେସ ନେତା ରାହୁଲ ଆହୁରି ଅଭିଯୋଗ କରିଛନ୍ତି ଯେ ସରକାରଙ୍କୁ ସାଂସଦ କିମ୍ବା ବିଧାୟକମାନେ ଚଳାଉ ନାହାନ୍ତି। ସରକାର ସଚିବ ଓ କ୍ୟାବିନେଟ ସଚିବଙ୍କ ଦ୍ୱାରା ଚାଲିଛି।

## ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ଜନ୍ମଦିନ ପାଳିତ




ବାଲେଶ୍ୱର, ୨୫/୦୯ (ନି.ପ୍ର): ଚିଡ଼ିଆପୋଲ ଠାରେ ହେଲଦି ଲାଇଫ୍ ଯୋଗ ମହାବିଦ୍ୟାଳୟ ଓ ଇନଷ୍ଟିଚ୍ୟୁଟ୍ ଅଫ୍ ନେଚର କିଅର ଏଣ୍ଡ ଯୋଗିକ ସାଇନ୍ସର ପରିସରଠାରେର ଏନ୍ଏସଏସ ୟୁନିଟ୍‌ର ଜାତୀୟ ସେବା ଯୋଜନାର ଜନ୍ମଦିବସ ଏନଏସଏସ ଡେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ବାଲେଶ୍ୱର ଡିଏସପି ଶ୍ରୀମତୀ ବ୍ରଜେଶ୍ୱରୀ ବଳ, ମୁଖ୍ୟବକ୍ତା ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସୃଷ୍ଟିଧର ପରିଡ଼ା, ସମ୍ମାନିତ ଅତିଥି ଝାଡ଼େଶ୍ୱର ଇଣ୍ଟରନେସନାଲ ସ୍କୁଲ ପ୍ରିନ୍‌ସପାଲ ଶ୍ରୀମତୀ ପ୍ରିୟମ୍ବଦା ପଣ୍ଡା ଯୋଗ ଦେଖି ସେବା ନିଜ ହୃଦୟରୁ ଆସେ, ସେବା ଦ୍ୱାରା ଆତ୍ମ ସନ୍ତୋଷ ପରମ ଶାନ୍ତି ଆନନ୍ଦ ଉପଲବ୍ଧି ହୋଇତାଏ । ଶିକ୍ଷା ସହିତ ସେବା କଲେ ଜୀବନ ସାରା ଅଭ୍ୟାସରେ ପରିଣତ ହୋଇଯାଏ, ମହାତ୍ମା ଗାନ୍ଧୀ ଭାରତ ବର୍ଷର ପ୍ରକୃତ ସେବକ ତାଙ୍କର ଭାବଧାରାରେ ସେବା କରିବା ଦରକାର, ଅନ୍ୟ ପାଇଁ ଚିନ୍ତା କଲେ ଈଶ୍ୱର ନିଜକୁ ସୁରକ୍ଷା ଦିଅନ୍ତି । ଡିଏସ୍‌ପି ମାଡାମ ବକ୍ତବ୍ୟରେ ପୋଲିସ, ଡାକ୍ତର, ନର୍ସ ସମସ୍ତେ ସେବା କରନ୍ତି, ବହୁତ କମ ମଣିଷ ଥାଆନ୍ତି ଯେ ସେବାକୁ ଆଚରଣରେ ପାଳନ କରନ୍ତି । ନିସ୍ୱାର୍ଥ ସେବା ଭାବ ରହିବା ଦରକାର । ସମ୍ମାନିତ ଅତିଥିଙ୍କ ଭାଷାରେ ଯୋଗ ଓ ସେବା ନିଷ୍କାମ ସେବା ଯାହା ଗୀତାରେ କୁହାଯାଇଛି । ପ୍ରୋଗ୍ରାମ ଅଫିସର ଅନୁଷ୍ଠାନର ନିର୍ଦ୍ଦେଶକ ଡାକ୍ତର ଚିତ୍ତରଂଜନ ସାହୁ ୧୯୬୯ ମସିହା ସେପ୍ଟେମ୍ବର ୨୪ ତାରିଖ ମହାତ୍ମାଗାନ୍ଧିଙ୍କ ଚିନ୍ତାଧାରାରେ ଶିକ୍ଷା ଭିତରେ ଏନଏସଏସ ପ୍ରତ୍ୟେକ କଲେଜରର ଛାତ୍ରଛାତ୍ରୀ ମାନଙ୍କର ସେବାଭାବ ସୃଷ୍ଟି କରିବା ପାଇଁ ଜାତୀୟ ସେବା ଯୋଜନା ରହିଛି ଯୋଗ କଲେଜ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଓ ମାନ୍ୟତାପ୍ରାପ୍ତ ପାଇଁ ଶିକ୍ଷା ଦାନ କରୁଛି । ଏଠାରେ ଯୋଗା ଡିପ୍ଲୋମା, ପିଜି ଡିପ୍ଲୋମା, ଏମଏ ଇନ୍ ଯୋଗ ପାଠ୍ୟକ୍ରମ ଭିତରେ ଏନଏସଏସ ରହିଛି । ଅନୁଷ୍ଠାନର ଅଧକ୍ଷା ଦେବୀଅର୍ଚ୍ଚନା ଶିକ୍ଷା ଓ ସେବା ପରସ୍ପର ଆବଶ୍ୟକ ବୋଲି ବୁଝାଇଥିଲେ । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭାକାର୍ଯ୍ୟ ସମାପନ କରିଥିଲେ ।

## ସଂସ୍କୃତ ଭାରତୀ ଦ୍ୱାରା ସଂସ୍କୃତ ମହୋତ୍ସବ ପାଳିତ

ବଲାଙ୍ଗୀର,୨୫/୦୯ (ନି.ପ୍ର): ସଂସ୍କୃତ ଭାଷାର ପ୍ରଚାର ପ୍ରସାର, ପୁନରୁତ୍ଥାନ, ଜନଜାଗରଣ ନିମନ୍ତେ ସଂସ୍କୃତ ଭାରତୀ ବଲାଙ୍ଗୀର ଜିଲ୍ଲା ଦ୍ୱାରା ସଂସ୍କୃତ ମହୋତ୍ସବ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର କଲେଜ ଛକ ଠାରେ ଆଜି ରବିବାର ପରିପାଳିତ ହୋଇଯାଇଅଛି । ନୃତ୍ୟ, ସ୍ତୋତ୍ର ପାଠ, ସଂସ୍କୃତ ସାଧାରଣ ଜ୍ଞାନ ପରୀକ୍ଷା, ଏକପାତ୍ର ଅଭିନୟ ଆଦି ପ୍ରତିଯୋଗିତାରେ ଭାଗ ନେବାପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଶତାଧିକ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଅଭିଭାବକମାନେ ଏକତ୍ରିତ ହୋଇଥିଲେ, ମୁଖ୍ୟ ଅତିଥି ଭାବେ ଅଧିବକ୍ତା ତଥା ସଂସ୍କୃତାନୁରାଗୀ ଜୟରାମ ମିଶ୍ର ସଂସ୍କୃତ ଅଧ୍ୟୟନ ଅତ୍ୟାବଶ୍ୟକ ବୋଲି ମତପ୍ରକାଶ କରିଥିଲେ । ସଂସ୍କୃତ ଭାରତୀର ପ୍ରାନ୍ତ ସମ୍ପାଦକ ତଥା ମହିଳା ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ଅଜିତ କୁମାର ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ, ସମ୍ମାନୀତ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ଭକ୍ତମଣି ମିଶ୍ର ସଂସ୍କୃତ ବିନା ଭାରତର ଉନ୍ନତି ଅସମ୍ଭବ ବୋଲି କହିଥିଲେ । ପ୍ରାନ୍ତ ଶିକ୍ଷଣ ପ୍ରମୁଖ ଡ଼. ମାନସ ରଞ୍ଜନ ସାହୁ ସ୍ୱାଗତ ଭାଷଣ, ବଲାଙ୍ଗୀର ଜିଲ୍ଲା ସଂଯୋଜକ ତଥା ଆଦର୍ଶ ବିଦ୍ୟାଳୟ, ପଥରଚେପାର ସଂସ୍କୃତ ଶିକ୍ଷକ ଶେଷଦେବ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରକାଶ ତରିଆ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ପ୍ରଧାନାଚାର୍ଯ୍ୟ ରବିନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଭାଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଦିବ୍ୟ ଥନାପତି, ରୀନା ମିଶ୍ର, ହିରାକାନ୍ତୀ ମାଝୀ, ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ, ପଦ୍ମାଳୟା ଷଡ଼ଙ୍ଗୀ, ନନ୍ଦଲାଲ ଭୋଇ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ରାହୁଲ ପ୍ରଧାନ, ଆଭା ଆର୍ଯ୍ୟା, ରୋହିତ କଠାର, ସୁନୀତା ଭୋଇ, ଧର୍ମରାଜ ବାଗ, ସମୀର ଚୋହାନ, କଲ୍ୟାଣୀ ନାୟକ ପ୍ରମୁଖ ସଂସ୍କୃତ ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା, ସଂସ୍କୃତାନୁରାଗୀ ଅଭିଭାବକ ଏବଂ କାର୍ଯ୍ୟକର୍ତାମାନେ ବିଶେଷ ସହଯୋଗ କରିଥିଲେ ।

## ଆବାସ ଯୋଜନାର ଘର ଦେବାରେ ଅନିୟମିତତା ଅଭିଯୋଗ : ଫେରାର ଦୁଇ ଅଭିଯୁକ୍ତ ଛତିଶଗଡ଼ରୁ ଗିରଫ




ଖପ୍ରାଖୋଲ,୨୫/୦୯ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ତେଲେନପାଲି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ପ୍ରଦାନରେ ଅନିୟମିତତା ମାମଲାରେ ଫେରାର ଥିବା ଦୁଇ ଅଭିଯୁକ୍ତଙ୍କୁ ପୁଲିସ ଛତିଶଗଡ଼ ରାଜ୍ୟରୁ ଗିରଫ କରିଛି । ଗିରଫ ଦ୍ୱୟ ହେଲେ ଉକ୍ତ ପଞ୍ଚାୟତର ଜିଆରଏସ୍ ବିପିନ ବେହେରା ଓ ଜିଓଟ୍ୟାଗର ଗୋଲାପ ପୋଢ଼ । ପୂର୍ବରୁ ଗତ ୧୮ ତାରିଖ ଦିନ ଏହି ମାମଲାରେ ଏହି ପଞ୍ଚାୟତର ଇଓ ଲଳିତ ମେହେର ଓ ଦୁଇ ନକଲି ହିତାଧିକାରୀ ଗିରଫ ହୋଇଥିଲେ । ପୁଲିସର ସୂଚନା ଅନୁସାରେ, ତେଲେନପାଲି ପଞ୍ଚାୟତ କର୍ଲାମାଲ ଗାଁରେ ୨୦୧୮-୧୯ ଆର୍ଥିକ ବର୍ଷରେ କୌଶଲ୍ୟା ଚିରାଙ୍ଗୁଲ ନାମକ ହିତାଧିକାରୀଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମଞ୍ଜୁର ହୋଇଥିଲା । ତାଙ୍କ କୋଡ ବ୍ୟବହାର କରି ଗାଁର ଟିକେମଣି ବାଗଙ୍କୁ ଘର ଦିଆଯାଇଥିଲା । ଘର ନପାଇ କୌଶଲ୍ୟା ଅଭିଯୋଗ କରିଥିଲେ । ସେହିପରି ଯୁନାନୀବାହାଲ ଗାଁରେ ମଧ ଭୋଇ ମୁଣ୍ଡା ନାମରେ କେହି ନଥିବା ବେଳେ ତାଙ୍କ ନାମରେ ଘର ଦିଆଯାଇଥିବା ଅନ୍‌ଲାଇନ୍‌ରେ ଦର୍ଶାଯାଇଛି । ସେହି କୋଡ ବ୍ୟବହାର କରି ରୂପେ ଧରୁଆଙ୍କୁ ଘର ଦିଆଯାଇଥିବା ଅଭିଯୋଗ ହୋଇଥିଲା । ଏହି ଅନିୟମିତତାରେ ତତ୍କାଳୀନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଲଳିତ ମେହେର, ତତ୍କାଳୀନ ଜିଆରଏସ୍ ବିପିନ ବେହେରା, ଜିଓଟ୍ୟାଗର ଗୋଲାପ ପୋଢ଼ ଦାୟୀ ବୋଲି ଜିଲ୍ଲା କର୍ତ୍ତୃପକ୍ଷ ଥାନାରେ ମାମଲା ରୁଜୁ କରିବାକୁ ଖପ୍ରାଖୋଲ ବିଡିଓ ବିଜୟ ହୋତାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏନେଇ ଖପ୍ରାଖୋଲ ଥାନା କେସ୍ ନଂ ୧୫୯/୨୩ରେ ଗତ ୫ ତାରିଖ ଦିନ ମାମଲା ରୁଜୁ ହୋଇଥିଲା । ଦୁଇ ନକଲି ହିତାଧିକାରୀ ଓ ପିଇଓଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଥିଲା । ଫେରାର ଥିବା ଜିଆରଏସ୍ ଓ ଜିଓଟ୍ୟାଗରଙ୍କୁ ଛତିଶଗଡ଼ ରାଜ୍ୟ ସରାଇପାଲିର ଏକ ଗେଷ୍ଟହାଉସରୁ ଗିରଫ କରାଯାଇଥିଲା । ରବିବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

## ପାଂଚ ଶହ ବର୍ଷ ପରେ ବି ଜଗନ୍ନାଥ ଦାସଙ୍କ ଭାଗବତର ପ୍ରାସଙ୍ଗିକତା ଅକ୍ଷୁର୍ଣ୍ଣ ରହିଛି : ମନ୍ତ୍ରୀ ଶ୍ରୀ ଅଶ୍ୱିନୀ କୁମାର ପାତ୍ର

ଭୁବନେଶ୍ୱର,୨୫/୦୯ (ନି.ପ୍ର): ପଂଚସଖାଙ୍କ ମଧ୍ୟରେ ଅନନ୍ୟ ତଥା ଭାଗବତ ପ୍ରଣେତା ଅତିବଡୀ ଜଗନ୍ନାଥ ଦାସଙ୍କ ରଚିତ ଭାଗବତ ଦୀର୍ଘ ପାଂଚଶହ ବର୍ଷ ଧରି ଭାରତବର୍ଷରେ ଧର୍ମୀୟ ଜନଜାଗରଣ ସୃଷ୍ଟି ସହ ଶ୍ରୀଜଗନ୍ନାଥ ଓ ଉତ୍କଳୀୟ ସଂସ୍କୃତିକୁ ବିକଶିତ କରି ଚାଲିଛି ବୋଲି ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି । ଦୀର୍ଘ ପାଂଚ ଶହ ବର୍ଷ ପରେ ବି ଜଗନ୍ନାଥ ଦାସଙ୍କ ଭାଗବତର ପ୍ରାସଙ୍ଗିକତା ଏବେ ମଧ ଅକ୍ଷୁର୍ଣ୍ଣ ରହିଛି । ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅତିବାଡୀଙ୍କ ସାଧନା ପୀଠ ସାତଲହଡି ମଠ ପରିସରରେ 'ଓଡିଆ ଭାଗବତର ସର୍ବକାଳୀନ ଉପଯୋଗୀତା' ଶୀର୍ଷକ ରାଜ୍ୟ ସ୍ତରୀୟ ଆଲୋଚନାଚକ୍ରକୁ ଉଦଘାଟନ ପୂର୍ବକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ପାତ୍ର ମଣିଷ ଜୀବନକୁ ଉପଯୁକ୍ତ ମାର୍ଗଦର୍ଶନ ପାଇଁ ଭାଗବତ ଶ୍ରେଷ୍ଠ ମାଧ୍ୟମ ବୋଲି କହିଥିଲେ । ଭଲ ଜୀବନ ଜିଇଁବା ପାଇଁ ସମସ୍ତ ପ୍ରେରଣା ଓ ସାଧାରଣ ଭାଷାରେ ଏହା ଲେଖା ଯାଇଛି । ଓଡ଼ିଆ ଭାଷାକୁ ଋଦ୍ଧିବନ୍ତ କରିବା ପାଇଁ ଭାଗବତ ଅସୀମ କାନ୍ତି ଯୋଗାଉଥିବା ମନ୍ତ୍ରୀ କହିଛନ୍ତି । ଅତିବଡୀଙ୍କ ସାଧନା ଓ ସମାଧି ପୀଠ ସାତଲହଡି ମଠର ସୁରକ୍ଷା ପାଇଁ ସରକାର ସଂକଳ୍ପବଦ୍ଧ ବୋଲି ଘୋଷଣା କରିବା ସହ ସାଧନା ବ୍ୟର୍ଥ ଯାଏନି ଯାହା ଭାଗବତ ପ୍ରମାଣ କରିଛି ବୋଲି କହିଥିଲେ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ମଧୁସୂଦନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ ବିଶ୍ୱର ସର୍ବକାଳୀନ ଶେଷ୍ଠ ସାହିତ୍ୟ ହେଉଛି ଭାଗବତ । ପିଢ଼ି ପରେ ପିଢ଼ି ଯେଉଁମାନେ ଏହାକୁ ବଂଚାଇ ରଖିଛନ୍ତି ସେମାନେ ଧନ୍ୟ । ଓଡ଼ିଆ ସାହିତ୍ୟ ଏକାଡେମୀର ସଭାପତି ଶ୍ରୀ ହୃଷୀକେଶ ମଲ୍ଲିକ ସ୍ୱକୀୟ ସଭାପତିତ୍ୱରେ କହିଲେ ଯେ ସାଧାରଣ ଲୋକଙ୍କ ବୋଧଗମ୍ୟ ହେବାଭଳି ଉପମା ଭଗବତରେ ପ୍ରୟୋଗ ହୋଇଛି ଯାହା ଏହି ମହାନ ଗ୍ରନ୍ଥର ବୈଶିଷ୍ଟ୍ୟ । ଭାଗବତ ହେଉଛି ଉତ୍ତରତର ସାହିତ୍ୟ ଯାହା ଚାପକ୍ଲିଷ୍ଟ ଜୀବନଶୈଳୀକୁ ଲାଘବ କରିବା ପାଇଁ ଉଦ୍ଦିଷ୍ଟ । ଏକାଡେମୀ ଉପ ସଭାପତି ଶ୍ରୀ ସଂଗ୍ରାମ ଜେନା ତାଙ୍କ ବକ୍ତବ୍ୟରେ ଭାଗବତକୁ ଏକ ଧର୍ମନିରପେକ୍ଷ ସାରସ୍ୱତ କୃତି ବୋଲି ଅଭିହିତ କରିଥିବା ବେଳେ ଏକାଡେମୀ ସଚିବ ଶୁଚିସ୍ମିତା ମନ୍ତ୍ରୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଆଲୋଚନା ଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ରାଜ୍ୟ ଯୋଜନା ବ୍ରାର୍ଡର ପୂର୍ବତନ ଉପାଧ୍ୟକ୍ଷ ସଂଜୟ କୁମାର ଦାସବର୍ମା, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଆଲୋଚନା ଚକ୍ରରେ ଯୋଗଦେଇ ଥିବା ବେଳେ ଆଲୋଚକ ଭାବେ ଡକ୍ଟର କୈଳାଶ ଚନ୍ଦ୍ର ଟିକାୟତ ରାୟ, ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର, କୃପାସିନ୍ଧୁ ମିଶ୍ର, ସୁମିତ୍ରା କୁମାରୀ ପଟ୍ଟନାୟକ ଯୋଗଦେଇ ଭାଗବତ ଓଡ଼ିଆ ଜାତିର ଧର୍ମୀୟ ଭାବନା ପାଇଁ ଏକ ସମ୍ବିଧାନ ସଦୃଶ୍ୟ ଓ ଏହା ବର୍ଷ ପରେ ବର୍ଷ ମାନବ ଜାତିକୁ ନୀତି ଓ ଆଦର୍ଶ ପଥରେ ଯିବାକୁ ପ୍ରେରଣା ଦେଉଥିବ ବୋଲି କହିଥିଲେ ।

## ଓଡିଶାର ସମସ୍ତ ବେସରକାରୀ ଅନୁଦାନ ଓ ଅଣ-ଅନୁଦାନ ମହାବିଦ୍ୟାଳୟ ତଥା ସଂସ୍କୃତ ଶିକ୍ଷାନୁଷ୍ଠାନ ପକ୍ଷରୁ ୩୦ରେ ବିଶାଳରାଲି ଓ ମହାସମାବେଶ

ଭୁବନେଶ୍ୱର,୨୫/୦୯ (ନି.ପ୍ର): ଓଡିଶାର ସମସ୍ତ ବେସରକାରୀ ଅନୁଦାନ ଓ ଅଣ-ଅନୁଦାନ (+୨ ଓ +୩) ମହାବିଦ୍ୟାଳୟ ତଥା ସଂସ୍କୃତ ଶିକ୍ଷାନୁଷ୍ଠାନମାନଙ୍କରେ ପରିଚାଳନା କମିଟିଦ୍ୱାରା ୦୧.୦୬.୨୦୦୮ ଠାରୁ ୩୦.୧୧.୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ରାଜ୍ୟସଭାପତି ଡଃ ଦେବ ବିଜୟ ମିଶ୍ରଙ୍କ ଡାକରାରେ ତା.୧୮.୦୭.୨୦୨୩ରିଖ ଠାରୁ ଆଜକୁ ଦୁଇମାସରୁ ଅଧିକ ହେଲାଣି ପ୍ରାୟ ୩୫୦୦ ଅଧ୍ୟାପକ ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀମାନେ ଗାନ୍ଧୀମାର୍ଗରେ ଶାନ୍ତିପୂର୍ଣ୍ଣ ଭାବରେ ଅହୋରାତ୍ର ଧାରଣା କରି ତିନି ତିନିଥର ରାଲି ଓ ମହାସମାବେଶ କରି ଏବଂ ବିଭିନ୍ନ ଉପାୟରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ ସରକାରଙ୍କର ଏ ପର୍ଯ୍ୟନ୍ତ ଆମ୍ଭର ଏକମାତ୍ର ଦାବି ସରକାରୀ ଅନୁଦାନ (ଜି.ଆଇ.ଏ) ଦାବି ସମ୍ପର୍କରେ ସବୁ ଜାଣିଥିଲେ ମଧ୍ୟ ନିରବଦ୍ରଷ୍ଟା ସାଜିଛନ୍ତି । ମନ୍ତ୍ରୀସ୍ତରୀୟ କମିଟି ବାରମ୍ବାର ବସୁଥିଲେ ହେଁ ଆମ୍ଭ ପାଇଁ କୌଣସି ନିଷ୍ପତ୍ତି ମଧ୍ୟ ନେଉନାହାନ୍ତି ଏବଂ ପ୍ରତିନିଧିମଣ୍ଡଳୀ ସହିତ ସରକାର ଅନେକଥର ଆଲୋଚନା କରି କେବଳ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି । ଆହୁରି ମଧ୍ୟ ୫-ଟି' ସଚିବ ସମସ୍ତ ମହାବିଦ୍ୟାଳୟଗୁଡିକୁ ୫ଟି ରେ ସାମିଲ କାର୍ଯ୍ୟକ୍ରମରେ ମଧ ଘୋଷଣା କରିଥିଲେ ଯେ ଖୁବଶୀଘ୍ର ମାନ୍ୟବର ମୁଖ୍ୟମନ୍ତ୍ରୀ ଆପଣମାନଙ୍କର ସରକାରୀ ଅନୁଦାନ ଦାବିକୁ ଘୋଷଣା କରିବେ, କିନ୍ତୁ ତାହା ଆଜିପର୍ଯ୍ୟନ୍ତ କେବଳ ପ୍ରତିଶ୍ରୁତିରେ ହିଁ ରହିଯାଇଛି ଯାହାଫଳରେ ସଂଘପକ୍ଷରୁ ସରକାରଙ୍କ ପ୍ରତି ତୀବ୍ର ଅସନ୍ତୋଷ ଜାତ ହୋଇଛି । ତେଣୁ ସରକାର ତିନିଦିନ ଭିତରେ ଯଦି ଆମର ଏକମାତ୍ର ସରକାରୀ ଅନୁଦାନ ନୀତି (ଜି.ଆଇ.ଏ) ଦାବିକୁ ଘୋଷଣା ନ କରନ୍ତି ତାହେଲେ ପୁନର୍ବାର ସଂଘ ଚତୁର୍ଥଥର ପାଇଁ ଆସନ୍ତା ତା.୩୦.୦୯.୨୩ରିଖ ଶନିବାର ଦିବା ୯ ଘଟିକା ସମୟରେ ଶାନ୍ତିପୂର୍ଣ୍ଣ ଭାବରେ ଗାନ୍ଧୀମାର୍ଗରେ ବିଶାଳରାଲି ସହିତ ମହାସମାବେଶ କରିବାପାଇଁ ସଂଘ ତରଫରୁ ନିଷ୍ପତ୍ତି ନିଆଯାଇଛି । ସମସ୍ତ ସଂଗ୍ରାମୀ ବନ୍ଧୁମାନଙ୍କୁ ହେବାକୁ ଥିବା ଉକ୍ତ ମହାସମାବେଶରେ ଯୋଗଦେବାକୁ ସଂଘପକ୍ଷରୁ ନିବେଦନ କରାଯାଇଛି । ଉକ୍ତ ବୈଠକରେ ସଭାପତି ଦେବବିଜୟ ମିଶ୍ର, ସମ୍ପାଦକ ଅଭୟ ପ୍ରଧାନ, ରବି କରଣ, ଦିବ୍ୟକାନ୍ତ ତ୍ରିପାଠୀ, ଦମୟନ୍ତୀ ଷେଣ୍ଡ, କମଳା ଲେଙ୍କା, ରାଜକିଶୋର ବାରିକ, ବିଭୁପ୍ରସାଦ ମିଶ୍ର, ଶକୁନ୍ତଳା ଭୂୟାଁ, ତପନ ତରେଇ, ସୂର୍ଯ୍ୟନାରାୟଣ ପଣ୍ଡା, ଅବିନାଶ ସାହୁ, ଦିଲୀପ ମହନ୍ତ, ଧନଞ୍ଜୟ ସାହୁ, ରାଜକିଶୋର ସାହୁ, ସନ୍ତୋଷ ନନ୍ଦ, ପ୍ରଫୁଲ୍ଲ ସାହୁ, ମୃତ୍ୟୁଞ୍ଜୟ ଦାସ, କୁଶଦେବ ମଲ୍ଲିକ, ସତ୍ୟବାନ ପଣ୍ଡା, ପିନାକ ପାଣିଗ୍ରାହି, ସନ୍ତୋଷ ରାୟ, ଶଙ୍କର ପାଢୀ, ଶ୍ରୀକାନ୍ତ ସାହୁ, ମମିତା ଚାନ୍ଦ, ମଦନମୋହନ ରାଉତ, ସୌମ୍ୟରଂଜନ ମିଶ୍ର, ମହେଶ ଘୋଷ, ଚିତ୍ରସେନ ପଣ୍ଡା, ଧନଞ୍ଜୟ ମିଶ୍ର, ରମେଶ ବେହେରା, ପ୍ରସନ୍ନ ପାଢୀ, ସତ୍ୟବାନ ପଣ୍ଡା, ମିହିର ଚୌଧୁରୀ, ମଦନମୋହନ ରାଉଳ, ଲକ୍ଷ୍ମୀକାନ୍ତ ଗିରି, ରୁଦ୍ର ପଟେଲ୍, ଶିବ ମଲ୍ଲିକ ପ୍ରମୁଖ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ଜାତୀୟ ସେବା ଦିବସ ପାଳିତ

ମାଲକାନଗିରି,୨୫/୦୯ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟରେ ଜାତୀୟ ସେବା ସଂସ୍ଥା ତରଫରୁ ଜାତୀୟ ସେବା ଦିବସ ଆଜି ପାଳିତ ହୋଇଯାଇଅଛି ! ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ନମିତା ଦଣ୍ଡସେନା , ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ଅଶୋକ କୁମାର ଷଡଙ୍ଗୀ ଏବଂ ସମ୍ମାନିତ ଅତିଥି ଭାବେ ଯୁବ ରେଡକ୍ରସ୍ ର ଆବାହକ ସମ୍ପାଦକ ଡ଼ଃ ରଞ୍ଜନ କୁମାର ସ୍ୱାଇଁ ଯୋଗଦେଇଥିଲେ । ଜାତୀୟ ସେବା ଯୋଜନା ବାଳକ ୟୁନିଟ୍ ର ଯୋଜନ ଅଧିକାରୀ ପ୍ରମିୟ କୁମାର ମହାନ୍ତି ମଂଚ ପରିଚାଳନା କରିଥିବା ବେଳେ, ଜାତୀୟ ସେବା ଯୋଜନା ବାଳିକା ୟୁନିଟ୍ ର ଯୋଜନା ଅଧିକାରୀ ପ୍ରେମ ରେଖା ଭତ୍ରା ଏହି ସଭାକୁ ସଂଯୋଜନା କରିଥିଲେ ! ମୁଖ୍ୟ ଅତିଥି ଙ୍କ ସମେତ ଅଧ୍ୟକ୍ଷ ଏବଂ ଅନ୍ୟ ମାନେ ସ୍ୱାମୀ ବିବେକାନନ୍ଦ ଙ୍କ ଫଟୋ ଚିତ୍ରରେ ଧୂପ ବନ୍ଧାପନା ସମେତ ପୁଷ୍ପମାଲ୍ୟ ଅର୍ପଣ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପ୍ରାଧ୍ୟାପକ ଅଶୋକ କୁମାର ଷଡଙ୍ଗୀ ଏନ୍ ଏସ୍ ଏସ୍ ର ଇତିହାସ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟ ବକ୍ତା ନମିତା ଦଣ୍ଡସେନା ଏନ୍ ଏସ ଏସ ର ଲକ୍ଷ୍ୟ ଓ ସ୍ୱେଚ୍ଛାସେବୀ ର ଭୂମିକା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଡ଼ଃ ରଞ୍ଜନ କୁମାର ସ୍ୱାଇଁ ଏନ.ଏସ.ଏସ. ର ବିଭିନ୍ନ କାର୍ଯ୍ୟକ୍ରମରେ ଭାଗନେଇ ନିଜର ବ୍ୟକ୍ତିତ୍ୱର ବିକାଶ କରିବାକୁ ପରାମର୍ଶ ଦେଇଥିଲେ । ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ଏହି ଦିବସର ମହତ୍ୱ ଓ ଉଦ୍ଦେଶ୍ୟ ଉପସ୍ଥାପନ କରିବା ସହିତ ସ୍ୱେଚ୍ଛାସେବୀ ମାନେ ଜାତୀୟ ସେବା ଯୋଜନା ମାଧ୍ୟମରେ କିପରି ସମାଜର ସେବା କରିପାରିବେ ସେ ବିଷୟରେ ଆଲୋକପାତ କରିଥିଲେ ।

## ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୨୫/୦୯ (ନି.ପ୍ର): ଫେରାର ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ରଣ୍ଡାପାଲ୍ଲି ବିଷେଇପୁଟର କିଶୋର ଗଣ୍ଡ ଏଲିୟସ କାଳିଆ । ପୋଲିସ ସୁଚନା ଅନୁଯାଇ ରଣ୍ଡାପାଲ୍ଲି ବିଷୋୟୀପୁଟ ରଣ୍ଡାପାଲ୍ଲିର କିଶୋର ଗଣ୍ଡ ନାମରେ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ଅଭିଯୁକ୍ତ କୁ ଫେରାର ଥିବ ବେଳେ ଆଜି ବିଷୋୟୀ ପୁଟ ରେ ଚଢାଉ କରି ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସଦର ଥାନା ତରଫରୁ ସୁଚନା ଦିଆଯାଇଛି ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଜୋନାଲ୍‌ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ

ଭୁବନେଶ୍ୱର,୨୫/୦୯ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ-ତଥା-ଜିଲ୍ଲା ଓ ଦୌରାଜଜ୍ ନିଶିଥ୍ ନିଶାଙ୍କଙ୍କ ପରାମର୍ଶ କ୍ରମେ ଓ ପ୍ରାଧିକରଣଙ୍କ ସଚିବ ସୌଦାମିନୀ ସିଂଙ୍କ ତତ୍ତ୍ୱାବଧାନରେ ଆଜି ବିକଳ୍ପ ସମାଧାନ କେନ୍ଦ୍ର, ଭୁବନେଶ୍ୱର ପରିସରରେ ଏକ ଜୋନାଲ୍ ସ୍ତରୀୟ ନାଟକ, ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କଟକ, ଜଗତସିଂହପୁର, ଖୋର୍ଦ୍ଧା, କେନ୍ଦ୍ରାପଡ଼ା ଓ ପୁରୀ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କ୍ଷୁଦ୍ର ନାଟକ ପ୍ରତିଯୋଗିତାରେ ଭୁବନେଶ୍ୱରର ୟୁନିଟ୍-୧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ, ପ୍ରବନ୍ଧ ପ୍ରତିଯୋଗିତାରେ ବକ୍କି ବାଳିକା ଉଚ୍ଚବିଦ୍ୟାଳୟର ରେବିକା ନାଏକ ପ୍ରଥମ, ବକ୍ତୃତା ପ୍ରତିଯୋଗିତାରେ କଟକସ୍ଥିତ କାଜିବଜାର ହାଇସ୍କୁଲର ଶକ୍ତିସ୍ୱରୂପା ସିଂ ପ୍ରଥମ, ଚିତ୍ରାଙ୍କନରେ ଜଗତସିଂହପୁର ପୁରୋହିତପୁର ହାଇସ୍କୁଲର ରୁଦ୍ରପ୍ରସାଦ ପାତ୍ର ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ଉନ୍ନୀତ ହୋଇଛନ୍ତି ବୋଲି ପ୍ରାଧିକରଣଙ୍କ ସଚିବ ସୌଦାମିନୀ ସିଂ ପ୍ରକାଶ କରିଛନ୍ତି । ସମସ୍ତ ବିଜୟୀ ଦଳ ଓ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ଜୁରି ମେମ୍ବର, ଆଇନଜୀବୀ, ସାମ୍ବାଦିକ, ଆଇନ ସହାୟତା କର୍ମୀ, କୋର୍ଟ କର୍ମଚାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକଙ୍କ ସହ ଛାତ୍ରଛାତ୍ରୀ ଓ ଜନସାଧାରଣ ଉପସ୍ଥିତ ରହି ଭରପୂର ଆନନ୍ଦ ନେଇଥିଲେ । ପ୍ରାଧିକରଣଙ୍କ କନିଷ୍ଠ କିରାଣି ତଥା ଉପସ୍ଥାପିକା ମୋନାଲିସା ପରିଡ଼ା କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ । ପ୍ରାଧିକରଣଙ୍କ ଅନ୍ୟତମ କନିଷ୍ଠ କିରାଣି ମନୋରଞ୍ଜନ ଦାସ, ଶୁଭେନ୍ଦୁ ଶେଖର ସାହୁ, ପ୍ରତିପକ୍ଷ ଓକିଲ ଆଶୀର୍ବାଦ ମହାନ୍ତି, ସମ୍ପିତ ପାଣିଗ୍ରାହୀ ଓ ଶିବାନନ୍ଦ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ସେପ୍ଟେମ୍ବର ୨୫ ରୁ ଅକ୍ଟୋବର ୧୫ ସାରା ଓଡ଼ିଶାରେ କଂଗ୍ରେସର ପଦଯାତ୍ରା ଆରମ୍ଭ ହେବ : ଶରତ ପଟ୍ଟନାୟକ

ଭୁବନେଶ୍ୱର,୨୫/୦୯ (ନି.ପ୍ର): ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଆହୁତ ଏକ ସାମ୍ବାଦିକ ସମ୍ମିଳିନୀରେ ସାମ୍ବାଦିକ ମାନଙ୍କୁ ସମ୍ବୋଦିତ କରି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ କହିଲେ ଯେ ଆସନ୍ତା କାଲିଠାରୁ ଅକ୍ଟୋବର ମାସ ୧୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ପ୍ରତ୍ୟେକ ପଂଚାୟତରେ କଂଗ୍ରେସ ପଦଯାତ୍ରା କରିବା ସହିତ ଘରକୁ ଘରୁ ପହଂଚି ୨୪ ବର୍ଷର ନବୀନ ସରକାର ଏବଂ କେନ୍ଦ୍ରରେ ୯ ବର୍ଷରୁ ଅଧିକ ସମୟ ଧରି ରହିଥିବା ବିଜେପି ସରକାର ଜନସାଧାରଣଙ୍କୁ ଦେଇଥିବା ସମସ୍ତ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛି ବୋଲି ଏହାର ଏକ ପ୍ରଚାର ପତ୍ର ଗଣମାଧ୍ୟମ ସମ୍ମୁଖରେ ଉନ୍‌ମୋଚନ କଲେ । ଆଜି ପର୍ଯ୍ୟନ୍ତ ୨ ଦଶନ୍ଧିରୁ ଅଧିକ ଧରି ଓଡ଼ିଶାରେ ବିଜେଡ଼ି ସରକାର ଶାସନରେ ଥିଲେ ମଧ ଓଡ଼ିଶାର ସାମଗ୍ରିକ ସ୍ଥିତି ଅତ୍ୟନ୍ତ ଖରାପ ପରିସ୍ଥିତି ଦେଇ ଗତିକରୁଛି । ୨ ଲକ୍ଷ ନିଯୁକ୍ତି, ରାଜ୍ୟର ପ୍ରତିବ୍ଲକରେ ୪୫ ପ୍ରତିଶତ ଜଳସେଚନ, ସମସ୍ତଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା, ଗୁଣାତ୍ମକ ଶିକ୍ଷା, ସମାଜର ବିଭିନ୍ନ ବର୍ଗର ବରିଷ୍ଠ ନାଗରିକ, ସାମାଜିକ ସୁରକ୍ଷା, କୃଷକର ଆୟ ଦ୍ୱିଗୁଣିତ ହେବା କଥା, ମହିଳାମାନଙ୍କର ସୁରକ୍ଷା, ଦାଦନ ଶ୍ରମିକ ବନ୍ଦ ପ୍ରଥା ଓ ରାଜ୍ୟରେ କୃଷିଭିତିକ ଶିଳ୍ପ କରିବା କଥା ସବୁ ଆଦି ବିଫଳ ହୋଇଛି । ଠିକ୍ ସେହିଭଳି ଭାବରେ ୨୦୧୪ ମସିହା ପୂର୍ବରୁ ଏବଂ ପରେ କେନ୍ଦ୍ର ବିଜେପି ସରକାର ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଦେଶର କୃଷକ, ଶ୍ରମିକ, ଯୁବକ, ମହିଳା, ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦ୍ୟେଶରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ସବୁ ଆଜି ମିଛ ପ୍ରତିଶ୍ରୁତି ବୋଲି ପ୍ରମାଣିତ ହୋଇସାରିଲାଣି । ଏପରିକି ଦରଦାମ୍ ଆଜି ଆକାଶ ଛୁଆଁ, ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ମୂଲ୍ୟ ପାଖାପାଖି ୨୦୧୪ ମସିହା ତୁଳନାରେ ୨ଗୁଣା ବୃଦ୍ଧି ପାଇଛି । ଲୋକମାନଙ୍କର ରୋଜଗାର, ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ଯୋଗୁଁ ବହୁମାତ୍ରାରେ କମିଯାଇଛି । ଭାରତ ବର୍ଷରେ ନୂଆ ଶିଳ୍ପ ପ୍ରତିଷ୍ଠା ପରିବର୍ତେ ୬୬ ଲକ୍ଷରୁ ଅଧିକ ଛୋଟ ଏବଂ ଅଣୁ କ୍ଷୁଦ୍ର ଏବଂ ମଧ୍ୟମ ଧରଣର ଶିଳ୍ପ କାରଖାନାରେ ତାଲା ପଡ଼ିଯାଇଛି । ୬ କୋଟିରୁ ଅଧିକ ଲୋକ ଗରୀବ ସୀମାରେଖା ମଧ୍ୟକୁ ଚାଲିଯାଇଛନ୍ତି । କିନ୍ତୁ ବିଗତ ଦିନରେ ରାଜ୍ୟରେ କଂଗ୍ରେସ ସରକାର ଥିଲାବେଳେ ରାଜ୍ୟରେ ପାରାଦ୍ୱୀପ ବନ୍ଦର ଠାରୁ ଆରମ୍ଭ କରି ମହାନଦୀ ନଦୀ ବନ୍ଧ ଯୋଜନ, ଜଳ ବିଦ୍ୟୁତ ପ୍ରକଳ୍ପ, କୋଇଲାରୁ ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ, ସ୍କୁଲ, କଲେଜ ଓ ୟୁନିଭରସିଟର ପୂର୍ଣ୍ଣାଙ୍ଗ ସ୍ଥାୟୀ ସରକାରୀ ଶିକ୍ଷକ ନିଯୁକ୍ତି ସହିତ ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜିଲ୍ଲା ସଦରମହକୁମାରେ ଚିକିତ୍ସାଳୟ ଠାରୁ ଆରମ୍ଭ କରି ପଂଚାୟତ ସ୍ତରରେ ମାତୃମଙ୍ଗଳ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା । ଓଡ଼ିଶାର ବିକାଶ ଏ ଦୁଇ ଦଳର ଅନୁଚୀନ୍ତା ନୁହେଁ । ଏହି ୨ ରାଜନୈତିକ ଦଳର ଓଡ଼ିଶାର କୃଷକ, ଛାତ୍ର, ଯୁବକ, ମହିଳାମାନେ ଶାନ୍ତି, ସୁରକ୍ଷା ସହିତ ଅର୍ଥନୈତିକ କ୍ଷେତ୍ରରେ ପ୍ରଗତି କରନ୍ତୁ ବୋଲି ତାଙ୍କର ନିଷ୍ଠା ନାହିଁ । ମହିଳାମାନଙ୍କର ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ଓ ନିଯୁକ୍ତି ଏବଂ ସର୍ବପରୀ ଭାରତ ବର୍ଷର ସର୍ବଶ୍ରେଷ୍ଠ ପଦପଦବୀ ତଥା ରାଜ୍ୟର ସର୍ବଶ୍ରେଷ୍ଠ ପଦରେ କଂଗ୍ରେସ ସରକାର ସମୟରେ ବହୁ ମହିଳା ରହିଛନ୍ତି । ରାଜ୍ୟରେ କଂଗ୍ରେସ ପ୍ରତିଷ୍ଠା ହେଲେ ରାଜ୍ୟର ଯୁବକ, କୃଷକ, ଶ୍ରମିକ, ମହିଳା ଓ ବିଶେଷ କରି ଆଦିବାସୀ, ଅନୁସୂଚିତ ଜାତି, ପଛୁଆବର୍ଗ ଓ ସଂଖ୍ୟାଲଘ ବର୍ଗଙ୍କର ବିକାଶ ପ୍ରତି ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରିବ । ରାଜ୍ୟକୁ ଏକ ବିକାଶଶୀଳ ରାଜ୍ୟରେ ପରିଣତ କରିବୁ । ଓଡ଼ିଶାବାସୀ ବିଚାର କରନ୍ତୁ ୨ ଦଶନ୍ଧି ଏକ ଛୋଟ ସମୟ ନୁହେଁ । ଏହି ସମୟ ଭିତରେ ରାଜ୍ୟ ସରକାର ରାଜ୍ୟର ବିକାଶ ପାଇଁ ଛୁଟିଁ କାରଖାନାଟିଏ କରିନାହାନ୍ତି । କିନ୍ତୁ ୨୩ ବର୍ଷର ମହାଦୁର୍ନୀତିର ଚିଠା ଦେଇଛୁ ।

## ବଲାଙ୍ଗୀର କୁଲତା ସମାଜର ନୁଆଖାଇ ଭେଟଘାଟ

ବଲାଙ୍ଗୀର,୨୫/୦୯ (ନି.ପ୍ର): ସ୍ଥାନୀୟ ପେଲେସଲାଇନ ସ୍ଥିତ ମୀନା ଟେଂଟ ହାଉସ ପ୍ରାଙ୍ଗଣରେ ବଲାଙ୍ଗୀର କୁଲତା ସମାଜର ନୁଆଖାଇ ଭେଟଘାଟ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସର୍ବପ୍ରଥମେ ମା' ରଣେଶ୍ୱର ରାମଚଣ୍ଡିଙ୍କ ପୂଜାର୍ଚ୍ଚନା କରାଯାଇଥିଲା । କୁଲତା ସମାଜର ସଭାପତି ରବିନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ନୁଆଖାଇ ଭେଟଘାଟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସମ୍ମାନିତ ଅତିଥି ଭାବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଉପଦେଷ୍ଟା ନାରାୟଣ ସାହୁ, ପୁଇଁନ୍ତଲା ବ୍ଲକ ଅଧ୍ୟକ୍ଷ ସରୋଜ ପ୍ରଧାନ, ଦେଓଗାଁ ତହସିଲଦାର ଯୁଗଲ କିଶୋର ବିଶ୍ୱାଳ, ଜିଲ୍ଲା କୁଲତା ସମାଜ ସଭାପତି ବେଲାର ସିଂ ଭୋଇ, ଯୁବ ସଂଗଠକ ସୁଦର୍ଶନ ସାହୁ, ସଂପାଦକ ବିଦେଶୀ ପ୍ରଧାନ ଯୋଗଦେଇ କୁଲୁତା ସମାଜର ସମଗ୍ରିକ ବିକାଶ ଦିଗରେ ସମସ୍ତେ ଏକ ହୋଇ କାର୍ଯ୍ୟ କରିବାକୁ ମତ ଦେଇଥିଲେ । ଅଜିତ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କାର୍ଯ୍ୟକ୍ରମକୁ ମଧୁ ସାହୁ ଓ ପ୍ରିୟାଲ ପ୍ରଧାନ ସଂଯୋଜନା କରିଥିଲେ । ଏହି ଭେଟ୍‌ଘାଟ ଅବସରରେ ସମାଜର ପ୍ରଥମ ସଭାପତି ଗୋପବନ୍ଧୁ ବିଶ୍ୱାଳଙ୍କୁ କୃଳ ପ୍ରତିଭା ସମ୍ମାନ, ସୁରଥ ପ୍ରଧାନଙ୍କୁ ପ୍ରେରଣା ସ୍ମୃତି ସମ୍ମାନ, ସଂଜିବ ସାମଲଙ୍କୁ ଯୁବ ପ୍ରତିଭା ସମ୍ମାନ,ଏମ୍‌ବିବିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଗାୟତ୍ରି ପାତ୍ର, ଉମେଶ ଚନ୍ଦ୍ର ଗଡତ୍ୟା, ଭେଟ୍‌ଘାଟରେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ଡା. ଆକାଶ ପ୍ରଧାନ, ସୁବାଷ ବିଶ୍ୱାଳ ଓ ଜରୁରୀ ସମୟରେ ରକ୍ତଦାନ କରିଥିବା ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷାରେ ସଫଳତାର ସହ କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ରାହସ ବିହାରୀ ମାଝି ଓ ବୁଢୁ ପ୍ରଧାନ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରିଥିଲେ ।

## ମହେଶ୍ୱରପୁରରେ ଗ୍ରାମୀଣ ଫୁଟବଲ ଟୁର୍ଣ୍ଣାମେଂଟ : ରଞ୍ଜନ ସୁପରଷ୍ଟାର ପତଳା ଚମ୍ପିୟାନ

ଚମ୍ପୁଆ,୨୫/୦୯ (ନି.ପ୍ର): ଚମ୍ପୁଆ ବ୍ଲକ ରଜିଆ ପଂଚାୟତ ଅନ୍ତର୍ଗତ ମହେଶ୍ୱରପୁର ଗ୍ରାମରେ ନନସେନ୍ସ କ୍ଲବ ଆନୁକୂଲ୍ୟରେ ଗ୍ରାମୀଣ ଫୁଟବଲ ଟୁର୍ଣାମେଂଟ ଅନୁଷ୍ଠିତ ହୋଇଯାଇଛି ଓ ଏହି ଟୁର୍ଣ୍ଣାମେଂଟରେ ଦୂର ଦୁରାନ୍ତରୁ ଆସିଥିବା ୧୬ ଟି ଆଂଚଳିକ ଦଳ ଅଂଶଗ୍ରହଣ କରିଥିବାବେଳେ ରଞ୍ଜନ ସୁପରଷ୍ଟାର ପତଳା ଓ ଏସବି ନୂଆଗାଁ ମଧରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ରଞ୍ଜନ ସୁପରଷ୍ଟାର ପତଳା ଦଳ ଏସବି ନୂଆଗାଁ ଦଳକୁ ୧-୦ରେ ହରାଇ ଚମ୍ପିୟାନ ବିବେଚିତ ହୋଇଥିଲା ଏବଂ ସେମି ଫାଇନାଲରେ ଶଶାଙ୍ଗ ଦଳ ଯଥାକ୍ରମେ ତୃତୀୟ ସ୍ଥାନ ଅଧିକାର କରିଥିଲା ଓ ଏହି ଖେଳକୁ ଦେଖିବା ପାଇଁ ଆଖପାଖ ଅଂଚଳର ଶତାଧିକ ଦର୍ଶକଙ୍କ ସମାଗମ ହୋଇଥିଲା । ଖୁବ ଚମତ୍କାର ଢଙ୍ଗରେ ନିଜର ଶ୍ରେଷ୍ଠତ୍ୱ ଖେଳ ଦେବାକୁ ଚେଷ୍ଟା କରିଥିଲେ ପ୍ରତ୍ୟେକ ଦଳ ଏବଂ ଖେଳାଳି ଓ ଅନୁଷ୍ଠିତ ଏହି ଫୁଟବଲ ଟୁର୍ଣ୍ଣାମେଂଟରେ ମୁଖ୍ୟ ଅତିଥି ଭାବେ ରଜିଆ ଗ୍ରାମ ପଂଚାୟତ ସମିତି ସଭ୍ୟ ପରମେଶ୍ୱର ନାଏକ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ତ୍ରିନାଥ ମହାନ୍ତ, ସମାଜସେବୀ ଶୁଭେନ୍ଦୁ ମହାନ୍ତ ଯୋଗ ଦେଇଥିଲେ । ଅତିଥିମାନେ ବିଜୟୀ ଦଳକୁ ପୁରସ୍କାର ରାଶି ସହିତ ଟ୍ରଫି ପ୍ରଦାନ କରି ଉତ୍ସାହିତ କରିଥିଲେ ଓ ସମିତି ସଭ୍ୟ ଶ୍ରୀ ନାଏକ ଓ ସାମ୍ବାଦିକ ଶ୍ରୀ ମହାନ୍ତଙ୍କ ସମେତ ମଂଚାସିନ ଅତିଥିବୃନ୍ଦ ତାଙ୍କର ବ୍ୟକ୍ତବ୍ୟ ସଂକ୍ଷେପରେ ରଖି ଦର୍ଶକ ଏବଂ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ ଓ ଗ୍ରାମାଂଚଳରେ ଖେଳ ଏବଂ ଖେଳାଳିଙ୍କ ଭିତିଭୂମି କିପରି ସଦୃଢ଼ କରିହେବ ସେ ବିଷୟରେ ଅତିଥିମାନେ ଅନେକ କଥା ଆଲୋକପାତ କରିଥିବାବେଳେ ଖେଳ ପଡ଼ିଆର ଉନ୍ନତିକରଣକୁ ନେଇ ମୁଖ୍ୟଅତିଥି ନିଜର ଅଭିଭାଷଣ ରଖିଥିଲେ । ଫାଇନାଲ ଖେଳକୁ ରେଫରୀ ରାଜୁ ପୂର୍ତୀ ଶୃଙ୍ଖଳିତ ଭାବରେ ଖେଳାଇ ଥିବାବେଳେ ଭାଷ୍ୟକାର ଡେଜୁ ମହାନ୍ତଙ୍କ ଚମହାର କମେଟ୍ରି ଲୋକଙ୍କୁ ଖେଳ ଦେଖିବା ଆଗ୍ରହକୁ ଦ୍ୱିଗୁଣିତ କରିଥିଲା । ଏହି କ୍ଲବର ସଭାପତି ଅଜୁ ମହାକୁଡ଼ ଓ ସମ୍ପାଦକ ଦିଲ୍ଲୀପ ମହାନ୍ତ ପରିଚାଳନା କରିଥିବାବେଳେ ସଦସ୍ୟ ଅବିନାଶ ମହାନ୍ତ, ଗୁଡୁ ମହାନ୍ତ, ରୁପେଶ ମହାନ୍ତ, ବଂଟି ମୁଣ୍ଡା, ରାମସିଂ ମୁଣ୍ଡା, ସିକନ୍ଦର ମୁଣ୍ଡା, ବିଶୁ ମୁଣ୍ଡା, ସାଲୁକା ମୁଣ୍ଡା, ବାଗେ ମୁଣ୍ଡା, କ୍ରିଷ୍ଣା ପୂର୍ତୀ, ଦିବ୍ୟଜ୍ୟୋତି ମହାନ୍ତ ପ୍ରମୁଖଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ । ତେବେ ଗ୍ରାମାଂଚଳରେ ଟୁର୍ଣ୍ଣାମେଂଟ ମାଧ୍ୟମରେ ପିଲାଙ୍କ ଭିତରେ ଖେଳ ପ୍ରତି ଆଗ୍ରହ ସୃଷ୍ଟି କରି ପାରିଥିବାରୁ କ୍ଲବ ସଦସ୍ୟମାନଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ସାଧୁବାଦ ଦିଆଯାଇଛି ।

## ସକାଳୁ ଏହି ସବୁ ଖାଦ୍ୟ ଓ ପାନୀୟ ଗ୍ରହଣ କରିବା ଶରୀର ପାଇଁ ଭଲ

ଆମେ ସମସ୍ତେ ଜାଣନ୍ତି ଯେ ସକାଳ ଜଳଖିଆ ଶରୀର ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଡାକ୍ତରମାନେ କୁହନ୍ତି କି ଦିନର ଅନ୍ୟ ଖାଇବା ସମୟ ଅପେକ୍ଷା ସକାଳ ଖାଦ୍ୟକୁ ବେଶି ଧ୍ୟାନ ଦେବା ଉଚିତ। ସକାଳୁ ପେଟ ଭରି ଖାଇବା ସହ ପୁଷ୍ଟିକର ଖାଦ୍ୟ ଖାଇବା ଜରୁରୀ। ତେବେ ଚାଲନ୍ତୁ ଜାଣିବା ସକାଳ ଜଳଖିଆରେ ଆମେ କେଉଁ ସବୁ ଖାଦ୍ୟକୁ ସାମିଲ୍ କରିପାରିବା।

ସକାଳୁ ଅଣ୍ଡା ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଭଲ ହୋଇଥାଏ। ସକାଳୁ ସକାଳୁ ଅଣ୍ଡା ଖାଇବା ଦ୍ୱାରା ରକ୍ତରେ ଶର୍କରା ଓ ଇନ୍ସୁଲିନ୍ ସ୍ତର ଠିକ୍ ଭାବେ ବଜାୟ ରହିଥାଏ। ଅଣ୍ଡାରେ ଥିବା ଆଣ୍ଟିଅକ୍ସିଡାଣ୍ଟ୍ ବିଭିନ୍ନ ପ୍ରକାରର ଚକ୍ଷୁ ସମସ୍ୟାକୁ ଦୂର କରିଥାଏ।

କିଛି ଲୋକଙ୍କର ସକାଳୁ ଉଠି ଚା' ପିଇବାର ଅଭ୍ୟାସ ରହିଛି। ମାତ୍ର ମନେ ରଖନ୍ତୁ ଚା' ପରିବର୍ତ୍ତେ ଆପଣ କଫି ପିଇଲେ ଶରୀର ପାଇଁ ସୁସ୍ଥକର। କଫିରେ ଥିବା କଫିନ୍ ମନକୁ ପ୍ରଫୁଲ୍ଲ କରି ଦେଇଥାଏ। ସକାଳୁ ଆପଣ ସବୁଜ ଚା' ବା ଗ୍ରିନ୍ ଟି ମଧ୍ୟ ପିଇପାରିବେ। କଫିରେ ଯେତିକି ପରିମାଣରେ କଫିନ୍ ଅଛି ଗ୍ରିନ ଟି'ରେ ତାହାର ଅଧା ପରିମାଣର କଫିନ୍ ରହିଛି। ସେଥିପାଇଁ ପାରୁଛନ୍ତି ଯଦି ଗ୍ରିନ୍ ଟି ପିଅନ୍ତୁ।

ସକାଳୁ ପ୍ରୋଟିନ୍ ସେକ୍ ପିଇବା ଅଭ୍ୟାସ ରଖନ୍ତୁ। ଏହା ଶରୀର ପାଇଁ ଖୁବ୍ ଉପକାରୀ ହୋଇଥାଏ। ସକାଳ ଜଳଖିଆରେ ଆପଣ ବିଭିନ୍ନ ପ୍ରକାରର ଫଳ ସାମିଲ୍ କରିପାରିବେ। ବିଶେଷ କରି ସେଓ ଖୁବ୍ ଭଲ ହୋଇଥାଏ।



## ପୋଷା ଜୀବ ସହ ଘନିଷ୍ଠତା ହୋଇପାରେ ବିପଦପୂର୍ଣ୍ଣ!



ବିଗତ ଦଶନ୍ଧି ଭିତରେ ଗୃହପାଳିତ ପଶୁଙ୍କ ସହ ଆମର ସମ୍ପର୍କରେ ବ୍ୟାପକ ପରିବର୍ତ୍ତନ ଆସିଛି। ଏକ ଆକଳନ ଅନୁଯାୟୀ, ଆମେ ପୋଷା ଜୀବମାନଙ୍କର ଯତ୍ନ ନେବା ପାଇଁ ବର୍ଷକୁ ୩,୩୦୦ କୋଟି ଡଲାର ଖର୍ଚ୍ଚ କରୁଛନ୍ତି। ଗୃହପାଳିତ ପଶୁ ରଖିବା ଯୋଗୁଁ ମାଲିକଙ୍କୁ ଅନେକ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଲାଭ ମିଳିଥାଏ ବୋଲି ଅନେକ ଗବେଷଣାରୁ ସ୍ପଷ୍ଟ ହୋଇସାରିଛି। କିନ୍ତୁ ତା' ସହିତ ଗୃହପାଳିତ ପଶୁମାନେ ସଂକ୍ରାମକ ରୋଗର ବିପଦ ମଧ୍ୟ ଆମନ୍ତ୍ରିତ କରିଥାନ୍ତି ବୋଲି ଗବେଷକମାନେ ସତର୍କ କରାଇ ଦେଇଛନ୍ତି। ଗର୍ଭବତୀ ଓ ଦୁର୍ବଳ ପ୍ରତିରୋଧକ ଶକ୍ତି ଥିବା ଲୋକମାନେ ଏହାର ଶିକାର ହେବାର ଅଧିକ ଆଶଙ୍କା ରହିଛି। ୭୦ରୁ ଅଧିକ ପ୍ରକାର ରୋଗ ଜୀବାଣୁ ପୋଷା ଜୀବଙ୍କ ଠାରୁ ମଣିଷକୁ ସଂକ୍ରମିତ ହୋଇପାରେ।

ରୋଗ ଜୀବାଣୁଗୁଡ଼ିକ ପଶୁଙ୍କ ଲାଳ ଓ ମଳ ଦ୍ୱାରା ମନୁଷ୍ୟ ଶରୀରକୁ ସିଧାସଳଖ ସ୍ଥାନାନ୍ତର ହୋଇଥାଏ ଅଥବା ପରୋକ୍ଷ ଭାବରେ ଦୂଷିତ ଶଯ୍ୟା, ମୃତ୍ତିକା, ଖାଦ୍ୟ ବା ଜଳ ଦ୍ୱାରା ବ୍ୟାପିଥାଏ। ଆଫ୍ରିକା ଓ ଏସିଆରେ କୁକୁରମାନେ ହିଁ ଜଳାତଙ୍କ ଭଳି ରୋଗର ମୁଖ୍ୟ ବାହାକ। କୁକୁରମାନେ ସାଧାରଣତଃ 'କ୍ୟାପ୍ନୋସାଇଟୋଫାଗା' ବୀଜାଣୁକୁ ବହନ କରିଥା'ନ୍ତି ଯାହା ଘନିଷ୍ଠ ସଂସର୍ଗ ବା କାମୁଡ଼ିବା ଦ୍ୱାରା ବ୍ୟାପିଥାଏ। ବେଳେ ବେଳେ ଏହା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାକୁ ଜନ୍ମ ଦେଇଥାଏ। ସେହିପରି ବିରାଡ଼ିର ମଳ ଦ୍ୱାରା 'ଜିଆର୍ଡିଆସିସ', 'କ୍ୟାମ୍ପିଲୋବ୍ୟାକ୍ଟେରିଓସିସ', 'ସାଲ୍ମୋନେଲୋସିସ' ଓ 'ଟକ୍ସୋପ୍ଲାଜମୋସିସ' ପରି ରୋଗର ଜୀବାଣୁ ବ୍ୟାପିଥାଏ। ବିରାଡ଼ିମାନେ କାମୁଡ଼ିବା ଓ ରାମ୍ପୁଡ଼ିବା ଦ୍ୱାରା ସଂକ୍ରମଣ ବିସ୍ତାର ହୋଇଥାଏ। ଉଭୟ କୁକୁର ଓ ବିରାଡ଼ି ମଧ୍ୟ ମେଥିସିଲିନ୍-ପ୍ରତିରୋଧକ ବୀଜାଣୁ 'ଷ୍ଟାଫିଲୋକୋକୋସ ଔରିଅସ'ର ଗନ୍ତାଘର। ତେଣୁ ସେମାନଙ୍କ ସହ ନିବିଡ଼ ସଂସ୍ପର୍ଶରେ ଆସିବା ଦ୍ୱାରା ସାଂଘାତିକ ବିପଦକୁ ଆହ୍ୱାନ କରିବାର ଆଶଙ୍କା ରହିଛି। ତେଣୁ ଏଭଳି ପୋଷାଜନ୍ତୁଙ୍କ ସହ ଚଳପ୍ରଚଳ ବେଳେ ହାତରେ ଗ୍ଲୋଭ୍ସ ପରିଧାନ ସହ ହାତ ଧୋଇବା ଦରକାର। ଆମ ଶରୀରରେ କୌଣସି ଘାଆ ଥିଲେ, ସେମାନଙ୍କୁ ତାହା ଚାଟିବାକୁ ଦେବା ନାହିଁ। ସେହିପରି ବିରାଡ଼ିକୁ ରୋଷେଇ ଘରେ ଡିଆଁଡେଇଁ କରିବାକୁ ଦେବା ଅନୁଚିତ। ଏଥିସହ ସେମାନଙ୍କୁ ନିୟମିତ ଟିକା ଦେବା ଜରୁରୀ ବୋଲି ପଶୁ ବିଶେଷଜ୍ଞମାନେ ପରାମର୍ଶ କରିଛନ୍ତି।



## ଲୁଣିଆରେ ସାଧୀନତା ସଂଗ୍ରାମ ସଭା ଜନିତ ଗୁଳିକାଣ୍ଡର ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

ନରେଶ ରାୟ ମହାପାତ୍ର

ସେ ଦିନ ଥାଏ ୧୯୪୨ ମସିହା ସେପ୍ଟେମ୍ବର ମାସ ୧୬ ତାରିଖ । ଭାରତ ଛାଡ' ଆନ୍ଦୋଳନ ତଥା ଗାନ୍ଧିଜୀଙ୍କ 'କର ଅବା ମର' ଆହ୍ୱାନ କ୍ରମେ ତତ୍କାଳୀନ ବାଲେଶ୍ୱର ଜିଲ୍ଲାର ଭଦ୍ରକ ସବ୍ ଡିଭିଜନ ଅନ୍ତର୍ଗତ ଧାମନଗର ଥାନା ଅଧିନସ୍ଥ ଲୁଣିଆ ଗ୍ରାମ ଦୋଳ ମିଳନ ପୀଠରେ ଏକ ବିରାଟ ସାଧନତା ସଂଗ୍ରାମ ସଭା ଅନୁଷ୍ଠିତ ହୁଏ । ସଭାର ଆବାହକ ସ୍ଥାନୀୟ ଯୁବକ ମୁରଲୀଧର ପଣ୍ଡା ଥିବାବେଳେ ନିକଟବର୍ତ୍ତୀ ରାଜୁଆଳି ବିନ୍ଧା-ରାଜମୁକୁନ୍ଦପୁର ଗ୍ରାମର ବୃଦ୍ଧ ରାଧାଶ୍ୟାମ ରାୟମହାପାତ୍ର ସଭାପତି ଭାବେ ସଭାରେ ଅଧ୍ୟକ୍ଷତା କରନ୍ତି । ଫିରିଙ୍ଗି ଶାସନକୁ ବିରୋଧ କରି ଆନ୍ଦୋଳନକୁ ବ୍ୟାପକ କରିବା ସକାଶେ ସେହି ସଭାରେ ଦୃଢ ସଂକଳ୍ପ ନିଆଯାଏ । ସେଠାରେ ଥିବା ସରକାରୀ କାନ୍ଦିଆହୁଦା ଏବଂ ଉପସ୍ଥିତ ଗ୍ରାମରକ୍ଷୀମାନଙ୍କ ସରକାରୀ ପୋଷ ସବୁକୁ, ପ୍ରତୀକାତ୍ମକ ଭାବେ ପୋଡି ଦିଆଯାଏ । ସେହି ଦିନ ଠାରୁ ଏ ଅଂଚଳରେ ଆନ୍ଦୋଳନ ତୀବ୍ରତର ହେବାରେ ଲାଗେ । ଲୁଣିଆର ସାଧନତା ସଂଗ୍ରାମ ସଭାରୁ ଆରମ୍ଭ ହୋଇଥିବା ଆନ୍ଦୋଳନକୁ ପ୍ରତିହତ କରିବା ସକାଶେ ଭଦ୍ରକର ସବ୍ ଡିଭିଜନାଲ ମାଜିଷ୍ଟ୍ରେଟ୍‌ଙ୍କ ଆଦେଶ ମତେ ଧାମନଗର ଥାନା ଅଧିକାରୀ ବାରଜଣ ସଶସ୍ତ୍ର ଫୌଜ ସହିତ ସେହି ମାସ ୨୧ ତାରିଖ ଦିନ ଲୁଣିଆ ଅଭିମୁଖେ ଅଗ୍ରସର ହୁଅନ୍ତି । ଲୁଣିଆର ଅନତି ଦୂର ଶ୍ରୀ ଗଙ୍ଗାପାଟଣା ଗ୍ରାମ ନିକଟରେ ପ୍ରବାହିତ କପାଳି ନଦୀ ତୀରରେ ପହଂଚନ୍ତି । ନଦୀ ପାର ହେବା ପାଇଁ ତାଙ୍କୁ କେହି ସହଯୋଗ ନ କରିବା ହେତୁ ସେମାନେ ଅତି ଦୟନୀୟ ଅବସ୍ଥାରେ ରାତି ଉଜାଗର ହୋଇ ନଦୀକୂଳରେ ପଡି ରହନ୍ତି । ପରଦିନ ସକାଳେ ସେମାନେ ନିକଟସ୍ଥ ହାତୀଆପଡା ଠାରେ ଅତି କଷ୍ଟରେ ନଦୀ ପାର ହୋଇ ଲୁଣିଆ ଆଡକୁ ମାଡି ଚାଲନ୍ତି । ଇତ୍ୟବସରରେ ପୋଲିସ୍ ଫୌଜ ଆଗମନର ସତର୍କ ସୂଚନା ଲୁଣିଆ ସଭାର ପୂର୍ବ ଘୋଷଣା ଅନୁସାରେ ଶଙ୍ଖଧ୍ୱନୀ ମାଧ୍ୟମରେ ଗ୍ରାମରୁ ଗ୍ରାମକୁ ପ୍ରସାରିତ ହେବାରେ ଲାଗିଥାଏ । ଆନ୍ଦୋଳନକାରୀ ପୋଲିସ ଆଗମନର ସୂଚନା ପାଇବା ସଙ୍ଗେ ସଙ୍ଗେ ଠେଙ୍ଗା ବାହୁଙ୍ଗି ଧରି ପୋଲିସ୍ ଆସୁଥିବା ଦିଗକୁ କ୍ଷୀପ୍ର ଗତିରେ ଯାଇ ସେମାନଙ୍କ ପଥରୋଧ କରନ୍ତି । ଫୌଜ ସେଠାରୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଆନ୍ଦୋଳନକାରୀ ସେମାନଙ୍କୁ ପ୍ରବର୍ତ୍ତାଇ ବିଫଳ ହୁଅନ୍ତି । ପୋଲିସ୍ ଗିରଫଦାରୀ ଓ କଠୋର କାର୍ଯ୍ୟାନୁଷ୍ଠାନର ଭୟ ପ୍ରଦର୍ଶନ ପୂର୍ବକ ଆଗକୁ କରିବା ଯାଆନ୍ତି । କର୍ଦ୍ଦମାକ୍ତ ପଥରେ ପୋଲିସଙ୍କ ଚାଲିବାରେ ଅସୁବିଧାର ସୁଯୋଗ ନେଇ ସମବେତ ଆନ୍ଦୋଳନକାରୀଙ୍କ ମଧ୍ୟରୁ କେତେ ଜଣ ନିର୍ଭିକତା ତଥା ଚତୁରତାର ସହ ସେମାନଙ୍କୁ ବେଢି ଯାଇ ସେମାନଙ୍କ କାନ୍ଧରୁ ବନ୍ଧୁକ ସବୁ ଅକ୍ତିଆର କରି ନେବାରେ ସମର୍ଥ ହୁଅନ୍ତି । ଏଥିରେ ଫୌଜ ବିଚଳିତ ହୋଇ ଆନ୍ଦୋଳନକାରୀଙ୍କ ସହ ଛଳନାପୂର୍ଣ୍ଣ ବନ୍ଧୁତ୍ୱ ସ୍ଥାପନ କରନ୍ତି । ସେମାନେ ଏଇ ଭାରତର ସନ୍ତାନ; ମାତ୍ର ପରିବାର ପ୍ରତିପୋଷଣ ନିମିତ ଚାକିରି କରିଥିବାରୁ ସରକାରୀ ଆଦେଶରେ ଏଠାକୁ ଆସିଛନ୍ତି ବୋଲି କହି ଆନ୍ଦୋଳନକାରୀଙ୍କ ନିକଟରେ ନିଜର ଅସାମର୍ଥ୍ୟତା ପ୍ରକାଶ କରନ୍ତି । ତାଙ୍କର କୌଣସି ମନ୍ଦ ଉଦ୍ଦେଶ୍ୟ ନାହିଁ ଏବଂ ସେମାନେ ବନ୍ଧୁକ ଫେରି ପାଇଲେ ପ୍ରତ୍ୟାବର୍ତ୍ତନ କରିବାର ପ୍ରତିଶ୍ରୁତି ଦିଅନ୍ତି । ନିଜର ନିରିହତା ପ୍ରକାଶ କରି ଆନ୍ଦୋଳନକାରୀଙ୍କ ବିଶ୍ୱାସ ଭାବେ ହେବା ପାଇଁ ଚେଷ୍ଟା କରନ୍ତି । ସରଳ ମନା ଆନ୍ଦୋଳନକାରୀ ପୋଲିସଙ୍କ ଚାଟୁଳ କଥାରେ ଭଳିଯାଇ ସେମାନଙ୍କୁ ବନ୍ଧୁକ ପ୍ରତ୍ୟର୍ପଣ କରିଦିଅନ୍ତି । ଏଥି ସହିତ ଆନ୍ଦୋଳନକାରୀ ଫୌଜଙ୍କ ପ୍ରତି ବନ୍ଧୁଭାବାପନ୍ନ ହୋଇ ସେମାନଙ୍କ ପ୍ରତ୍ୟାବର୍ତ୍ତନ ପଥରେ ଭଲ ବାଟ ଦେଖାଇଦେବା ନିମିତ ସହଯାତ୍ରୀ ହୁଅନ୍ତି । ସେମାନେ ଲୁଣିଆ ସନ୍ନିକଟ ଖପରପଦା ଗ୍ରାମ ନିକଟ ଏକ ପ୍ରାନ୍ତର ପାର୍ଶ୍ୱସ୍ଥ ଗଛବୁଦା ଅନ୍ତରାଳରେ ଥିବା ସୁବିଧାଜନକ ନିରାପଦ ସ୍ଥାନକୁ ଝପଟି ଯାଇ ବିନା ସଙ୍କେତରେ ଜନତାଙ୍କ ଉପରକୁ ଗାଳି ଚାଳନା କରନ୍ତି । ଏହା ଥାଏ ୧୯୪୨ ମସିହା ସେପ୍ଟେମ୍ବର ମାସ ୨୨ ତାରିଖ ସକାଳ ୮ଟା ୫ ମିନିଟ୍ ସମୟ । ବିଶ୍ୱାସ ଘାତକ ନିଷ୍ଠୁର ଫୌଜଙ୍କ ଅପ୍ରତ୍ୟାଶିତ ଗୁଳି ଚାଳନାର ପ୍ରଥମ ଗୁଳି ଚୋଟରେ ରାଜୁଆଳିବିନ୍ଧା -ମୁକୁନ୍ଦପୁରର ନିଧି ମହାଳିକ ଟଳି ପଡନ୍ତି । ପରେ ପରେ ଟଳି ପଡିନ୍ତି ରାଜୁଆଳିବିନ୍ଧାର ଶ୍ୟାମ ମହାଳିକ, ରାଜୁଆଳିବିନ୍ଧା-ମୁକୁନ୍ଦପୁରର କୃଷ୍ଣ ମହାଳିକ, ପଥରଡିହର ଗୋପିନାଥ ଜେନା ଓ ଚିନ୍ତାମଣି ଦାସ, ଲୁଣିଆର ଶଙ୍କର ବେହେରା ଓ ଅଗଣି ସାହୁ, ଶୁଶୁଆ ଗ୍ରାମର ଗୌରୀ ଜେନା ଏବଂ କାଶିନ୍ଦପୁରର ନବକିଶୋର ନାୟକ । ଏହି ନଅ ଜଣ ସହିଦଙ୍କ ବ୍ୟତୀତ ଚନ୍ଦ୍ର ମହାଳିକ ଓ ବଂଶୀଧର ପଣ୍ଡାଙ୍କ ସହିତ ଆହୁରି ଷୋଳ ଜଣ ସଂଗ୍ରାମୀ କ୍ଷତାକ୍ତ ହୁଅନ୍ତି। ଗୁଳିକାଣ୍ଡ ସ୍ଥଳରେ ଆର୍ତ୍ତଚିତ୍କାର ସହ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇ ଉଠେ । ସମବେତ ଆନ୍ଦୋଳନକାରୀ ଛତ୍ରଭଙ୍ଗ ଦିଅନ୍ତି । ପରଦିନ ସହିଦମାନଙ୍କର ମରଶରୀର ଭଦ୍ରକ ଡାକ୍ତରଖାନାରେ ବ୍ୟବଚ୍ଛେଦ ହେବା ପରେ ସେମାନଙ୍କୁ ଏକ ବିଶାଳ ଶୋଭାଯାତ୍ରାରେ ନିଆଯାଇ ଭଦ୍ରକ ଗୋଶାଳା ନିକଟବର୍ତ୍ତୀ ଶ୍ମଶାନରେ ସତ୍କାର କରାଯାଏ।

ଗୁଳିକାଣ୍ଡ ଘଟଣା ପାଇଁ ଲୁଣିଆରେ ଅନୁଷ୍ଠିତ ସାଧିନତା ସଂଗ୍ରାମ ସଭାର ସଂଗଠକ ସର୍ଦ୍ଦାର ସୁରଲୀଧର ପଣ୍ଡା ଓ ସଭାର ସଭାପତି ସତ୍ୟାଗ୍ରହୀ ରାଧାଶ୍ୟାମ ରାୟମହାପାତ୍ରଙ୍କୁ ଶାରୀରିକ ନିର୍ଯାତନା ସହ ଗିରଫ କରାଯାଏ । ରାଧାଶ୍ୟାମ ବାବୁ ସଭାର ସଭାପତି ହୋଇଥିବାରୁ ତାଙ୍କୁ ପ୍ରଥମ ମୁଦାଲା କରାଯାଇ ସଙ୍ଗିନ ଦଫାରେ ମାମଲା ରୁଜୁ ହୁଏ । ମିଶଲରେ ବିଚାର ବେଳେ ମାଜିଷ୍ଟ୍ରେଟ୍ ତାଙ୍କୁ ନିଜର ଦୋଷ ସ୍ୱୀକାର ସହ କ୍ଷମାପ୍ରାର୍ଥୀ ହେଲେ ଛାଡି ଦେବାର ସର୍ତ୍ତ ଆରୋପ କରନ୍ତି । ରାଧାଶ୍ୟାମ ବାବୁ ମାତୃଭୂମିର ସ୍ୱାଧିନତା ହାସଲ ପାଇଁ ନିଜର ପ୍ରାଣ ଉତ୍ସର୍ଗ କରିବେ ସିନା, ପ୍ରାଣଭିକ୍ଷା କରିବେ ନାହିଁ ବୋଲି ଦୃଢତାର ସହି ଦମ୍ଭୋକ୍ତି ପ୍ରକାଶ କରନ୍ତି । ଶେଷରେ ତାଙ୍କୁ ଓ ମୁରଲୀଧର ପଣ୍ଡାଙ୍କଲୁ ଛଅ ମାସ ଲେଖାଏଁ କାରାଦଣ୍ଡାଦେଶ ସହ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଏ । ଉଭୟ ଭଦ୍ରକ ଉପକାରାଗାରରେ ବନ୍ଦୀଜୀବନ ଅତିବାହିତ କରନ୍ତ।

'ଭାତର ଛାଡ' ଆନ୍ଦୋଳନରେ ଲୁଣିଆଠାରେ ଅନୁଷ୍ଠିତ ସଭାଜନିତ ଗୁଳିକାଣ୍ଡ ସ୍ଥାନର ନାମ 'ସହିଦ୍ ନଗର' ହୋଇ ଥିବା ବେଳେ ସଂଗ୍ରାମୀ ସହିଦଙ୍କ ରକ୍ତରେ ରଞ୍ଜିତ ସ୍ଥଳରେ ଏକ ସ୍ମୃତିସ୍ତମ୍ଭ ନିର୍ମିତ ହୋଇଅଛି । ଗୁଳିକାଣ୍ଡର ସ୍ମାରକୀ ଦିବସରେ ସଂଗ୍ରାମୀ ସହିଦ୍‌ମାନଙ୍କୁ ସ୍ମୃତି ଶ୍ରଦ୍ଧାଞ୍ଜଳି ।

ରାଜମୁକୁନ୍ଦପୁର, ଅର୍ଣ୍ଣପାଳ, ଭଦ୍ରକ
ମୋ: ୭୦୦୮୪୫୩୧୦୩

## ଥଣ୍ଡା, ଛିଙ୍କରୁ ରକ୍ଷା ପାଇବାର ଘରୋଇ ଉପଚାର



ପିଲାଠାରୁ ବଡ଼ ସମସ୍ତେ ଥଣ୍ଡା ରୋଗରେ ଆକ୍ରାନ୍ତ ହୁଅନ୍ତି । ଏ ବାବଦରେ ସଚେତନ ରହିବା ସତ୍ତ୍ୱେ ଥଣ୍ଡା ସଂକ୍ରମଣରୁ ରକ୍ଷା ପାଇବା ଏତେ ସହଜ ହୋଇନଥାଏ । ତେବେ ଔଷଧ ଖାଇବା ପୂର୍ବରୁ କୋଟୋଟି ଘରୋଇ ଉପଚାର କରିନେବା ଭଲ ।

ସକାଳୁ ନାକ ବନ୍ଦ ହୋଇ ବାରମ୍ବାର ଛିଙ୍କ ହେଉଥିଲେ, ପ୍ରଥମେ ମିଶ୍ରି, ଅଦା ତେଜପତ୍ର ଫୁଟା ଉଷୁମ ପାଣି ପିଇନ୍ତୁ । ପରେ ଜଳଖିଆ ଖାଇବା ଉଚିତ । ଏହି ଉଷୁମ ପାଣି ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଥଣ୍ଡାରୁ ରକ୍ଷା କରେ ।

ମହୁ, ଆୟୁର୍ବେଦରେ ମହୁକୁ ଅମୃତ ଭାବେ ବର୍ଣ୍ଣନା କରାଯାଇଛି । ଶୁଦ୍ଧ ମହୁ ପିଲାଙ୍କୁ ଖୁଆଇବା ଖୁବ୍ ହିତକାରୀ। ଅନ୍ୟପାଖେ ଶୀତଦିନେ ରାତିବେଳା ଭୋଜନ ପରେ ୧ ଗିଲାସ ନଖ ଉଷୁମ ଖିରରେ ୧ଚାମଚ ଶୁଦ୍ଧ ମହୁ ମିଶାଇ ପିଇଲେ ତାହା ଥଣ୍ଡାରୁ ରକ୍ଷା କରେ । ଯୁବବର୍ଗ ଓ ବୟସ୍କ ନିୟମିତ ଭାବେ ଏଇ ପାନୀୟ ପିଇଲେ ହଜମ ଶକ୍ତି ମଧ୍ୟ ଭଲ ଭାବେ ହୁଏ । ପ୍ରାୟ ୫ହଜାର ବର୍ଷ ପୂର୍ବେ ହିଁ ଅଁଳାର ବ୍ୟବହାର ହୋଇଥିବାର ବିଶେଷଜ୍ଞ ଦଳ ପ୍ରକାଶ କରିଛନ୍ତି । ଥଣ୍ଡା, ଛିଙ୍କ କବଳରୁ ରକ୍ଷା ପାଇବାକୁ ଚାହୁଁଥିଲେ ସକାଳ ଓ ସନ୍ଧ୍ୟାରେ ଅଁଳା ଫଳ ଖାଆନ୍ତୁ । ନଚେତ ଅଁଳା ଗୁଣ୍ଡ ମଧ୍ୟ ନଖ ଉଷୁମ ପାଣିରେ ଖାଇଲେ ତାହାର ଉତ୍ତମ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼େ ।

## ବାସ୍ତୁ ଶାସ୍ତ୍ରରେ ଦୂର କରାନ୍ତୁ ନକାରାତ୍ମକ ଶକ୍ତି

ଆମ ପରମ୍ପରାରେ ବାସ୍ତୁଶାସ୍ତ୍ରକୁ ଯଥେଷ୍ଟ ମାତ୍ରାରେ ଗୁରୁତ୍ୱ ଦିଆଯାଉଛି । ଆଜିକାଲି ଅଧିକାଂଶ ଲୋକେ ବାସ୍ତୁଶାସ୍ତ୍ରର ନିୟମ ଅନୁସାରେ ଘର ତିଆରି କରୁଛନ୍ତି । ବାସ୍ତୁବିତ୍ ଦୀକ୍ଷା ରାଠିଙ୍କ ମତରେ କେତେକ ଦିଗ ପ୍ରତି ସାମାନ୍ୟ ଦୃଷ୍ଟି ଦେଲେ ଘରୁ ନକରାତ୍ମକ ଶକ୍ତି ଦୂର ହୋଇଯିବ । ଘରର ମୁଖ୍ୟ ଦ୍ୱାର ସଫାସୁତୁରା ରଖିବା ଉଚିତ ମୁଖ୍ୟ ଦୁଆର ଏଭଳି ଭାବରେ ବତୀ ଲଗାଯିବା ଦରକାର ଯେ ତାହା ଉଜ୍ଜ୍ୱଳ ଆଲୋକ ପ୍ରଦାନ କରୁଥିବା । ଏହି ବତୀ ଖରାପ ହେଲେ ତୁରନ୍ତ ପରିବର୍ତ୍ତନ କରିବା ଜରୁରୀ । ପ୍ରବେଶ ଦୁଆରରେ କାଠର କବାଟ ରହିଲେ ସକାରାତ୍ମକ ଶକ୍ତି ଉତ୍ପନ୍ନ ହୁଏ । ଏହା ସାମାନ୍ୟ ଉଚ୍ଚତାରେ ରହିଲେ ଅଧିକ ଭଲ ପ୍ରଭାବ ପକାଇଥାଏ । ମୁଖ୍ୟ ଦୁଆରର କାନ୍ଥରେ ଗଣେଶଙ୍କ ଷ୍ଟିକର କିମ୍ବା ଚିତ୍ରାଙ୍କନ କରିବା ପରିବାର ସଦସ୍ୟଙ୍କ ଉପରେ ଖୁବ୍ ଶୁଭଫଳ ପକାଇଥାଏ । ଅନ୍ୟ ଏକ କଥା ମଧ୍ୟ ଧ୍ୟାନପରେ ରଖିବା ଉଚିତ, ଘର ବାଲକୋନି କିମ୍ବା ଛାତ ଉପରେ ଫୁଲଗଛ ରଖିଥିଲେ, ଶୁଖିଲା ଫୁଲଗଛକୁ ଫିଙ୍ଗିଦିଅନ୍ତୁ । ଏହି କାରଣରୁ ମଧ୍ୟ ଘରେ ନକାରାତ୍ମକ ଶକ୍ତି ଉତ୍ପନ୍ନ ହୋଇଥାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନିର୍ଦ୍ଧାରଣ..

ଏକ ଦେଶର ଅଧିବାସୀମାନଙ୍କ କଲ୍ୟାଣ ପାଇଁ ଯୋଜନାମାନ ଏବଂ ବିକାଶ ନିମନ୍ତେ ଜନଗଣନା ନିତାନ୍ତ ଆବଶ୍ୟକ। କାରଣ, ଦେଶର ପ୍ରକୃତ ଲୋକଙ୍କ ସଂଖ୍ୟା ଜାଣିବା ସଙ୍ଗେ ସଙ୍ଗେ ସେମାନଙ୍କର ଅବସ୍ଥା ନିର୍ଦ୍ଧାରଣ କରିବାପାଇଁ ରାଜ୍ୟଗୁଡ଼ିକର ଲୋକସଭା ନିର୍ବାଚନ ମଣ୍ଡଳୀର ସୀମାକୁ ଲୋକସଂଖ୍ୟା ଅନୁସାରେ ପୁନଃନିର୍ଦ୍ଧାରଣ କରି ବ୍ୟବସ୍ଥାପିକାରେ ସେମାନଙ୍କର ଉପଯୁକ୍ତ ପ୍ରତିନିଧିତ୍ୱ ହୋଇପାରିବା ଭଳି ବ୍ୟବସ୍ଥା କରିବାକୁ ସରକାରଙ୍କୁ ସୁଯୋଗ ପ୍ରଦାନ କରିଥାଏ। ତେଣୁ ଏସବୁ କାର୍ଯ୍ୟ କ୍ୱଚିତ୍ ରାଜନୀତିକ ଉଦ୍ଦେଶ୍ୟ ବା ପରିଣତିଠାରୁ ଦୂରରେ ରହି ପାରିଥାଏ। ଭାରତରେ କିଛି ନିର୍ବାଚନ ମଣ୍ଡଳୀ ରହିଛି, ଯାହାର ଲୋକସଂଖ୍ୟା ଗୋଟିଏ ଗୋଟିଏ ଦେଶଠାରୁ ମଧ୍ୟ ଅଧିକ ହୋଇଥିବା ବେଳେ ଆଉ କିଛି ରାଜ୍ୟ ରହିଛି, ଯାହାର ଲୋକସଂଖ୍ୟା ଗୋଟିଏ ବଡ଼ ସହରର ଲୋକସଂଖ୍ୟା ମଧ୍ୟ କମ୍। ଯେପରି ତେଲେଙ୍ଗାନର ମାଲକାଜଗିରି ଲୋକସଭା ନିର୍ବାଚନ ମଣ୍ଡଳୀର ଲୋକସଂଖ୍ୟା ୩୧.୫ ଲକ୍ଷରୁ ଅଧିକ ଯାହା କ୍ୱାତାରର ଲୋକସଂଖ୍ୟାଠାରୁ ମଧ୍ୟ ଅଧିକ। ସେହିପରି ଲୋକସଭାରେ ଲାକ୍ଷାଦ୍ୱୀପର ଜଣେ ମାତ୍ର ପ୍ରତିନିଧି ଅଛନ୍ତି ଯିଏକି ମାତ୍ର ୬୪ ହଜାର ଭୋଟରଙ୍କ ପ୍ରତିନିଧିତ୍ୱ କରୁଛନ୍ତି। ୧୮୮୧ ପରଠାରୁ ଭାରତ ପ୍ରତି ୧୦ ବର୍ଷରେ ଥରେ ଜନଗଣନା କାର୍ଯ୍ୟ କରି ଆସିଥିଲା ୨୦୨୦ ପର୍ଯ୍ୟନ୍ତ। କିନ୍ତୁ ମହାମାରୀ କୋଭିଡ୍-୧୯ ଯୋଗୁଁ ୨୦୨୧ ଜନଗଣନା କାର୍ଯ୍ୟ ସ୍ଥଗିତ ରଖିବାକୁ ପଡ଼ିଲା, ଯାହା ଏଯାବତ୍ ଆରମ୍ଭ ହୋଇନାହିଁ କି ୨୦୨୪ ଲୋକସଭା ନିର୍ବାଚନ ହେବା ପୂର୍ବରୁ ମଧ୍ୟ ହେବାର ସମ୍ଭାବନା ନାହିଁ, ଯେହେତୁ ଏ ସମ୍ପର୍କରେ ଲୋକସଭାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ସେପ୍ଟେମ୍ବର ୨୦ ତାରିଖରେ ଏ ସମ୍ପର୍କରେ ସୂଚନା ଦେଇସାରିଛନ୍ତି। ମୋଟାମୋଟି ୨୦୨୬ ପରେ ଜନଗଣନା କାର୍ଯ୍ୟ ସମ୍ପାଦନ ହେବା ଜଣାପଡ଼ିଛି ଏବଂ ଏହାପରେ ଆରମ୍ଭ ହେବ ସୀମାଙ୍କନ କାର୍ଯ୍ୟ। ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ସର୍ବବୃହତ୍ ଗଣତନ୍ତ୍ରରେ ଶାସକମାନଙ୍କୁ ସ୍ଥିର କରିବା କାର୍ଯ୍ୟ ଜଟିଳ ହେବା ନିଶ୍ଚିତ। ଏହି ରାଷ୍ଟ୍ରର ବିବିଧତା ଏବଂ ନିର୍ବାଚନ ମଣ୍ଡଳୀର ସୀମାଙ୍କନକୁ ନେଇ ଆପାତତଃ କେତେକ ରାଜ୍ୟବାସୀଙ୍କ ମନରେ ଅଭିଯୋଗ ଏବଂ ଅସଙ୍ଗତି ରହିବା ଭଳି ମନେହେବା ସେ ପର୍ଯ୍ୟନ୍ତ ବଜାୟ ରହିବ, ଯେ ପର୍ଯ୍ୟନ୍ତ ଏହାକୁ ବିଧିବଦ୍ଧ ଭାବରେ ଦୂରେଇ ଦିଆଯାଇ ନାହିଁ। ସମ୍ପ୍ରତି ନିର୍ବାଚନ ମଣ୍ଡଳୀଗୁଡ଼ିକର ପରବର୍ତ୍ତୀ ସୀମାଙ୍କନକୁ ନେଇ ଦକ୍ଷିଣ ଭାରତ ଆଶଙ୍କା କରିବାକୁ ଆରମ୍ଭ କରିଛି ଯେ ଏହା ପ୍ରତିନିଧିତ୍ୱ କ୍ଷେତ୍ରରେ ଅନେକ କିଛି ହରାଇବାକୁ ଯାଉଛି, କାରଣ ଯେଉଁ ସୂତ୍ର ବା ପ୍ରଣାଳୀ ଆଧାରରେ ଏହି କାର୍ଯ୍ୟ କରାଗଲେ ବି ଏହା ପାଖରେ ଭବିଷ୍ୟତରେ କମ୍ ରାଜନୀତିକ ଶକ୍ତି ରହିବ ଏବଂ କେନ୍ଦ୍ର ସରକାର ସମ୍ମୁଖରେ ଏହାର ସ୍ୱର ଉତ୍ତୋଳନ କରିବାର ସାମର୍ଥ୍ୟ କ୍ଷୀଣ ହେବ। ଦକ୍ଷିଣ ଭାରତୀୟମାନଙ୍କ ଦୃଷ୍ଟିରେ ଏହାଦ୍ୱାରା ସେମାନେ ଅନ୍ୟାୟ ଭାବରେ 'ଦଣ୍ଡିତ' ହେବେ। ଭାରତ ପୂର୍ବରୁ ମାତ୍ର ଚାରିଥର- ୧୯୫୨, ୧୯୬୩, ୧୯୭୩ ଏବଂ ଶେଷ ଥର ପାଇଁ ୨୦୦୨ରେ ସୀମାଙ୍କନ ଆୟୋଗ ଗଠନ କରିଛି। ୧୯୭୩ରେ ଧାର୍ଯ୍ୟ ହୋଇଥିବା ମୋଟ ଲୋକସଭା ଆସନ ସଂଖ୍ୟା ୫୪୫ ଏଯାବତ୍ ଅପରିବର୍ତ୍ତିତ ରହିଛି, ଯାହାର ସଂଖ୍ୟାକୁ ୧୯୫୨ରେ ୪୮୯ରୁ ସାମାନ୍ୟ ଅଧିକ ବୃଦ୍ଧି କରାଯାଇଥିଲା। ୨୦୦୨ରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଏନଡିଏ ମେଂଟ ସରକାର ଆଉ ୨୫ ବର୍ଷ ପାଇଁ ସଂସଦୀୟ ଆସନ ସଂଖ୍ୟାଗୁଡ଼ିକର ସମୀକ୍ଷା କାର୍ଯ୍ୟକୁ ବିଳମ୍ବିତ କରାଇଥିଲେ, ଠିକ୍ ଯେମିତି ୧୯୭୩ରେ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀ କରିଥିଲେ। ଏହାପରେ ଯଦିଓ ଆସାମ ଭଳି କେତେକ ନିର୍ଦ୍ଦିଷ୍ଟ ରାଜ୍ୟରେ ସୀମାଙ୍କନ କରାଯାଇଛି, ଏଥିରେ ଯଦ୍ୟପି ସୀମାଗୁଡ଼ିକର ପୁନଃଅଙ୍କନ କରାଯାଇଛି, ତେବେ ଲୋକସଭା କି ବିଧାନସଭା, କୌଣସି କ୍ଷେତ୍ରରେ ମଧ୍ୟ ଆସନ ସଂଖ୍ୟାରେ ଯୋଗ କି ବିୟୋଗ କରାଯାଇନାହିଁ। ସେହିଭଳି ୨୦୧୧ ଜନଗଣନା ଆଧାରରେ ଜାମ୍ମୁ ଏବଂ କାଶ୍ମୀର କେନ୍ଦ୍ରଶାସିତ ଅଂଚଳ କ୍ଷେତ୍ରରେ ବିଧାନସଭା ନିର୍ବାଚନ ମଣ୍ଡଳୀଗୁଡ଼ିକର ସୀମାଙ୍କନ ହୋଇଥିବାବେଳେ ଏହାର ବିଧାନସଭା ଆସନ ସଂଖ୍ୟା ୮୩ରୁ ୯୦କୁ ବୃଦ୍ଧି କରାଯାଇଛି।

# ବିପ୍ଳବୀ ଭଗତ ସିଂ



## ଅକ୍ଷୟ କୁମାର ରାଉତ

ପବିତ୍ର ବୀରଭୂମି ଭାରତ ଯାହାର ପ୍ରାଚୀନ ଐତିହ ସଂସ୍କୃତି, ଗୌରବ ସମ୍ବଳିତ, ଯେଉଁଠାରେ ଜନ୍ମ ନେଇଥିଲେ ପର୍ଶୁରାମ, ରାମ ଓ ବଳରାମ । ସେହି ପୂନ୍ୟ ଭୂମିରେ ଦେଶପ୍ରେମ ମାନବର ଏକ ମହନୀୟ ପ୍ରବୃତି । ଦେଶପ୍ରେମ ଏକ ଦିବ୍ୟ ଚେତନା । ଯେଉଁ ଦେଶ ପ୍ରେମରେ ଉଦ୍?ବୁଦ୍ଧ ହୋଇ ଚବିଶ ବର୍ଷର ସାହସୀ ଯୁବକଟିଏ ହସି ହସି ଫାଶୀଖୁଟାରେ ଝୁଲି ସହିଦ ହୋଇଗଲା ତାର ନାମ ଭଗତ୍ ସିଂ । ୧୯୦୭ ମସିହା ସେପ୍ଟମ୍ବର ମାସ ୨୭ ତାରିଖରେ

ପଞ୍ଜାବର ଲୟାଲପୁର ଜିଲ୍ଲା (ବର୍ତମାନର ପାକିସ୍ତାନ) ବଙ୍ଗାଗ୍ରାମର ସର୍ଦ୍ଦାର କିଷନ୍ ସିଂ ଓ ବିଦ୍ୟାବତୀ କୋଳ ମଣ୍ଡନ କଲେ ଦେଶ ପ୍ରେମୀ ସାହାସୀ ଭଗତ୍ ସିଂ । ଭଗତ୍ ସିଂ ଜେଜେବାପା ଅର୍ଜୁର୍ନ ସିଂ ଇଂରେଜ ଶାସନକୁ ଘୃଣା କରୁଥିଲେ । ତାଙ୍କର ପ୍ରଭାବ ପିଲାମାନଙ୍କ ଉପରେ ପଡିଥିଲା । ବିଦ୍ରୋହରେ ଯୋଗଦେଇ ସର୍ଦ୍ଦାର କିଷନ୍ ସିଂ ଓ ତାଙ୍କର ଦୁଇଭାଇ ଜେଲ୍ ଭୋଗିଲେ । ସେମାନେ ବନ୍ଦୀଶାଳାରେ ଥିବା ସମୟରେ ଭଗତ୍ ସିଂ ଜନ୍ମ ଗ୍ରହଣ କରିଥିଲେ । ଭଗତ୍ ସିଂ ପ୍ରଥମେ ଖାଲସା ସ୍କୁଲ, ପରେ ଲାହୋରର ଆଂଗ୍ଲୋବେଦିକ୍ ସ୍କୁଲରେ ପାଠ ପଢିଲେ । ସେହି ସ୍କୁଲରେ ମାଟ୍ରିକୁଲେଶନ ପାଶ୍ କରିବା ପରେ ଲାହୋର ନ୍ୟାସନାଲ କଲେଜରେ ପାଠ ପଢିଲେ । ସେ କଲେଜରେ ବିପ୍ଳବୀ ଛାତ୍ର ସୁଖଦେବ ଓ ଯଶ ପାଲଙ୍କ ସହିତ ତାଙ୍କର ପରିଚୟ ହେଲା । ଭଗତ୍ ସିଂ ନବମ ପଢୁଥିବା ସମୟରେ କାନପୁରଠାରେ ବସିଥିବା କଂଗ୍ରେସ ଅଧିବେଶନରେ ଯୋଗଦେଲେ । ୧୪ ବର୍ଷର ପିଲାଟି ଇଂରେଜ ସରକାରଙ୍କ ଅତ୍ୟାଚାର ସହି ନପାରି ପଞ୍ଜାବର ବିପ୍ଳବୀ ଦଳରେ ମିଶି ପ୍ରତିବାଦ ଆରମ୍ଭ କରିଦେଲେ । ସେ କହୁଥିଲେ ' ରକ୍ତ ବଦଳରେ ରକ୍ତ' ନ୍ୟାସନାଲ କଲେଜର ବାତାବରଣ ଥିଲା ଦେଶପ୍ରେମ ଓ ଦେଶଭକ୍ତିର ପରିବେଶ । ଏହି କଲେଜର ଉଦ୍ଦେଶ୍ୟ ଥିଲା । ସ୍ୱରାଜ୍ୟ ଲାଭ ପାଇଁ କର୍ମୀ ତିଆରି କରିବା । ଏହି କଲେଜର ଛାତ୍ରମାନେ ସରଳ ନିଡାମ୍ବର ଜୀବନଯାପନ ସାଙ୍ଗକୁ ନିଜ କାମ ନିଜେ କରୁଥିଲେ । ଦିନେ ଭଗତ୍ ସିଂ , ଯଶପାଲଙ୍କ ସାଥିରେ ରାବି ନଦୀରେ ସନ୍ଧ୍ୟା ସମୟରେ ନୌକା ବିହାର କରୁଥିଲେ । ହଠାତ୍ ଯଶପାଲ କହିଲେ ଭଗତ୍ ଆମେ ଆଜି ଉଭୟ ଦେଶ ପାଇଁ ଜୀବନ ଦେବାକୁ ପଣ କରିବା । ଭଗତ୍ ସିଂ ପ୍ରତିଜ୍ଞା କଲେ ଉଭୟ ଦେଶ ପାଇଁ ଲଢିବା, ଇଂରେଜ ଶାସନ କବଳରୁ ଦେଶକୁ ମୁକ୍ତ କରିବା । ଦେଶ ମାତୃକା ପାଇଁ ଜୀବନ ଦେଇ ଦେବା । ଉଭୟ ବନ୍ଧୁଙ୍କର ରାବି ନଦୀର ଜଳରାଶି ଉପରେ ପ୍ରତିଜ୍ଞା ଦିନେ ଫଳବତୀ ହେଲା । ପରାଧିନତାର ଶୃଙ୍ଖଳରେ ଶୋଇଥିବା ଦେଶକୁ ଉଠାଇବ କିଏ? ଭଗତ୍ ସିଂ ଓ ତାଙ୍କର କିଛି ବନ୍ଧୁ ମିଶି ' କୃଷ୍ଣ ବିଜୟ' ନାମରେ ଏକ ନାଟକ ଅଭିନୟ କଲେ । ଏହି ନିଟକରେ ଇଂରେଜମାନଙ୍କୁ କୌରବ ଓ କଂଗ୍ରେସକୁ ପାଣ୍ଡବ ଭାବରେ ବର୍ଣ୍ଣନା କରାଗଲା । ଏହି ନାଟକଟି ସରକାରଙ୍କ ବିରୋଧି ହେଲା । ଇଂରେଜ ସରକାର ନାଟକଟିକୁ ବେଆଇନ ଘୋଷଣା କଲେ । ୧୯୨୬ ମସିହାରେ ଭଗତ୍ ସିଂ ଏଫ.ଏ ପାଶ କରି ବି.ଏ ଶ୍ରେଣିରେ ନାମ ଲେଖାଇଲେ । ଏଠାରେ ପ୍ରସିଦ୍ଧ ବିପ୍ଳବୀ ଶଚୀନ୍ଦ୍ର ନାଥ ସାନ୍ୟାଲଙ୍କର ସେଥିଲେ ଅତି ବିଶ୍ୱସ୍ତ । ଶଚୀନ୍ଦ୍ର ତାଙ୍କ ବହି 'ବନ୍ଦୀ ଜୀବନ'ରେ ଭଗତ୍ ସିଂଙ୍କ ବିଷୟରେ ଲେଖିଛନ୍ତି । ଭଗତ୍ ସିଂଙ୍କ ଛାତ୍ର ଜୀବନର ପୂର୍ଣ୍ଣଚ୍ଛେଦ ପଡିଲା । ପିତା କିଷନ୍ ସିଂ ବଡ ପୁଅ ଜଗତ୍ ସିଂଙ୍କର ମୃତ୍ୟୁପରେ ବୋହୂଟିଏ ଆଣିବାକୁ ମନସ୍ତ କରିଥିଲେ । କିନ୍ତୁ ତାହା ହୋଇପାରିଲା ନାହିଁ । ଭଗତ ସିଂ ଦେଶ ମାତୃକାର ସେବା ପାଇଁ ବିବାହ ବନ୍ଧନକୁ ଆଡେଇ ଦେଇଥିଲେ । ସେ ବିଭା ହୁଅନ୍ତେ କିପରି? ଦେଶ ପାଇଁ ଜୀବନ ଦେବାକୁ ପଣ କରିଛନ୍ତି । ବିବାହ ବନ୍ଧନକୁ ଆଡେଇ ଦେଇ ନିଖୋଜ ହୋଇଗଲେ । ପିତାଙ୍କ ନିକଟକୁ ଲେଖିଥିବା ଚିଠିରେ ଦେଶ ମାତୃକାର ସେବା ଥିଲା ତାଙ୍କର ପ୍ରଧାନ ଆଭିମୁଖ୍ୟ । ଦେଶଭକ୍ତ ପିତା ଚିଠିଟି ପଢି ଖୁସିରେ ଆଖିରୁ ଦୁଇଟୋପା ଲୁହ ନିଗାଡି ଦେଇଥିଲେ । କିଛି ଦିନପରେ କିଷନ୍ ସିଂ ପୁତ୍ର ନିକଟକ ଚିଠି ଲେଖିଲେ । ଜେଜେମାଙ୍କ ଦେହ ଖରାପ ଓ ତୋତେ ବିଭାଦେବାକୁ ବାଧ କରାଯିବ ନାହିଁ । ଛମାସ ପରେ ଭଗତ୍ ସିଂ ଘରକୁ ଫେରି ଜେଜେମାର ସେବା କଲେ । ଗଙ୍ଗାନଦୀରେ ବନ୍ୟା ଆସିଥାଏ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହିତ ଭଗତ୍ ସିଂ ବନ୍ୟାଦ୍ୱାରା କ୍ଷତି ହୋଇଥିବା ଲୋକମାନଙ୍କ ସେବାରେ ଲାଗିପଡିଲେ । ଏହି ସମୟରେ ତାଙ୍କର ବିପ୍ଳବୀ ଚନ୍ଦ୍ରଶେଖର ଆଜାଦ୍‌ଙ୍କ ସହିତ କାନପୁର ଠାରେ ସାକ୍ଷାତହେଲା । ଏହି ସାକ୍ଷାତ ଏକ ଗୁରୁତ୍ୱପୂର୍ଣ୍ଣ ମୂର୍ହୁତଥିଲା । ସତେ କଣ ମଣୀକାଂଚନର ଅପୂର୍ବ ମିଳନ ଘଟିଲା । ଦଶହରା ପର୍ବ, ମା ଦୁର୍ଗାଙ୍କ ପୂଜା ଚାଲିଥାଏ । ଲାହୋରରେ 'ରାମଲୀଳା' ଉତ୍ସବରେ ଲୋକମାନଙ୍କ ଉପରେ ବୋମାମାଡ ହେଲା । ପଞ୍ଜାବ ପୋଲିସ୍ ବାହିନୀର ଅତ୍ୟାଚାରରେ ଗିରଫ ହେଲେ ୧୯ ବର୍ଷର ଭଗତ ସିଂ । ବିନାଦୋଷରେ ବନ୍ଦୀ ଜୀବନ କଟାଇଲେ ବ୍ରୋଷ୍ଟଲ ଜେଲର ଅନ୍ଧକାର ଗୃହ ମଧରେ । ମାଜିଷ୍ଟ୍ରେଟ ଷାଠିଏ ହଜାର ଟଙ୍କା ବନ୍ଧକ ଦେଇ ଜାମିନରେ ଛାଡିଦେବାକୁ ରାୟ ଦେଲେ । ତାଙ୍କର ପଇସାର ଅଭାବ ନଥିଲା । ଅନ୍ୟାୟକୁ ପ୍ରଶୟ ଦେଲେ ନାହିଁ । ଶେଷରେ ଉଚ୍ଚ ଅଦାଲତରେ ନିର୍ଦ୍ଦୋଷରେ ଖଲାସ ହେଲେ । ୧୯୨୮ମସିହାରେ ଝସାଇମନ କମିଶନ' ଭାରତ ଆସିଥିଲେ । ଏହି କମିଶନରେ ସାତଜଣ ସଭ୍ୟ କେହି ଭାରତୀୟ ନଥିଲେ । ଭାରତୀୟମାନେ ଏହାକୁ ବିରୋଧ କଲେ । ଲାଲା ଲଜପତ୍ ରାୟଙ୍କ ନେତୃତ୍ୱରେ ଲୋକମାନେ ଆନ୍ଦୋଳନ କଲେ । ବିକ୍ଷୋଭକାରୀମାନଙ୍କ ଉପରେ ପୋଲିସ୍ ସୁପରିନ୍?ଟେଣ୍ଡେଟ୍ ସ୍କଟ୍ ଓ ଯେ.ପି ସାଣ୍ଡର୍ସ ସାହେବ ଲାଠି ଚଳାଇଲେ । ଏହି ଲାଠି ମାଡରେ ଲାଲା ଲଜପତ୍ ରାୟ ୧୯୨୮ ମସିହା ନଭେମ୍ବର ୧୭ ତାରିଖରେ ପ୍ରାଣ ହରାଇଥିଲେ । ଦେଶରେ ଶୋକର ଛାୟା ଖେଳିଗଲା । ଭଗତ୍ ସିଂ କାନ୍ଦି ଉଠିଲେ । ପ୍ରତିଶୋଧ ନେବା ପାଇଁ । ହିନ୍ଦୁସ୍ଥାନ ସୋସାଲିଷ୍ଟ ରିପବ୍ଲକାନ୍ ଆର୍ମି ' ନାମକ ଏକ ସଙ୍ଗଠନ ଗଢାହେଲା । ଏଥିରେ ଚନ୍ଦ୍ରଶେଖର ଆଜାଦ୍, ସୁଖଦେବ,ଦୁର୍ଗାଦେବୀ ଓ ଭଗତ ସିଂ ଆଦି ବିପ୍ଳବୀ ଯୋଗଦେଲେ ।୧୯୨୮ ଡିସେମ୍ବର ୨୭ ତାରିଖ ଦିନ ପଞ୍ଜାବ ସଚିବାଳୟ ସାମ୍ନାରେ ଯେ.ପି ସାଣ୍ଡର୍ସ ଓ ଜଣେ ଗୋରା କନେଷ୍ଟବଳକୁ ହତ୍ୟା କରାଗଲା । ଏହାର ମୁଖ୍ୟନାୟକ ଥିଲେ ଭଗତ୍ ସିଂ । ରାଜଗୁର, ସୁକଦେବ, ଦୁର୍ଗାଦେବୀ ଓ ଭଗତ୍ ସିଂ ଛଦ୍ମବେଶରେ ପୋଲିସ୍ ଆଖିରେ ଧୂଳିଦେଇ କଲିକତା ପଳାଇଗଲେ । ଖଟିଖିଆ ଶ୍ରମିକମାନଙ୍କ ବିରୁଦ୍ଧରେ ଏକ ବିଲ୍ ବିଧାନସଭାରେ ଆଗତହେଲା । ଏହାକୁ ବିରୋଧ କରି ଭଗତ୍ ସିଂ ବିପ୍ଳବୀ ବନ୍ଧୁମାନଙ୍କୁ ନେଇ ବିଧାନସଭାରେ ଦୁଇଟି ବୋମା ପକାଇଦେଲେ । ଗୋରାସାହେବମାନେ ଜୀବନ ବିକଳରେ ପଳାଇଗଲେ । ବିପ୍ଳବୀମାନଙ୍କ 'ଇନ୍‌କିଲାବ ଜିନ୍ଦାବାଦ୍' ଧ୍ୱନିରେ ବିଧାନସଭା ପ୍ରକମ୍ପିତ ହେଲା । ଭଗତ୍ ସିଂ ଓ ଅନ୍ୟାନ୍ୟ ବିପ୍ଳବୀମାନେ ପୋଲିସ ହାତରେ ଧରାପଡି ଗିରଫ ହେଲେ । ଜେଲର ଚାରିକାନ୍ଥ ଭିତରେ ଭଗତ ସିଂଙ୍କ ଉପରେ ହେଲା ଅତ୍ୟାଚାର । ବନ୍ଦୀ ଜୀବନରେ ଭଗତ୍ ସିଂ ବହୁତ ବହି ପଢୁଥିଲେ । ୧୯୩୦ ମସିହାରେ ତିନି ବିପ୍ଳବୀ ବନ୍ଧୁ ସୁଖଦେବ ଓ ଶିବରାମ ସହିତ ଭଗତ୍ ସିଂଙ୍କୁ ଫାଶୀଦଣ୍ଡ ଆଦେଶହେଲା । ଫାଶୀ ଦଣ୍ଡ କଥା ଶୁଣି ଦେଶର ଲୋକମାନେ ଆନ୍ଦୋଳନ ଆରମ୍ଭ କରିଦେଲେ । ୧୯୩୧ ମସିହା ମାର୍ଚ୍ଚ ୩ ତାରିଖ ଦିନ ଭଗତ୍ ସିଂଙ୍କ ବାପାମାଆ ଓ ଅନ୍ୟମାନେ ଭଗତ୍ ସିଂଙ୍କୁ ଦେଖାକଲେ । ଭଗତ୍ ସିଂ ତାଙ୍କ ମାଙ୍କୁ କହିଲେ ଝ ଫାଶୀ ପରେ ମୋର ଶବକୁ ନେବା ପାଇଁ ଆସିବ ନାହିଁ । ଜଣେ ବିପ୍ଳବୀ ବୀରର ମାଆ ହିସାବରେ କାନ୍ଦିବ ନାହିଁ । ' ଏହା କହି ହସି ଉଠିଥିଲେ । ୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖ ଦିନ ଭଗତ୍ ସିଂ, ସୁଖଦେବ, ରାଜଗୁରୁଙ୍କର ଥିଲା ଶେଷ ଦିନ । ଭଗତ୍ ସିଂ କହିଲେ- ଝ ମାଜଷ୍ଟ୍ରେଟ ସାହେବ । ଆଜି ଆପଣ ନିଜ ଆଖିରେ ଦେଖିବାକୁ ସୁଯୋଗ ପାଇଛନ୍ତି ବିପ୍ଳବୀ କିପରି ନିଜ ଆଦର୍ଶ ରକ୍ଷା କରୁଛି । ହସି ହସି ମୃତ୍ୟୁକୁ ଆଲିଙ୍ଗନ କରୁଛି' ଭଗତ୍ ସିଂ ସାଥିମାନଙ୍କ ସହ ଫାଶୀ ମଂଚ ଉପରକୁ ଉଠି ପଡିଲେ । ଫାଶୀ ଦଉଡିକୁ ଚୁମ୍ବନଦେଇ ଝଇନକିଲାବ୍ ଜିନ୍ଦାବାଦ ସାମ୍ରାଜ୍ୟବାଦ ମୁର୍ଦ୍ଦାବାଦ' । ଭଗତ୍ ସିଂ ଓ ଦୁଇ ବନ୍ଧୁ ନିଜ ବେକରେ ଫାଶୀ ଦଉଡି ଗଳେଇ ଦେଇ ଘାତକୁ କହିଲେ 'ଦୟାକରି ତୁମେ ଏ ଫାଶୀକୁ ଠିକ କରିଦିଅ' । ସେଠାରେ ଥିବା ସମସ୍ତ ଗୋରା ସାହେବ ଏହି ତିନି ବନ୍ଧୁଙ୍କର ସାହସ ଦେଖି କାନ୍ଦି ପକାଇଥିଲେ । ଭାରତମାତାର ଏହି ତିନି ବୀର ଦେଶ ମାତୃକାର ଚରଣ ତଳେ ଅର୍ପିତ ହୋଇଗଲେ । ତାଙ୍କର ଆଦର୍ଶ, ଦେଶପ୍ରେମ ଓ ଆତ୍ମବଳିର ପଟାନ୍ତର ନାହିଁ । ଭଗତ୍ ସିଂ ମରି ମଧ ଆଜି ଅମର, ଆଜି ଭାରତର ମାଟି, ପାଣି,ପବନରେ ତାଙ୍କର ବଳିଦାନର ଅପୂର୍ବଗାଥା ଗୁଞ୍ଜରିତ ହୋଉଛି ଓ ଭବିଷ୍ୟତରେ ହେଉଥିବ।


ପାରାଦ୍ୱୀପଗଡ, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫


# ଆମ ଜିଲ୍ଲା ସାରା ରାଜ୍ୟକୁ ମାଦକ ଦ୍ରବ୍ୟ ଯୋଗାଇବାରେ ୧ ନମ୍ବର : ଏବେ ଗୋରୁ ଚାଲନାରେ ମଧ ଏକ ନମ୍ବର



## ସୁବ୍ରତ କର

ଆମ ଜିଲ୍ଲା ଦେଇ ଦୁଇଟି ଜାତୀୟ ସଡ଼କ ଯାଇଛି ପ୍ରାୟ ୧୨୦ କିଲୋମିଟର। ଲକ୍ଷ୍ମଣନାଥ ରୋଡ଼ଠାରୁ ଶିମୁଳିଆ ଶେଷ ପର୍ଯ୍ୟନ୍ତ ବାଂଲାଦେଶ ଏବଂ ନେପାଳରରୁ ରାଞ୍ଚ ଏବଂ କଲିକତା ହୋଇ ବାଲେଶ୍ୱରର ଜଳେଶ୍ୱରଠାରେ ପହଞ୍ଚୁଛି ସବୁ ପ୍ରକାରର ମାଦକ ଦ୍ରବ୍ୟ । ଏହିଠାରୁ ପାଇଁ ୭-ରାଜ୍ୟର ଥିବା ଜିଲ୍ଲାମାନଙ୍କର ଚାହିଦାନୁସାରେ ଏହି ମାଦକଦ୍ରବ୍ୟ ପଠା ହୋଇଥାଏ । ପୁଣି ବିଶେଷକରି ଭଦ୍ରକଆଡୁ ପଠାହୋଇଥାଏ । ପୁଣି ବିଶେଷକରି ଭଦ୍ରକଆଡୁ ପ୍ରତିଦିନ ଜିଲ୍ଲାର ଥିବା ୪-୫ଟି ଥାନା ସମ୍ମୁଖ ଦେଇ ଏବଂ ଜାତୀୟ ସଡ଼କରେ ଥିବା ଦୁଇଟି ଟୋଲଗେଟ ଦେଇ ଅତି ସହଜରେ ବାଲେଶ୍ୱର ସହରକୁ ଅତିକ୍ରମ କରେ ଏବଂ ଏହାପରେ ମଧ ୩-୪ଟି ଥାନାକୁ ବେଖାତିର କରି ରାଜ୍ୟ ଆରପାରିକୁ ଯାଉଛି । ଏହି ଘଟଣା ପ୍ରତିଦିନ ଘଟୁଛି। ଖୁବ୍ କମ୍‌ରେ ଏହି ୧୨୦ କିମିରେ ରାସ୍ତାକୁ ପାର କରିବା ୮ଟି ଥାନାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ସାଧାରଣ ଜନତାଙ୍କ କହିବା କଥା ଗାଡ଼ିଗୁଡ଼ିକ ଗୋରୁମାନଙ୍କୁ ଟ୍ରକ୍‌ରେ ଛେଳି ଭଳି ଭର୍ତ୍ତି କରି ପୁରା ଦମ୍‌ରେ ଯେତେ ଶୀଘ୍ର ହୋଇ ପାରିବ ଜିଲ୍ଲାର ଅରପାରିକୁ ପଳେଇଥାଆନ୍ତି । ସତରେ କଣ ପୁଲିସ ବାବୁମାନେ ଜାଣିପାରୁ ନାହାନ୍ତି ନା ଅନ୍ୟ କିଛି ? ଆଗରୁ ଠିକ୍ ହୋଇ ରହିଥାନ୍ତି ଯେତେବେଳେ ଗାଡ଼ି ଧରା ପଡୁଛନ୍ତି ସେମାନଙ୍କୁ ଜନସାଧାରଣମାନେ ନିଜ ନିଜ ଭିତରେର ଖବର ଦିଆ ନିଆ ହୋଇ ଧରୁଛନ୍ତି ଏବଂ ଧରିସାରିଲା ପରେ ଥାନାକୁ ଖବର ଦେଲେ ଥାନାବାବୁମାନେ ତାଙ୍କର ଦଳବଳ ଧରି ଗାଡ଼ିଟିକୁ ଧରିଥାଆନ୍ତି । ସଂପୃକ୍ତ ଲୋକମାନଙ୍କୁ ଲୋକ ଦେଖାଣିଆ ଦଉଇ ତିନିଦିନ ପୁଲିସ ହାଜତରେ ରଖି ଛାଡ଼ି ଦେଇଥାଆନ୍ତି । ଏହା ଏକ ନିତିଦିନିଆ ଘଟଣା ହୋଇଥିବାରୁ ବିଶେଷ କେହି ଗୁରୁତ୍ୱ ଦିଅନ୍ତି ନାହିଁ । ଏବେ ଏହି ଗୋରୁ ଚାଲାଣ ଭଦ୍ରବ୍ୟକ୍ତିଗଣ ଆଉ ପାଦେ ଆଗେଇ ଯାଇଛନ୍ତି । ଏବେ ସେମାନେ ଗୋରୁ ବଦଳରେର ଗୋରୁ ଚମଡ଼ା ମଧ ପଠାଇ ବ୍ୟକ୍ତ ଆରମ୍ଭ କରିଛନ୍ତି । ଗତକାଲି ଏହିପରି ଏକ ବଡ଼ ଗାଡ଼ିରେ ଗୋରୁ ଚମଡ଼ା ଭଦ୍ରକରୁ ଆସୁଥିବାବେଳେ ସୋରଠାରେ ଧରା ପଡ଼ିଛି ସାଧାରଣ ଜନତାଙ୍କ ଦ୍ୱାରା ପରେ ସେ ଗାଡ଼ିକୁ ସୋର ପୋଲିସ ଷ୍ଟେସନକୁ ନିଆ ଯାଇଛି । ଏହି ଚମଡ଼ା ମଧ କଲିକତା ଯାଉଥିଲା । ଏବେ ପ୍ରଶ୍ନ ଉଠୁଛି ଯଦି ସାଧାରଣ ଜନତା ଏହିସବୁ ଗାଡ଼ିକୁ ନିଜ ନିଜ ଭିତରେ ସମ୍ପର୍କ ରଖି ଧରିପାରୁଛନ୍ତି ତେବେ ପୋଲିସ ବାବୁ ବା ୭-୮ଟା ପୋଲିସ ଷ୍ଟେସନ ଦୁଇରୁ ତିନୋଟି ଟୋଲଗେଟକୁ ଅତିକ୍ରମ କରି ଅନ୍ୟ ରାଜ୍ୟକୁ ଯାଇପାରୁଛନ୍ତି କେମିତି ? ପ୍ରତିଦିନ ଏହିସବୁ ଖବର ଖବର କାଗଜରେ ବଡ଼ ବଡ଼ ହୋଇ ସ୍ଥାନ ପାଉଛି କିନ୍ତୁ ବଡ଼ ବଡ଼ ପୋଲିସ ବାବୁଙ୍କୁ ଜଣା କେମିତି ପଡୁନାହିଁ । ବାଲେଶ୍ୱରର ସମସ୍ତ ଜନସାଧାରଣଙ୍କ ଅନୁରୋଧ ଦୟାକରି ଏହାକୁ ବନ୍ଦ କରିବାକୁ ଚେଷ୍ଟା କରନ୍ତୁ ଆଉ ସରକାରଙ୍କୁ ଅନୁରୋଧ ଏହାପାଇଁ କଠିନ୍ ଆଇନର ବ୍ୟବସ୍ଥା କରନ୍ତୁ ।




## ରକ୍ତରେ ନିଆଁ

### ନିରଞ୍ଜନ ସାହୁ

ରକ୍ତରେ ଯେବେ ନିଆଁ ଲାଗିଯାଏ
ମାନେନା ଆକଟ ବାଡ଼
ସହିବାର ସୀମା ସବୁ ଟପିଯାଏ
ଜଳିଉଠେ ମାଂସ , ହାଡ଼ ।

ଧୈର୍ଯ୍ୟର ବି ତିନି ଲକ୍ଷ୍ମଣରେଖା
ଯଦିଓ ହୋଇଛି ଟଣା
ଏମିତି ସମୟ ଆସିଯାଏ ଧୈର୍ଯ୍ୟ
ହୋଇଯାଏ ବାଟବଣା
କଥା କହିବାଟା ଶେଷ ହେବାପରେ
ଲୋଡ଼ା ହୋଇଥାଏ ମାଡ଼ ।

ଅପେକ୍ଷାର ଅନ୍ତ ନ ହୋଇଲା ଯଦି
ମନରେ ଜନମେ ରାଗ
ସେହି ରାଗ ଯଦି ଅଧିକ ହୋଇଲା
ବଦଳଇ ପାଣିପାଗ
ଓଲଟପାଲଟ ହୋଇଯାଏ ସବୁ
କାହାକୁ ନ କରେ ଛାଡ ।

ପରିବେଶ , ପରିସ୍ଥିତି ,
ବ୍ୟବସ୍ଥାରେ
ପରିବର୍ତ୍ତନ ତ ଲୋଡ଼ା
ଜୀବନର ପଥ ସୁଗମ ନ ହେଲେ
ଚାଲୁଥିବ ଜଳାପୋଡ଼ା
ସତର୍କ ରହିକି ସୁଧାରି ନିଜକୁ
କା ' ପାଇଁ ନ ତାଡ଼ ଗାଡ ।


+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ :୯୯୩୮୭୪୧୫୮୩


## ମୁଁ ମଧବିତ୍ତ

### ଧ୍ରୁବ ଚରଣ ବେହେରା

ସେ ଅଟନ୍ତି ଜଣେ ଦେବୀ)
ଶାନ୍ତ ସ୍ନେହମୟୀ ମିଷ୍ଟ ଭାଷିନୀ ସେ
ନାରୀ ନୁହେଁ ସତେ ଦେବୀ
କଥାରେ ଯାହାର ଛୁଟେ ମଧୁଝର
ମହୟିଷୀ ସେ ମାନବୀ ।।

ସରଳତା ପ୍ରେମ ଗମ୍ଭିରତା ପଣ
ହୃଦୟରେ ଥାନ୍ତି ବହି
କି ଗୁଣ କହିବି ଶ୍ରେଷ୍ଠତାର ଶୀର୍ଷେ
ଥାଆନ୍ତି ଯେ ସଦା ରହି ।।

ଦୁଃଖୀର ଦୁଃଖକୁ ବୁଝି ସେ ପାରନ୍ତି
ନ ରଖି ମନରେ ସ୍ୱାର୍ଥ
ଅହିଂସାର ପଥେ ସେ ସତ୍ୟ ବର୍ତ୍ତିକା
ଯାହାଙ୍କ ଜୀବନ ବ୍ରତ ।।

ଲାଗୁଥାନ୍ତି ସଦା ସାବିତ୍ରୀ ଅହଲ୍ୟା
ତାରା ମନ୍ଦିଦରୀ ସତୀ
ଅବା ଯାଜ୍ଞ୍ୟସେନୀ ଯଶୋଦା ଦେବକୀ
ଆର୍ଯ୍ୟବ୍ରତ ନାରୀ କୀର୍ତ୍ତି ।।

ଉଣା କରନ୍ତିନି କେବେ ସେ ମନକୁ
ସେବା ତ୍ୟାଗ ଦାନ ଧର୍ମେ
ବିଭୁ ପାଇଁ ସତେ ତପସ୍ୟାର ଫଳେ
ଜନମିଲେ ଏହି ଭୂମେ ।।

ମଣିଷ ପଣିଆ ପରୋ ଉପକାରୀ
ଭେଦ ଭାବ ଠାରୁ ଦୂରେ
ଆପଣାର ଭାବି କରିଥାନ୍ତି କାର୍ଯ୍ୟ
ସାଲ୍ୟୁଟ୍ ମୁଁ ତାଙ୍କୁ କରେ ।।

ଅନେକ ଦିନରୁ ଭାବୁ ଥିଲି ବସି
ବଖାଣିବି ତାଙ୍କ ଗୁଣ
ସମୟ ଠୁ ପାଇ ଶିଥିଳତା ସ୍ୱର୍ଶ
କହି ନ ପାରେ ମୁଁ ରାଣ ।।

କହି ଦେଲି ଆଜି ହୃଦୟରୁ ଖୋଲି
ଜ୍ୟେଷ୍ଠ ଶ୍ରେଷ୍ଠ କବୟିତ୍ରୀ
ସାଦର ପ୍ରଣାମ ଘେନିବ ମୋର
ସାଧନାର ତୁମେ ଯାତ୍ରୀ ।।

ଶିକ୍ଷା ଯାହା ପାଇଁ ଜୀବନ ଆଧାର
ସେ ଅଟେ ମୁକ୍ତା ସମାନ
କରିବି କରିବି ସାଲ୍ୟୁଟ୍ ତାହାଙ୍କୁ
ଏହି ମୋ ଅଭିନନ୍ଦନ ।।


+ଭାରତୀୟ ସାମରିକ ସେବା
ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪


## ମୃତ୍ୟୁର ପୁନଃ ନିର୍ମାଣ

### ଆନନ୍ଦ କୁମାର ମାଇତି

ଜନ୍ମ ପରେ ଅଦ୍ୟ ଅବଧି
ବେଶ୍ କେତୋଟି ଜଣାଶୁଣା ଫଗୁଣ ଫେରିଗଲେଣି,
ସେମାନେ ଏମିତି
ଜଣକ ପରେ ଜଣେ ଫେରିବାକୁ ହିଁ ଆସନ୍ତି
ଅବିଶ୍ରାନ୍ତ ଗୋଟେ ଗୋଟେ ଦାୟିକା ଲଦି ଦେଇ।
ସେଦିନ ଶେଷ ଫଗୁଣ ଟି ଫେରୁଥିଲା,
ଉଦ୍ବେଗ ବି କମ୍ ଥିଲା,
ତେଣୁ ପୃଥିବୀର ଘୂର୍ଣ୍ଣାବର୍ତ୍ତ ଉପଭୋଗ କରିବାକୁ ଅକ୍ଷମ ହେଲାନି।
ସେ ଗଲାପରେ ଆଉ ଏକ ଫଗୁଣ ଘ୍ରାଣର ସମ୍ମୁଖୀନ ହୁଏ
ନୂଆ ଏକ ମୃତ୍ୟୁର ପ୍ରସ୍ତୁତି ଭଳି
ଫାଶୀ ଖୁଣ୍ଟରେ ଜହ୍ଲାଦର୍ ଘୃଣା,
ହାରାମୀଙ୍କର ଚିର ସୁଖ ନିଦ୍ରା
ଅନ୍ୟ ଏକ ଶାନ୍ତ ସକାଳ ଲୋଭରେ
ଅଂଶୀଦାରତ୍ୱର ବିଭାଗୀୟ ଦୌଡ଼ରେ ଯୁଝୀ ହୁଏ।
କଣ ଥିଲା, କେଉଁଠୁ ଆସିଛୁ, କଣ ମିଳିବ ?
ଧନ ଯୌବନ, ଅର୍ଥ, କ୍ଷମତା, ସମ୍ପଦ !
ଆରେ ନିଜ ମୁଷ୍ଟିବଦ୍ଧ ମୁଠା
କ୍ରମଶଃ ନିଜ ମାଧମାକୁ ହିଁ ଯନ୍ତ୍ରଣା ଦିଏ
ଯେମିତି ସମସ୍ତ ବାଟ ଆସି ସରିଯାଏ ମୃତ୍ୟ ପାଖରେ।
ବାସ୍ତବରେ ଗୋଟେ ମୃତ୍ୟୁର ହାତଠାର ଡାକ ହିଁ
ଆଉ ଗୋଟେ ଜନ୍ମର ବିଶେଷ ନିମନ୍ତ୍ରଣ
କିମ୍ବା ଗୋଟେ ଜନ୍ମ ହିଁ ଗୋଟେ ମୃତ୍ୟୁର ସୂଚନା।


+ଏରସମା, ଜଗତସିଂହପୁର
ମୋ: ୯୪୩୯୦୭୭୩୯୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୨୬ ସେପ୍ଟେମ୍ବର, ମଙ୍ଗଳବାର, ୨୦୨୩


## କିଏ ଜଣେ ଆସିବ ଆସିବ ଲାଗେ

### ହରିଶ୍ଚନ୍ଦ୍ର ବେହେରା



ଏଇ କେଇଦିନ ହେବ
କିଏ ଜଣେ ଆସିବ ଆସିବ ଲାଗେ
ଆଖି ପାଇବା ଯାଏ ମୁଁ ଚାହିଁ ରହେ
ଭିତରେ କିଏ ଜଣେ କୁଳୁରୁ ଥାଏ ତ

ଉପରେ ପିଙ୍ଗଳ ଆକାଶ
ତଳେ ଧୂସର ଧରିତ୍ରୀ
ମଝିରେ ଏମିତି ଚାହିଁ ରହିବାର ମାଦକତା
ବିଭୋର କରେ ପିଲାଦିନେ
କେତେବେଳେ ଆସୁଥିଲେ ମୋ ଅଜା
କେତେବେଳେ ବଂକୁଲି ବାଡ଼ି ଉପରେ
ଲୋଚା କୋଚା ବୟସକୁ ଡେରାଦେଇ
ଆସୁଥିଲା ଆଈ
ମୁଣ୍ଡରେ ନାନାକିସମର ବୁଜୁଳି
କେବେ ପୋଡ଼ ପିଠା ତ କେବେ ସରୁଚକୁଳି
ଋତୁ ମାଫିକ ଦରବରେ ମହକୁ ଥାଏ ସେ

ଏବେତ ସେମାନେ ସ୍ୱର୍ଗରେ
ଆଉ କିଏ ଆସିପାରେ !

କେତେଥର ତ ଫେରେଇ ଦେଇଛି ଜଣକୁ
ନାନା ବ୍ୟସ୍ତତାର ଆଳ ଦେଖେଇ

ମୋ ନିଜସ୍ୱ ଅନ୍ଧାରରେ
କେହି ଜଣେ ବସିଛିକି
ଛୁଇଁବ ଛୁଇଁବ କହି ହାତ ବଢ଼ାଉଛି

କିଏ ଆସିବ କହିଦିଅନ୍ତା ଦାଣ୍ଡକାକ
ଛୁତକ ଦିଅନ୍ତା ହଳଦୀ ବସନ୍ତ
ଏବେତ ସେମାନଙ୍କର ଦେଖାନାହିଁ
କୁଆଡ଼େ ଗଲେ କେଜାଣି
ଅଭିମାନରେ କେଜାଣି !!

ଅସଂଖ୍ୟ କ୍ଷତ ଚିହ୍ନ ସତ୍ତ୍ୱେ ଏ ଦେହରେ
କାହିଁକି କେଜାଣି
କେହିଜଣେ ଆସିବାକୁ ଚାହିଁ ରହେ

କେଉଁ ଘାସ କଅଁଳିବାର ଅଛି ଏ ଦେହରେ
ଯିଏ ଆସିଲେ ଯାଏ ଆସେ କେତେ !


ଲିଭି ଲିଭି ଆସିଲାଣି ସଂଜବତୀ
ଘୋରି ଘୋରି ସରି ଆସିଲାଣି ଚନ୍ଦନ କାଠ
ଇଡି ଗଲାଣି ପ୍ରଜାପତି ଡେଣାରୁ
ଫୁଲ ପରାଗ
ଓଲ୍ଲେହି ଗଲାଣି ଦେବଦାରୁ ମଥାନରୁ
ଚକ୍ ଚକ୍ ସୁନା ଖରା
ଅବଶିଷ୍ଟ ଆୟୁଷକୁ ଡାଙ୍କି
ଦେଲାଣି ଅଦିନ କୁହୁଡି
ଆଉ କେଉଁ ଶୁଭ ବାର୍ତ୍ତା
ଆସିବାର ଅଛି ଯେ !

ଉଜୁଡ଼ା କ୍ଷେତର ପାଳଭୂତ
କେଉଁ ଲୋଡ଼ା ଚାଷୀ ବଧୂର !

ତଥାପି କାହିଁକି ଅବୁଝା ଏ ମନ ମୋର
କାହା ଆସିବାକୁ ଦିନ ରାତି ବସିଅଛି ଚାହିଁ

କିଏ ଜଣେ ଆସିବ ଆସିବ
ଲାଗୁଛି ଆସିନାହିଁ !!

କଲ୍ୟାଣ ନଗର, ବାଲେଶ୍ୱର -୧
ମୋ : ୯୯୪୩୭୮୧୩୭୦୮





## କାଶତଣ୍ଡୀ ଓ କବିତା

### ପ୍ରଦ୍ୟୁମ୍ନ ପଟ୍ଟନାୟକ

ବିରାଜିତ ଧରା ବକ୍ଷେ ଶରତର ଶୋଭା
ସବୁଜିମା ଘେରା ପୃଥ୍ୱୀ କେଡେ
ମନଲୋଭା।

ଫୁଟି ହସେ କାଶତଣ୍ଡୀ ତଟିନୀ ପୁଲିନେ
ଅପୂର୍ବ ଉଲ୍ଲାସ ଭରେ ଦର୍ଶକର ମନେ ।

ପଥ ପ୍ରାନ୍ତେ ଲହରାଇ ତା ଶୁଭ୍ର ଚାମର
ଉଦଘୋଷିତ କରଇ ଋତୁ ପାର୍ବଣର ।

ଦେବୀ ଆଗମନ ବାର୍ତ୍ତା ଆଣେ ସେ ଡଗର
ଉଲ୍ଲସିତ ମନ ପ୍ରାଣ ଗ୍ରାମରୁ ସହର ।


ନଦୀ ଜଳ କାଚକେନ୍ଦୁ ନୀଳାଭ ଅମ୍ବର
ଶାରଦୀୟ ଶୁଭ୍ର ଜ୍ୟୋତ୍ସ୍ନା ଶୀତଳ ଶୀକର।

ଶେଫାଳିର ଭୁରୁ ଗନ୍ଧ ଶିଶିର ମୁକୁତା
ବିହ୍ୱଳିତ କବି ସୃଜେ ମନୋଜ୍ଞ କବିତା ।

ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

## ତୁମପାଇଁ ସବୁ ସହିଯିବି

### ହରେରାମ ପଣ୍ଡା



ଭୁଲିବାର ମନ ନେଇ କେବେ କେବେ
ପରଖିଛି ନିଜେ ମୁଁ ନିଜକୁ,
ମୋ ଖିଆଲି ମନ ଆଇନାରେ ମୁଁ
ବାର ବାର ଦେଖିଛି ତୁମକୁ ।

ଅପଲକ ନୟନେ ତୁମର କେତେ ଯେ
ଆପଣାର କରିବାର ନିଶା,
ନୀରବ କଥନରେ ଶୁଣି ପାରିଛି ମୁଁ
ମନତଳେ ସାଇତା ଯେ ଭାଷା ।

ବିରହ ବତୁରା ତୁମ ଝାଳୁଆ ମୁହଁରେ
ଅଛି ନାହିଁ ଭାବର ଭୂଗୋଳ,
ସତେ କିଛି କହୁଛି କି, ଗଲା ଦିନ କଥା
କଳାଜାଇ ତୁମ ଚିବୁକର ।

କଥା ଦେଇ ଥରେ କଥା ନ ରଖିବ ଯଦି
ମୁହଁ ଖୋଲି କହିଦିଅ ଥରେ,
ଜାଣେନି ମୁଁ କି ଲାଭ ବା ପାଉଅଛ ତୁମେ
ମନକୁ ମୋ ଜାଳି ପୋଡିବାରେ ।

ବେଦରଦୀ ନିଦାଘରେ ସିଝୁଥିବି ପଛେ
ତୁମ ବାଟ ଚାହିଁ ରହିଥିବି,
ଜ୍ୱଳନର ଜ୍ୱାଳା ଯେତେ ବ୍ୟଥା ଦେଉ ପଛେ
ତୁମ ପାଇଁ ସବୁ ସହିଯିବି ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
କୁଆଁସ, ମେରଦା କାଟିଆଛକ, ଯାଜପୁର
ମୋ:୯୪୩୮୦୬୫୧୯୫

## ବର୍ଷା ଓ ପ୍ରେମ

### ପ୍ରଶାନ୍ତ କୁମାର ନାଥ



ମୋ ପାଖରେ କେତେ ଅଳି କରୁଥିଲ
ଭିଜିବାକୁ ବରଷାରେ
ଆଜି ମୁଁ ଭାବୁଛି ଏକା ଏକା ପ୍ରିୟା
ତୁମ ସ୍ମୃତି ଇସାରାରେ ।

ଖୁସି ହେଉଥିଲ ବରଷା ଜଳକୁ
ହାତ ପାପୁଲିରେ ଧରି
ବର୍ଷା ସାଥେ ଆଜି ମୋ ଆଖି ଲୁହକୁ
ନିଜ ହାତେ ନିଏ ତୋଳି ।

ବିଜୁଳି ଗର୍ଜନେ ଭିଡି ଧରୁଥିଲ
ଛାତିରେ ମୁହଁକୁ ରଖି
ଆଜି ସେ ଛାତିରେ ଅବ୍ୟକ୍ତ ବେଦନା
ତୁମେତ ଦେଇଛ ଟେକି ।

ଭିଜୁଥିଲେ ସିନା ବରଷାରେ ଆମେ
ଦେହେ ଭରୁଥିଲା ତାତି
ହେଲେ ଆଜି ଭିଜେ ଆଖିର ଲୁହରେ
ଉଜାଗରେ ପାହେ ରାତି ।

ଅଜିବି ଭିଜୁଛି ନିଇତି ବର୍ଷାରେ
ତୁମରି ସ୍ମୃତିର ସାଥେ
ଲାଗୁଛି ଯେମିତି ଚାଲୁଅଛି ବାଟ
ହାତ ରଖି ତୁମ ହାତେ ।

ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର
ମୋ-୦୮୮୯୨୩୦୧୧୪୩

## ପୂର୍ଣ୍ଣିମା ସନ୍ଧ୍ୟାର ଝଲକ...

### ପ୍ରଶ୍ନ କୁମାର ଶତପଥୀ



ସନ୍ଧ୍ୟା ଆଗତ
ପୂର୍ଣ୍ଣ ଚାନ୍ଦକୁ ମେଘ ବସ୍ତ୍ରରେ ଘୋଡ଼ାଇ,
ସନ୍ଧ୍ୟା ଗୃହିତ
ଆକାଶକୁ ଭସା ବାଦଲରେ ସଜାଇ ।
ସନ୍ଧ୍ୟା ଆନୀତ
ମୁଣ୍ଡ ଉପର ଆକାଶେ ତାରା ଫୁଟାଇ,
ସନ୍ଧ୍ୟା ଉଦ୍ଧୃତ
ସୁଚିନ୍ତନ ର ବାର୍ତ୍ତା ଜଗତେ ଖେଳାଇ ।
ସନ୍ଧ୍ୟା ଆସିଛି
ପୂର୍ଣ୍ଣିମା ଦିବସେ ପ୍ରେମ ପ୍ରୀତି 'ପୁଲକେ',
ସନ୍ଧ୍ୟା ଅନ୍ଧାରେ
ଆକାଶେ ମେଘ ଭର୍ତ୍ତି ବିଜୁଳି 'ଚମକେ' ।
ସନ୍ଧ୍ୟା ମାଟିରେ
ଶାନ୍ତ ବିଶ୍ରାମଭରା ଆଲୋକ 'ଝଲକେ'
ସନ୍ଧ୍ୟା ରହିଛି
ଭାବ ବିସ୍ତୃତ କରି ଆମ 'ଜୀବଲୋକେ' ।
ସନ୍ଧ୍ୟା ସୁଖରେ
'ନିୟୋଜିତ' ବଳକା ରାତ୍ରୀ କାର୍ଯ୍ୟ ପାଇଁ,
ସନ୍ଧ୍ୟା ମୁକ୍ତରେ
ଉଲ୍ଲାସେ 'ବାସ୍ନାୟିତ' ଘର ପ୍ରାଙ୍ଗଣ ପାଇଁ ।
ଚଳିତ ସନ୍ଧ୍ୟା
'ସଜ୍ଜିତ' ହୋଇଅଛି ପୂର୍ଣ୍ଣ ଚାନ୍ଦ ପାଇଁ,
ସନ୍ଧ୍ୟା ହୃଦୟ
ଆଜି 'ଭରିତ' ମେଘ,ତାରା,ଚନ୍ଦ୍ର ପାଇଁ ।

ଦୁମାଡ଼ିହି, ଜାମଦା, ମୟୂରଭଞ୍ଜ

## ତମେ

### ଲକ୍ଷ୍ମୀପ୍ରିୟା ମାଇତି



କେମିତି ବା କହି ହୁଅନ୍ତା
ତମ ପାଇଁ ଲୁଚିଥିବା
ମନ ତଳ ଯେତେ କଥା !

ନା ଆଉ ଦେଖା
ନା ଆଉ ଡକା
ତମ ଝରକା ତ
ବୋଧେ ଖୋଲା ନାହିଁ
ଆଉ ମୋ ପାଇଁ।


ତଥାପି ମୁଁ କେମିତି
ତମକୁ ଖୋଜେ...
ବାଟରେ ଘାଟରେ
ଗୀତରେ, ନାଚରେ
ଅଦେଖା ଲୁହରେ
ଗମ୍ଭୀର କୋହରେ
ଯାହା ତମେ କେବେ ଜାଣ ନାହିଁ।

ତଥାପି ମୁଁ ଲେଖେ
ତମ ପାଇଁ ଗପଟିଏ
ଯୋଉ ଗପରେ ମୁଁ କିଛି ନୁହଁ
ତମେ କିନ୍ତୁ ମହାନାୟକ।

ଏରସମା, ଜଗତସିଂହପୁର
ମୋ: ୯୪୩୯୫୩୭୫୯୨

## ବାନ୍ଧବୀ

### ସପ୍ତର୍ଷି ନାୟକ



ମନେ ତ ମୋର ଆଜି ବି ଅଛି ସେ ଦିନ,
ସେ ଗମ୍ଭୀର ମୁଖ ଓ ସୁଢଳ ସେ ନୟନ।
ସୁନ୍ଦରୀ ମୁଖେ ତାର ଗମ୍ଭୀର ଚାହାଣି,
ଲୁଚାଉଥିଲା ବୋଧେ କିଛି ଅକୁହା କାହାଣୀ।
ଥିଲା ମୋ ପାଇଁ ସେ
ଏକ ଅଜଣା ଅନାମିକା,
ଆଜି ସେ ପୁଣି ହେଲା
ଏହି କବିତାର ନାୟିକା ?

ସେ ଦିନର ଦେଖାପରେ
ବିତିଗଲା ବହୁ ସମୟ,
ବହୁ କଷ୍ଟରେ ପରେ ମିଳିଲା ତାର
ପରିଚୟ।
ସୁନ୍ଦର ଆଖିରେ ତାର କଜଳର ଧାର,
ନାମଟି ଥିଲା ତାର ଭାରି କଷ୍ଟକର।
ଜାଣିବାକୁ ଅକୁହା କାହାଣୀ
କରିଲି ମୁଁ ଅଭିପ୍ରାୟ,
ଏଥି ସହ ସୃଷ୍ଟି ହେଲା ବନ୍ଧୁତ୍ୱର
ନୂତନ ଅଧ୍ୟାୟ ?
କ୍ଷତ୍ରିୟ ଝିଅ ସେ ଭାରି ସ୍ୱାଭିମାନି ,
ପୁଣି ସବୁ ଜାଣି କୁହେ ସେ ଜାଣିନି।
ମନରେ ସବୁ କଥା ନେଇ କରିଥାଇ ଦ୍ୱନ୍ଦ,
କାହାପାଇଁ ମନେ କିନ୍ତୁ ରଖେନାହିଁ ଛନ୍ଦ।
ଦୋଷ ନଥାଇ ବି ସେ ଦୁନିଆଁକୁ ଡରେ,
ପୁଣି ଲୋକଙ୍କୁ ସରଳରେ ବିଶ୍ୱାସ ସେ କରେ ?

ଖାଇବାକୁ ନୂଆ ନୂଆ କରୁଥାଏ ଯୋଜନା,
ସବୁକଥା କିନ୍ତୁ ମୋର କରିଦିଏ ମନା।
ଜାଣି ଜାଣି ସେ ସବୁବେଳେ ରାଗେ,
କିନ୍ତୁ ନିଜ ମନ ଭାବ କହେନି କାହା ଆଗେ।
କହୁଥାଏ ସବୁବେଳେ ତାର ପିଲାଦିନ ସ୍ମୃତି,
ପାଠ ପଢ଼ି ସଭିଙ୍କ ମନ ଯାଉଥିଲା ଜିତି ?

ମନାନ୍ତର ଥିଲା କିଛି କିଛି ରହିଛି ବି ବାକି,
ଇଚ୍ଛା ଥିଲେ ନିଜର କେହି ପାରିବେନି
ରୋକି।
ଲେଖିଲେ ତ ସରିବନି କେତେ
କରିବି ବର୍ଣ୍ଣନା,
ପୁଣି ସବୁ ଖୁସି ଅପୂର୍ଣ୍ଣ ମତେ
ଲାଗେ ତା ବିନା।
ମନ ମୋର ତାଲା ହେଲେ ସମ୍ପର୍କ ତା ଚାବି,
ସେ ଚାବିକୁ ନୂଆ ନାମ ଦେଲି'
ମୋ ବାନ୍ଧବୀ' ?

ଗବେଷକ,(ପଦାର୍ଥ ବିଜ୍ଞାନ)
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,ଗଞ୍ଜାମ
ମୋ: ୮୨୪୯୯୯୭୬୭୭

## ଅଦୃଶ୍ୟ ବାଟ

### ଭବାନୀ ଶଙ୍କର ନାୟକ



ବିଧାନସଭା, ସଚିବାଳୟ
ନଅତାଲା ଅବା ପ୍ରେମିକାର ଘର
କିଟ୍ କିଟ୍ ରାତିରେ ଯେମିତି
ଦାଉଦାଉ ଦିଶେ,
ମୁଁ ଆଶ୍ଚର୍ଯ୍ୟ ହୁଏ
ସ୍ପଷ୍ଟ ଦିବାଲୋକରେ ବି
ଦେଖା ଯାଏନି ବାଟ
ଇପ୍ସିତ ଠିକଣାର,
ଘନ କୁହୁଡ଼ିର ସଫେଦ୍ ଚାଦର
ସାରା ସହର ଢାଙ୍କିଥାଏ ।


ମତେ ଲାଗେ ଜଣେ କିଏ
ମୋ ଚଲାବାଟକୁ
ନିୟନ୍ତ୍ରଣ କରେ ପ୍ରତିକ୍ଷଣ
ଠିକଣାରେ ପହଞ୍ଚାଇବାକୁ
ପ୍ରତିଶ୍ରୁତି ଦିଏ,
ମୁଁ ଖୁସିରେ ବିଭୋର୍ ଘୁରିବୁଲେ
ମୋ ଆଗେ ଲମ୍ବିଥିବା
ଚିକ୍କଣ ବାଟରେ,
ହୋସ୍ ଫେରିଲା ବେଳକୁ ମୁଁ
ପୃଥିବୀର କେଉଁ ଅନ୍ଧାରୁଆ
ଇଲାକାରେ ନିରୁଦ୍ଦିଷ୍ଟ ଥାଏ ।

ହଠାତ୍ ଭେଟହୁଏ
ଜଣେ ଗେରୁଆବସ୍ତ୍ରଧାରୀ ସାଧୁ
ସେ ମୋ ହାତ ଦେଖି କହନ୍ତି
ତୁମ ମୃତ୍ୟୁ ଖୁବ୍ ନିକଟରେ,
ମୁଁ ମନେମନେ ହସେ
ସାଧୁଙ୍କ ଉପରେ
ଅବିଶ୍ୱାସ କରି ନୁହେଁ,
ମୁଁ ଏଡ଼େ ହତଭାଗା ଟିଏ
ମୃତ୍ୟୁର ବାଟ ମତେ ଜଣାନଥାଏ ।

ଲାଡ଼, କୁଚିଣ୍ଡା, ସମ୍ବଲପୁର
ମୋ-୯୯୩୮୩୪୪୬୮୧

## ଲାଜଲାଜ କଢ଼କଇଁ

### ଡାଃ ମନୋରଞ୍ଜନ ଦାଶ



କେମିତି ବାଟ ଚାଲେ ସିଏ,
ବୁଝି ମୁଁ ପାରେନି ।

ସାରୁପରିବା ସବୁ ତରକାରୀରେ
ପଡ଼ିପାରେ,
ସିଏ ମଧ୍ୟ ସେଇପରି ସବୁଆଡକୁ
ଯାଇଥାଏ ।
ନିଜର ସ୍ୱାଭିମାନ ସତ୍ତାକୁ ଜାବୁଡି
ଧରିପାରେନି, ସିଏ ।

ମନ ହେଲେ ଭାବ ରାଜ୍ୟରେ
ସମ୍ୟକ୍ ବିଚରଣ କରେ ତ
ପୁଣି କେତେବେଳେ ନିଜକୁ
ଅସଜଡା ଆବେଗରେ
ତୋଳି ଧରିଥାଏ ।

ସ୍ୱଷ୍ଟୋକ୍ତିରେ ଜୀବନ ଜୀଏଁନା ସିଏ ।
ସ୍ୱାର୍ଥପରତାକୁ ଆପଣେଇ ନିଏ ।
ତଥାପି କିଛି ଲୋକପ୍ରିୟତା ପାଏ ।
ଅବଶ୍ୟ ଶସ୍ତା ମଣିଷଟିଏ ହେଲେ
ଖୁବ୍ ଶୀଘ୍ର ଲୋକପ୍ରିୟତା
ଏଠି ମିଳିଥାଏ ।
ମୁଁ ସବୁ ଜାଣିଲେ ବି କ'ଣ କରିପାରିବି !
ତଥାପି ସୁ-ପରାମର୍ଶ ଓ ପ୍ରେମର ସ୍ୱର୍ଶ
ତାକୁ ଓଜାଡିଥାଏ ।

କେତେବେଳେ ସିଏ ଆପଣାପଣକୁ
ମୋତେ ପରଷେ ପୁଣି କେତେବେଳେ
ନିଜ ଦମ୍ଭ ରେ ବାଟ ଚାଲେ ।
ମୋ ନଜରରେ କେବେ କେବେ ସିଏ ଲାଜ
ଲାଜ କଢ଼କଇଁ
ପୁଣି ଅବାଟରେ ବାଟ ଭାଙ୍ଗି ଯାଉଥିବା
ନଈ .....

ପ୍ରଭାବତୀ ନିଳୟମ୍, ବେଲତଳ,
ପଟ୍ଟାମୁଣ୍ଡାଇ, ଜି: କେନ୍ଦ୍ରାପଡ଼ା
ମୋ : ୯୪୩୭୩୧୭୭୨୨

## ତୁମେ ମୋ ପ୍ରଣୟ ଧୂପ

### ଭରତ ଚନ୍ଦ୍ର ଦାଶ



ଶରଧାରେ ମୋତେ ଦେଇଥିଲ ତୁମେ
ରଙ୍ଗୀନଛବିଟିଏ ଛାତି କାନ୍ଥତଳେ ଟାଙ୍ଗିଥିଲି
ତାକୁ ସ୍ନେହର ପିରକ ମାରି, ପ୍ରେମରମୂଲ୍ୟ
ପାରିଲାନି ବୁଝି ମୋ ଅଜାଣତେ
କଲାଚୋରି
ପ୍ରକାଶିତ ଛବି ତା'ର ଉଠିଲାପ୍ରଶ୍ନ
କିଏରେ ପାମରକିଏ।

ପ୍ରୀତିର ଏ ଛବି ଦେଇଥିଲା ଭାବି
ରଚିବାକୁ ଶବ୍ଦ କଳା
ତୁମ ପରଶରେ ଜୀବନର ଦାନ ନିର୍ଜୀବ
ଏ ପ୍ରତିଛବି ଭାବର ଆବେଶେ ଶବ୍ଦ
କୋଣାରକ ରଚିଲ କେମିତି ଭାବି
ନିରଳସସବୁ ରସସରସୀରେ ଆଶ୍ଚର୍ଯ୍ୟେ
ହୁଅନ୍ତି ବୋଳା।

ତୁମ ପ୍ରତିଛବି ସ୍ମୃତିର କବିତା ପ୍ରୀତିର
ଝରଣା ସ୍ରୋତ ବୁକୁତଳେ ତାର ଅକୁହା
ବେଦନା ରଚିଛି କିଏ ରେ କୁହ
ଦେଖିଦେଲେ ତାରେ ମୋହୃଦୟରେ
ଅବ୍ୟକ୍ତରଏକ ମୋହ
କହିଥିଲା ପ୍ରୀତି ତୁମେ ମୋ ପ୍ରଣୟ ତମେ
ବସନ୍ତର ଗୀତ।

ମୋ ହୃଦୟ କଥା ଅଲିଭା ସଳିତା
ସୃଜନର ମହାଦୀପ
କସ୍ତୁରୀସମ ମୋ ମନରେ ଭ୍ରମ
ତୁମେ ମୋ ପ୍ରଣୟ ଧୂପ।

ସଚିବ, ସୃଜନ ଶ୍ରୀକ୍ଷେତ୍ର, ମାର୍କୋଣା
ସିମୁଳିଆ, ବାଲେଶ୍ୱର-୭୫୬୧୨୬
ମୋ: ୯୪୩୭୩୭୨୧୬୬

## ଶ୍ମଶାନେ ଜୀବନ

### ସୁଧାକର ରାଉତ



ଧନ୍ୟରେ ଜୀବନ ବହୁରୂପୀ ସାଜି
ଦେଖାଉ ତୁ ନୂଆ ରୂପ
ତୋର ଆମନ୍ତ୍ରଣ କରେ ପ୍ରତ୍ୟାଖ୍ୟାନ
ଭାବଇ ସେ ସବୁ ଶାପ ।

ଉପଭୋଗ ପାଇଁ ପସରା ଧରିତୁ
ପଢାଉ ଭୋଗର ପାଠ
କେବେ ବା ଭୟରେ କିଅବା ଘୃଣାରେ
ଦୂର କରେ କରି ମଠ ।

ତୋର ଆଦେଶ, ନିର୍ଦ୍ଦେଶକୁ ଉପେକ୍ଷା
କରିବାରେ ହୀନ ବଳ
ହୋଇପାରେ କିନ୍ତୁ ସହି ନ ପାରଇ
ନିୟତି- ଛଳନା ଖେଳ ।

ଜହ୍ନର ତରଳ ଜ୍ୟୋତ୍ସ୍ନା ପାନ କରି
ତୃଷ୍ଣା ମେଣ୍ଟେ କାର କେବେ
ପୀରତି ଧନ ପ୍ରାପତିରେ ଲାଳସା
କ୍ଷୁର୍ଣ୍ଣ ହୁଏ କାର ଲବେ ?

ବଞ୍ଚିବାର ମରୁଦ୍ୟାନେ ଟାଙ୍ଗି ଦେଇ
କ୍ଷୀଣ ଜଳଧାରା ଛବି
ମରୀଚିକା ପଛେ ଧାଇଁବା ପାଇଁକି
ଦେଲୁ ଦୁଃଖ ଝର ସ୍ରବି ।

ଦୁହେଁ ବନ୍ଦୀ ଆମେ ସମୟ କାରାରେ
ନିରାଟ ସତ୍ୟ ଏ କଥା
ତୋ ପାଇଁ ତ ଏହା ଆଞ୍ଜୁଳେ ଶୂନ୍ୟତା
ମୋ ଭାଲେ ଲେଖା ଏ ବ୍ୟଥା ।

ତଥାପି ନିରେଳା ମୁହୂର୍ତ୍ତ ସବୁରେ
ସୁପ୍ତ ଇଲାକାରେ ଖୋଜେ
ମୋ ପରି ନିଲଠା ହୃଦୟ ଖୋଜିଲେ
ଭେଟ ହୁଏ ଯୂଇ ଶେଯେ ।

ପ୍ରତାପ ନଗରୀ, କଟକ
ମୋ -୮୨୪୯୯୩୨୭୯୨

# ଅବହେଳିତ ଅବସ୍ଥାରେ ସିଦ୍ଧବକୁଳ ପୀଠ

## ମନ୍ଦିର ମୁଖଶାଳା ଛାତରୁ ଗଳୁଛି ପାଣି

ପୁରୀ,୨୫/୦୯ (ନି.ପ୍ର): ରାଜ୍ୟର ପ୍ରମୁଖ ବୈଷ୍ଣବ କ୍ଷେତ୍ର ପୁରୀ ଜିଲ୍ଲାର ସାକ୍ଷିଗୋପାଳ । ସାକ୍ଷିଗୋପାଳ ସ୍ଥିତ ବକୁଳବନର ଆରାଧ୍ୟ ଦେବତା ପ୍ରଭୁ ସିଦ୍ଧବକୁଳ । ଏହି ସିଦ୍ଧବକୁଳ ପୀଠରେ ପୂଜା ପାଉଛନ୍ତି ପ୍ରଭୁ ଶ୍ରୀ ଜଗନ୍ନାଥ । ସିଦ୍ଧବକୁଳଙ୍କୁ ପୁରୀ ଶ୍ରୀଜଗନ୍ନାଥଙ୍କ ଅଜା ବୋଲି ମଧ୍ୟ କୁହାଯାଏ । ସାକ୍ଷିଗୋପାଳ ମନ୍ଦିରର ପଛ ପାଖ ବକୁଳବନକୁ ଲାଗି ଏହାର ଅବସ୍ଥିତି । ସାକ୍ଷିଗୋପାଳ - ଅଲଗୁମ ରାସ୍ତାର ପଂଚସଖା ପଡ଼ିଆ ଅତିକ୍ରମ କରିବା ପରେ ରାସ୍ତାରେ ବାମ ପାର୍ଶ୍ୱରେ ପଡିଥାଏ ଏହି ମନ୍ଦିର। ପ୍ରାୟ ୨୦୦ ବର୍ଷ ପୁରାତନ ଏହି ମନ୍ଦିରର ମୁଖଶାଳାର ଛାତ ଏବେ ବିପଦଶଙ୍କୁଳ ଅବସ୍ଥାରେ ରହିଛି । ଛାତର ଚାରିପାଖରେ ଫାଟ ସ୍ପଷ୍ଟ ଦେଖାଯାଉଛି । ଛାତରୁ ସ୍ଥାନେ ସ୍ଥାନେ ସିମେଂଟ କଂକ୍ରିଟ ଖସିଲାଣି । ବର୍ଷାଦିନ ଛାତର ଫାଟରୁ ପାଣି ଗଳୁଛି । ବିଶେଷ କରି ଉପଯୁକ୍ତ ରକ୍ଷଣାବେକ୍ଷଣାର ଅଭାବରୁ ଏଭଳି ସ୍ଥିତିରେ ପହଂଚିଛି ମନ୍ଦିର ମୁଖଶାଳାର ଛାତ । ଏତଦ୍ ବ୍ୟତୀତ ଠାକୁରଙ୍କ ସ୍ନାନ ମଣ୍ଡପ ଭାଙ୍ଗିରୁଜି ଗଲାଣି । ରୋଷଶାଳା ଜରାଜୀର୍ଣ୍ଣ ଅବସ୍ଥାରେ ପହଂଚିଥିବା ବେଳେ କିଛି ବର୍ଷ ପୂର୍ବେ ଏହାକୁ ଲାଗି ନିର୍ମାଣ ଆରମ୍ଭ ହୋଇଥିବା ଶ୍ରୀଜଗନ୍ନାଥ କମ୍ୟୁନିଟି ସେଂଟର ସମ୍ପ୍ରତି ଅଧପନ୍ତରିଆ ଅବସ୍ଥାରେ ପଡିରହିଛି । ୨୦୧୫-୧୬ ଆର୍ଥିକ ବର୍ଷରେ ସାଂସଦଙ୍କ ଅନୁଦାନ ପାଣ୍ଠିରୁ ଦେଢ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ପୁରୀ, ପକ୍ଷରୁ ଏହାର ନିର୍ମାଣ ଯୋଜନା ହୋଇଥିଲା, ଯାହା ଏଠାରେ ଲାଗିଥିବା ଫଳକରୁ ଜଣାପଡିଛି। ତେବେ ଅଦ୍ୟାବଧି ଏହା ଅଧପନ୍ତରିଆ ଅବସ୍ଥାରେ ପଡିରହିଛି । ସେହିପରି ପୀଠରେ ଶ୍ରଦ୍ଧାଳୁଙ୍କ ପାଇଁ ପିଇବା ପାଣି, ଶୌଚାଳୟ ଓ ଆଲୋକୀକରଣ ସୁବିଧା ନାହିଁ । ପିଇବା ପାଣି ପାଇଁ ଓ ଠାକୁରଙ୍କ ରୋଷେଇ ନିମିତ ପାଣି ପାଇଁ ମନ୍ଦିର ପରିସରରେ ରହିଥିବା କୂଅ ପାଣି ବ୍ୟବହାର କରାଯାଇଥାଏ । ସେହିପରି ମନ୍ଦିର ଚର୍ତୁପାର୍ଶ୍ୱରେ ପାଚେରୀ ନଥିବାରୁ ବୁଲା ଗାଈଗୋରୁ, ଷଣ୍ଢ, କୁକୁର ଏହା ମଧ୍ୟରେ ଅନେକ ସମୟରେ ଶୋଇରହୁଥିବାର ଦେଖିବାକୁ ମିଳେ।

ମନ୍ଦିରର ପୂଜକ ସୋମନାଥ ମହାପାତ୍ରଙ୍କ କହିବା ଅନୁଯାୟୀ, ସିଦ୍ଧବକୁଳ ମନ୍ଦିର ପ୍ରାୟ ୨୦୦ ବର୍ଷ ପୁରାତନ । ପ୍ରଥମେ ଏଠାରେ ଏକ ବକୁଳ ଗଛ ମୂଳରେ ପୂଜା ପାଉଥିଲେ ଠାକୁର । ସିଦ୍ଧବକୁଳଙ୍କ ମହିମା ପ୍ରଚାରିତ ହେବାପରେ ମନ୍ଦିର ନିର୍ମାଣ କରାଯାଇଥିଲା । ପୁରୀ ଶ୍ରୀମନ୍ଦିର ସହିତ ସିଦ୍ଧବକୁଳ ମନ୍ଦିର ଓତଃପ୍ରୋତଃ ଭାବେ ଜଡ଼ିତ । ରଥଯାତ୍ରା ସମୟରେ କାଳିଆ ଠାକୁର ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ଯେତେବେଳେ ନବଦିନାତ୍ମକ ଯାତ୍ରାରେ ରତ୍ନବେଦିରୁ ଯଜ୍ଞବେଦିକୁ ଯାତ୍ରା କରିଥାନ୍ତି, ସେତେବେଳେ ଶ୍ରୀଜୀଉମାନଙ୍କ ଶ୍ରୀଅଙ୍ଗର ସୁରକ୍ଷା ପାଇଁ ସେନାପଟା ଲାଗି ହୋଇଥାଏ । ଏହି ସେନାପଟା ବା ବକୁଳ ଗଛର କାଠ ଏଠାରୁ (ତାଙ୍କ ଅଜାଘରୁ) ନିଆଯିବାର ପରମ୍ପରା ରହିଛି, ଯାହାକି ବହୁ ପୁରାତନ । ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ଏକାଦଶୀ ତିଥିରେ ଏହି ସେନା ପଟା ଏଠାରୁ ନିଆଯାଇଥାଏ । ସେହିପରି ଶ୍ରୀମନ୍ଦିରରେ ରହିଥିବା ବିଭିନ୍ନ ନୀତିକାନ୍ତି ଓ ପର୍ବପର୍ବାଣୀ ମଧ୍ୟ ଏଠାରେ ଅନୁଷ୍ଠିତ ହୋଇଥାଏ । ରଥଯାତ୍ରା, ସ୍ନାନଯାତ୍ରା ଏବଂ ନବକଳେବର ଆଦି ଅନୁଷ୍ଠିତ ହୋଇଥାଏ । ତେବେ ଦୀର୍ଘ ବର୍ଷ ଧରି ରକ୍ଷଣାବେକ୍ଷଣା ଅଭାବରୁ ମନ୍ଦିରର ମୁଖଶାଳାର ଛାତ ଏବେ ବିପଦଶଙ୍କୁଳ ଅବସ୍ଥାରେ ରହିଛି । ଛାତର ଚାରିପାଖରେ ଫାଟ ସ୍ପଷ୍ଟ ଦିଶୁଛି । ବର୍ଷାଦିନେ ଅସରାଏ ବର୍ଷା ହେଲେ ଛାତର ଫାଟରୁ ପାଣି ଗଳୁଛି । ୧୦ ବର୍ଷ ମଧ୍ୟରେ ୨ ଥର ଛାତର ଗ୍ରୀଡିଂ କରାଯାଇଥିଲେ ସମ୍ପ୍ରତି ଏହା ଏବେ ଦୁର୍ବଳ ଅବସ୍ଥାରେ ପହଂଚିଲାଣି ।

ଏତଦ୍ ବ୍ୟତୀତ ଅଂଚଳର ଗରିବ ଲୋକମାନେ ସେମାନଙ୍କ ବିବାହ, ବ୍ରତ ଘର ଏବଂ ଅନ୍ୟାନ୍ୟ ଆନୁଷ୍ଠାନିକ କାର୍ଯ୍ୟ ଏହି ମନ୍ଦିରରେ କରାଇଥାନ୍ତି, ତେବେ ପୀଠରେ ଆବଶ୍ୟକ ସୁବିଧା ନଥିବାରୁ ସେମାନେ ମଧ୍ୟ ବିଶେଷ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଜିଲ୍ଲାପାଳ, ସର୍ବୋପରି ରାଜ୍ୟ ସରକାରଙ୍କ ଫାଇଭ୍-ଟି ସଚିବ ଏ ଦିଗରେ ଦୃଷ୍ଟି ଦେବା ସହ ପୀଠର ଉନ୍ନତିକରଣ ଦିଗରେ ପଦକ୍ଷେପ ନେବାକୁ ଅଂଚଳବାସୀ ଓ ବୁଦ୍ଧିଜିବୀ ମହଲରେ ଦାବି ହେଉଛି ।

# ଆନ୍ତଃରାଜ୍ୟ ସାଇବର୍ ଠକ ଗିରଫ

ଗଞ୍ଜାମ,୨୫/୦୯ (ନି.ପ୍ର): ଜଣେ ଆନ୍ତଃରାଜ୍ୟ ସାଇବର୍ ଠକକୁ ବ୍ରହ୍ମପୁର ସାଇବର୍ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ କାବୁ କରିଥିବା ଜଣାପଡିଛି । ସେ ହେଲା ଝାଡ଼ଖଣ୍ଡ ରାଜ୍ୟର ଦେଓଘର ଜିଲ୍ଲା ଅନ୍ତର୍ଗତ କାରନ ଥାନା ଅଂଚଳର ମହମ୍ମଦ ଅଫଜଲ ଅନସାରୀ (୨୮) । ତାକୁ ଝାଡ଼ଖଣ୍ଡରୁ ଗିରଫ କରାଯାଇ ବ୍ରହ୍ମପୁର ଅଣାଯାଇଛି । ବ୍ରହ୍ମପୁର ଜିଲ୍ଲା ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବ୍ଲୁ ଡାର୍ଟ କୋରିୟର୍ ଆସୁଥିବା ପାର୍ସଲର ଅବସ୍ଥିତି ସମ୍ପର୍କରେ ଜାଣିବାକୁ ବ୍ରହ୍ମପୁରର ଜଣେ ବ୍ୟକ୍ତି ଗତ ଅଗଷ୍ଟ ମାସରେ ଗୁଗୁଲ୍ ସର୍ଚ୍ଚ ଇଞ୍ଜିନରୁ କଷ୍ଟମର୍ କେୟାର୍ ନମ୍ବର ଖୋଜି ସେଥିରେ ଯୋଗାଯୋଗ କରିଥିଲେ । ସେତେବେଳେ ସେ ସାଇବର୍ ଠକ ହାବୁଡ଼ରେ ପଡି ଯାଇଥିଲେ । ତାଙ୍କ ବ୍ୟାଙ୍କ ଆକାଉଂଟର ସବିଶେଷ ତଥ୍ୟ ସହ ଓଟିପି ନେଇ ଦୁର୍ବୃତ ୯୪ ହଜାର ୮୯୧ ଟଙ୍କା ଅନ୍ ଲାଇନ୍ ରେ ଠକି ନେଇଥିବା ଅଭିଯୋଗ ହୋଇଥିଲା । ସାଇବର୍ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ସମ୍ପର୍କରେ ଜାଣିବାକୁ ପାଇଥିଲା । ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଝାଡ଼ଖଣ୍ଡ ଯାଇ ସେଠାରୁ ତାକୁ କାବୁ କରିବାରେ ସଫଳ ହୋଇଥିଲେ । ଅଧିକ ତଦନ୍ତରୁ ସେ ଏକ ଆନ୍ତଃରାଜ୍ୟ ସାଇବର୍ ଠକ ଗ୍ୟାଙ୍ଗ ର ସଦସ୍ୟ ଏବଂ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଭଳି ବିଭିନ୍ନ ରାଜ୍ୟରେ ରୁଜୁ ହୋଇଥିବା ଏକାଧିକ ସାଇବର୍ ଠକେଇ ମାମଲାରେ ସମ୍ପୃକ୍ତ ଥିବା ଜଣାପଡିଛି ।

# ଗାନ୍ଧି ଜୟନ୍ତୀରେ ଖଦୀର କୌଣସି ଗୋଟିଏ ଉତ୍ପାଦ କିଣିବାକୁ ଅପିଲ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୫/୦୯ (ନି.ପ୍ର): ଏ ବର୍ଷ ଗାନ୍ଧି ଜୟନ୍ତୀରେ ଖଦୀର କୌଣସି ଗୋଟିଏ ଉତ୍ପାଦ ନିଶ୍ଚୟ କିଣନ୍ତୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅପିଲ କରିଛନ୍ତି । ମନ କି ବାତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ ଏହା କହିଛନ୍ତି।

ସେ କହିଛନ୍ତି ଯେ ଦିଲ୍ଲୀରେ ଆୟୋଜିତ ଜି-୨୦ ସମ୍ମିଳନୀ ସମୟର ସେହି ଦୃଶ୍ୟକୁ କେହି କ'ଣ କେବେ ଭୁଲିପାରିବ – ଯେତେବେଳେ ବିଶ୍ୱର ଅନେକ ନେତା ବାପୁଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ଏକାସାଥିରେ ରାଜଘାଟରେ ପହଂଚିଥିଲେ । ସାରା ବିଶ୍ୱରେ ବାପୁଜୀଙ୍କର ବିଚାରର ଆଜି ବି କେତେ ପ୍ରାସଙ୍ଗିକତା ରହିଛି – ଏହା ହେଉଛି ତା'ର ଏକ ବଡ଼ ପ୍ରମାଣ। ଗାନ୍ଧି ଜୟନ୍ତୀ ଉପଲକ୍ଷେ ସାରାଦେଶରେ ସ୍ୱଚ୍ଛତା ସମ୍ବନ୍ଧିତ ଅନେକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି – ଏଥିପାଇଁ ମୁଁ ଅତ୍ୟନ୍ତ ଖୁସି । କେନ୍ଦ୍ର ସରକାରଙ୍କ ସମସ୍ତ କାର୍ଯ୍ୟାଳୟରେ "ସ୍ୱଚ୍ଛତା ହିଁ ସେବା ଅଭିଯାନ" ଖୁବ ଜୋରସୋରରେ ଚାଲିଛି । ଇଂଡିଆନ ସ୍ୱଚ୍ଛତା ଲିଗରେ ବହୁତ ସହଭାଗିତା ଦେଖାଯାଉଛି । ଆଜି 'ମନ୍ କି ବାତ୍' ମାଧ୍ୟମରେ ମୁଁ ମୋର ସମସ୍ତ ଦେଶବାସୀଙ୍କୁ ଅନୁରୋଧ କରିବାକୁ ଚାହେଁ ଯେ - ୧ ଅକ୍ଟୋବର ଅର୍ଥାତ ରବିବାର ସକାଳ ୧୦ଟା ବେଳେ ସ୍ୱଚ୍ଛତା ଉପରେ ଗୋଟିଏ ବହୁତ ବଡ଼ କାର୍ଯ୍ୟକ୍ରମ ହେବାକୁ ଯାଉଛି । ଆପଣମାନେ ମଧ୍ୟ କିଛି ସମୟ ବାହାର କରି ସ୍ୱଚ୍ଛତା ସହ ଜଡ଼ିତ ଏହି ଅଭିଯାନରେ ସାମିଲ ହୁଅନ୍ତୁ । ଆପଣ ନିଜର ଗଳି, ଆଖପାଖ ସ୍ଥାନ, ପାର୍କ, ନଦୀ, ସରୋବର ଅଥବା ଅନ୍ୟ ସାର୍ବଜନିକ ସ୍ଥାନରେ ଏହି ସ୍ୱଚ୍ଛତା ଅଭିଯାନରେ ଯୋଗ ଦେଇପାରନ୍ତି । ଯେଉଁଠି ଅମୃତ ସରୋବର ନିର୍ମାଣ ହୋଇଛି ସେଠିତ ସ୍ୱଚ୍ଛତା କାର୍ଯ୍ୟ ଅବଶ୍ୟ କରିବାକୁ ହେବ । ସ୍ୱଚ୍ଛତାର ଏହି କାର୍ଯ୍ୟାଞ୍ଜଳି ହିଁ ଗାନ୍ଧିଜୀଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ । ମୁଁ ଆପଣଙ୍କୁ ପୁଣିଥରେ ମନେ ପକେଇଦେବାକୁ ଚାହେଁ ଯେ ଏ ବର୍ଷ ଗାନ୍ଧି ଜୟନ୍ତୀରେ ଖଦୀର କୌଣସି ଗୋଟିଏ ଉତ୍ପାଦ ନିଶ୍ଚୟ କିଣନ୍ତୁ ।

# କଳାହାଣ୍ଡି ଜିଲ୍ଲାର ଗଡ଼ଜାତ ଅଂଚଳରେ ନୂଆଖାଇ

ଭବାନୀପାଟଣା,୨୫/୦୯ (ନି.ପ୍ର): କଳାହାଣ୍ଡି ଜିଲ୍ଲାର ଗଡ଼ଜାତ ଅଂଚଳ ଯଥା, ଭବାନୀପାଟଣା, ଲାଞ୍ଜିଗଡ଼ ଏବଂ ଥୁଆମୂଳ ରାମପୁର ଅଂଚଳରେ ଆଜି ପାଳନ ହେଉଛି ନୂଆଖାଇ ପର୍ବ । ଏଥିସହିତ ଇଷ୍ଟଦେବୀ ମା ମାଣିକେଶ୍ୱରୀଙ୍କ ନିକଟରେ ଆଜି ନବାନ୍ନ ଲାଗି ହୋଇଛି । ଅପରାହ୍ନ ୧ଟା ୧୦ରୁ ୩ଟା ମଧ୍ୟରେ ନୂଆ ଖାଇଛନ୍ତି ଲୋକେ।

ବର୍ଷକରେ ଥରେ ନୂଆଖାଇ ପର୍ବକୁ ନେଇ ସମସ୍ତଙ୍କ ମନରେ ଉତ୍ସାହ ଓ ଉଦ୍ଦିପନା ଦେଖିବାକୁ ମିଳିଛି । ସକାଳୁ ସ୍ନାନ ପରେ ନବବସ୍ତ୍ର ପିନ୍ଧି ବଡ ମାନଙ୍କୁ ଜୁହାର ହେବାର ପରମ୍ପରା, ଏହାପରେ ମା ମାଣିକେଶ୍ୱରୀଙ୍କ ନିକଟରେ ନବାନ୍ନ ଲାଗି ପରେ ପରିବାର ସହିତ ଏକାଠି ନୂଆ ଖାଇଛନ୍ତି ସମସ୍ତେ ।

# ବାଲିପାଟଣା ବ୍ଲକରେ ମିଳିତ ଜନଶୁଣାଣି ଅନୁଷ୍ଠିତ

ଭୁବନେଶ୍ୱର, ୨୩/୦୯ (ନି.ପ୍ର): ବାଲିପାଟଣା ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ପ୍ରତ୍ୟୁଷରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜି ମୋଟ ୫୫ ଗୋଟି ଆପତି ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ୪୯ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୩ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ଉକ୍ତ ଅଭିଯୋଗଗୁଡିକ ମଧ୍ୟରୁ ସ୍ଥଳବିଶେଷରେ ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଜଣଙ୍କୁ ରେଡ଼କ୍ରସ ପକ୍ଷରୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ସମସ୍ତ ଅଭିଯୋଗଗୁଡିକୁ ବିଚାରକୁ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ୫-'ଟି' ଆଧାରରେ ଜନସାଧାରଣଙ୍କୁ ସେବା ଯୋଗାଇ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

# ଟିକ୍ରାପଡା ୫୦ତମ ଅହୋରାତ୍ର ନାମଯଜ୍ଞର ଲୋଗୋ ଉନ୍ମୋଚନ ଓ ନୂଆଖାଇ ଭେଟଘାଟ

ବଲାଙ୍ଗିର,୨୫/୦୯ (ନି.ପ୍ର): ଟିକ୍ରାପଡା ଅହୋରାତ୍ର ନାମଯଜ୍ଞ ଚଳିତ ବର୍ଷ ୫୦ ବର୍ଷ ପୂର୍ତିରେ ସୁବର୍ଣ୍ଣ ଜୟନ୍ତୀ ଟିକ୍ରାପଡା (ପ୍ରହରି ଛକ) ୫୦ତମ ଅହୋରାତ୍ର ନାମଯଜ୍ଞର ଲୋଗୋ (ପ୍ରତୀକ) ଉନ୍ମୋଚନ ଓ ନୂଆଖାଇ ଭେଟଘାଟ ସମାରୋହ ୧୯ ନଭେମ୍ବରରୁ ୨୭ ନଭେମ୍ବର ପର୍ଯ୍ୟନ୍ତ ପାଳନ କରିବାକୁ ଯାଉଛି। ଏଥିପାଇଁ ଗତକାଲି ସ୍ଥାନୀୟ ପ୍ରହରି ଛକ ପାଖରେ ସୁବର୍ଣ୍ଣ ଜୟନ୍ତୀର ଲୋଗୋ ଉନ୍ମୋଚନ ଓ ନୂଆଖାଇ ଭେଟଘାଟ ଉତ୍ସବ ପାଳନ କରାଯାଇଥିଲା। ଉକ୍ତ ଉତ୍ସବରେ ଲୋକ କବି ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟ ଅତିଥି, ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ସମ୍ମାନିତ ଅତିଥି, ବିପ୍ଲବୀ କବି ହୀରାଲାଲ ସାହୁ ସମ୍ମାନିତ ଅତିଥି, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ଆୟୋଜନ କମିଟିର ମୁଖ୍ୟ ପ୍ରକାଶ ନେପାକ ବିବରଣୀ ପ୍ରଦାନ କରିବା ସହ ଆଗାମୀ ସୁବର୍ଣ୍ଣ ଜୟନ୍ତୀରେ ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ, ସାତ ଦିନ ଧରି ବିଭିନ୍ନ ଆଧ୍ୟାତ୍ମିକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଏକ ସ୍ମରଣିକା ପ୍ରକାଶ କରାଯିବାର ସୂଚନା ଦେଇଥିଲେ ଏବଂ ସହରର ସମସ୍ତ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ସାମିଲ କରି ଏହି ଉତ୍ସବକୁ ମହା ସମାରୋହରେ ଆୟୋଜନ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିବାର ସୂଚନା ଦେଇଥିଲେ। ଆୟୋଜକ କମିଟି ମହିଳା ଶାଖା ସଭାପତି ବନେଶ୍ୱରୀ ବେହେରା ଆଗାମୀ ସୁବର୍ଣ୍ଣ ଜୟନ୍ତୀ ଆୟୋଜନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବରିଷ୍ଠ ସଭ୍ୟ ଭଗବାନ ବଗର୍ତି ସ୍ୱାଗତ ଭାଷଣ ଦେଇଥିଲେ। ଆୟୋଜକ କମିଟି ତରଫରୁ ମୁଖ୍ୟ ଅତିଥି ପଦ୍ମଶ୍ରୀ ହଳଧର ନାଗ, ପୌରାଧକ୍ଷକ୍ଷ ଲିକା ସାହୁ, କବି ହୀରାଲାଲ ସାହୁ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କୁ ଉପଢୌକନ ଦେଇ ସାମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ପଦ୍ମଶ୍ରୀ ହଳଧର ନାଗ ତଥା ସମସ୍ତ ସମ୍ମାନିତ ଅତିଥି ଏବଂ ଆୟୋଜକ କମିଟିର ସମସ୍ତଙ୍କ ଉପସ୍ଥିତିରେ ସୁବର୍ଣ୍ଣ ଜୟନ୍ତୀ ଲୋଗୋ ଉନ୍ମୋଚନ କରିଥିଲେ ଏବଂ ଦୀର୍ଘ ଅଣଚାଶ ବର୍ଷ ଧରି ନାମଯଜ୍ଞ ଆୟୋଜନ କରି ଚଳିତ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଥିବାରୁ କମିଟିକୁ ସାଧୁବାଦ ଜଣାଇଥିଲେ। ପଦ୍ମଶ୍ରୀ ହଳଧର ନାଗ କୋଶଳ ପ୍ରଦେଶ ଆଜିର ନୁହେଁ ଏହାର ବହୁ ପୁରାତନ ଇତିହାସ ଅଛି। ପ୍ରଭୁ ରାମଚନ୍ଦ୍ରଙ୍କ ମାମୁ ଘର ଏହି କୋଶଳ ପ୍ରଦେଶ ବୋଲି କହିଥିଲେ। ସେ ଏକ ମର୍ମସ୍ପର୍ଶୀ କୋଶଳି କବିତା ଆବୃତି କରି ଉତ୍ସବର ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। କମିଟିର ବରିଷ୍ଠ ସଭ୍ୟ ପ୍ରଦୀପ ସାହୁ, ସନ୍ତକ ବହିଦାର, ଦମୟନ୍ତୀ ବାଗ, ଇସ୍ମତ ଆରା ଖାନ, କୁନୁ ପାତ୍ର, ଅଙ୍କୁଶ ହୋତା, ଶରତ ଷାଣ୍ଢ ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ। ପୌରାଧକ୍ଷା ଲିକା ସାହୁ ଏହି ଐତିହାସିକ ସମାରୋହକୁ ସମସ୍ତ ସହଯୋଗ କରିବାକୁ ପ୍ରତିଶୃତି ଦେଇଥିଲେ। କମିଟିର ବରିଷ୍ଠ ସଭ୍ୟ ନୀଳମଣି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଭାର ସଂଯୋଜନା ମଧୁ ନାଏକ କରିଥିଲେ। ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ସହ ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିକାଶ ସା ସଂଯୋଜନା କରିଥିବା ବେଳେ କମିଟିର ସଭ୍ୟ ବିଧୁ ଭୂଷଣ ତ୍ରିପାଠୀ, ଭବାନୀ ଶଙ୍କର ଶତପଥି, ଯଶବୀର ସିଂ, ବୈଷ୍ଣବ ସାହୁ, ରାଜେନ୍ଦ୍ର ମିଶ୍ର, ରବି ବହିଦାର, ଜିତେନ୍ଦ୍ର ନାଗ, ଟିଂକୁ ପଣ୍ଡା, ମହିଳା କମିଟି ସମ୍ପାଦକ ଲିନା ମହାନ୍ତି, ଉପସଭାପତି ପ୍ରତିମା ମଟାରୀ, ରବି ଅଗ୍ରୱାଲ, ଦୁଲିଚନ୍ଦ ଅଗ୍ରୱାଲ, ମୁନା ଖାନ, ଶିବ ନାରାୟଣ ରଥ, ବଳରାମ ବେହେରା, ପ୍ରଦୀପ ଦର୍ଜୀ, ଅଶୋକ ଚାନ୍ଦ, ମଦନ ରଥ, ବାବୁ ସା, ସଞ୍ଜୟ ଶତପଥି, ଶିବେନ୍ଦ୍ର ସାହୁ, ଚିତ ସାହୁ, ଦିଜ ମିଶ୍ର, ଶ୍ରୀବସ୍ତ ମହାରଣା, ଯୁଗୀନ୍ଦ୍ର ସାହୁ, ଶ୍ରୀବସ୍ତ ବେହେରା, ଟୁନା ହୋତା, ଅଜିତ ପଣ୍ଡା, ଦିଲୀପ ସାହୁ, ବାଦଲ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଭ୍ୟ ବିଶ୍ୱଜିତ ସାହୁ, ଜିତେନ୍ଦ୍ର ନାଗ ଓ ରାମଚନ୍ଦ୍ର ଷଡ଼ଙ୍ଗୀ ପରିଚାଳନା କରିଥିଲେ।

# ହାତଗୋଡ଼ ବନ୍ଧା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର: ହତ୍ୟା ସନ୍ଦେହ

ଗଞ୍ଜାମ,୨୫/୦୯ (ନି.ପ୍ର): ଗଞ୍ଜାମ ଜିଲ୍ଲା ପାଟପୁର ଅଂଚଳରେ ହାତଗୋଡ଼ ବନ୍ଧା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତ ଯୁବକଙ୍କ ନାମ ଅନିଲ୍ ନାୟକ । ଗତକାଲି ଅନିଲ୍ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବା ବେଳେ ସଂନ୍ଧ୍ୟାସୁଦ୍ଧା ଘରକୁ ଫେରିନଥିଲେ । ଆଜି ସକାଳେ ତାଙ୍କ ମୃତଦେହ ଗାଁ ନିକଟସ୍ଥ ଜଙ୍ଗଲରେ ହାତଗୋଡ ବନ୍ଧା ଅବସ୍ଥାରେ ପଡିଥିବା ଦେଖିବାକୁ ମିଳିଥିଲା । ତାଙ୍କ ଶବ ନିକଟରେ ଏକ ଟାଙ୍ଗିଆ ପଡିଥିଲା । ଯାହାକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି । ଖବର ପାଇ ପାଟପୁର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ମୃତକଙ୍କ ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏନେଇ ଅଧିକ ତଥ୍ୟ ମିଳିପାରିବ ବୋଲି ପୋଲିସ ଆଶା କରିଛି ।

# ଅନ୍ୱେଷା ହଷ୍ଟେଲରେ ପିଲାଙ୍କୁ ମିଳୁନି ଖାଦ୍ୟ : ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଛାତ୍ର

ରାୟଗଡା,୨୫/୦୯ (ନି.ପ୍ର): ସ୍ଥାନୀୟ କୁଟଲଗୁଡାଠାରେ ରହିଥିବା ଅନ୍ୱେଷା ଛାତ୍ରାବାସରେ ଦିନକୁ ଦିନ ଅବ୍ୟବସ୍ଥା ବୃଦ୍ଧି ପାଇବାରେ ଲାଗିଛି। ପିଲାଙ୍କୁ ଖାଇବାକୁ ଦିଆଯାଉନଥିବା ବେଳେ ଶିକ୍ଷା ଓ ସ୍ୱାସ୍ଥ୍ୟବସ୍ଥା ପିଲାଙ୍କ ନକହିବା ଭଲ। ବାରମ୍ବାର ହଷ୍ଟେଲ ଇନଚାର୍ଜଙ୍କୁ ଛାତ୍ରମାନେ ଅଭିଯୋଗ କରିବା ପରେ ମଧ୍ୟ ସଂପୃକ୍ତ ଇନଚାର୍ଜ ପିଲାଙ୍କୁ ଗାଳିଗୁଲଜ କରିବା ସହ ତୁମ ବାପା ଟାଂକା ଦେଉଛି ଯେ ଖାଇବ ବୋଲି ଛାତ୍ରମାନଙ୍କୁ ଧମକାଉଥିବା ଅଭିଯୋଗ ହୋଇଛି। ଏହାପରେ ଛାତ୍ରମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ। ଜିଲ୍ଲା ପ୍ରଶାସନ ତରଫରୁ ତୁରନ୍ତ ଏନେଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। ଏହାପରେ ରବିବାର ବିଜେପିର ଏକ ପ୍ରତିନିଧି ଦଳ ଅନ୍ୱେଷା ହୋଷ୍ଟେଲରେ ପହଞ୍ଚି ତଦନ୍ତ କରିଥିଲା। ଏହି ତଦନ୍ତକାରୀ ଦଳରେ ଜିଲ୍ଲା ବିଜେପି ସଭାପତି



ଶିବ ପ୍ରଶାଦ ପଟ୍ଟନାୟକ, ଆଦିବାସୀ ମୋର୍ଚ୍ଚାର ଜାତୀୟ ସାଧାରଣ ସଂପାଦକ କାଳୀରାମ ମାଝି, ଯୁବ ମୋର୍ଚ୍ଚା ଉପସଭାପତି ପ୍ରତାପ ପୁଆଲା ରହିଥିଲେ। ଅନ୍ୱେଷା ହୋଷ୍ଟେଲ ଦାୟୀତ୍ୱରେ ବଡରାଇସିଂ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱାମିତ୍ର ସୁନା ରହିଛନ୍ତି। ଶ୍ରୀ ସୁନା ଦୁଇ ଦୁଇଟି ଦାୟିତ୍ୱରେ ରହି କୌଣସି ଗୋଟିଏ ବି ଦାୟିତ୍ୱକୁ ଠିକ ରୂପେ ତୁଲାଇ ପାରୁନଥିବା ଅଭିଯୋଗ ହୋଇଛି। ପ୍ରକାଶ ଥାଉକି ଏହି ଅନ୍ୱେଷା ହଷ୍ଟେଲରେ ପ୍ରଥମରୁ ନବମ ପର୍ଯ୍ୟନ୍ତ ଶ୍ରେଣୀର ଛାତ୍ରମାନେ ରହି ପାଠ ପଢୁଛନ୍ତି। ପ୍ରାୟ ୨୦୦ ପିଲା ଏହି ଛାତ୍ରାବାସରେ ରହି ପାଠ ପଢୁଛନ୍ତି। ତେବେ ପିଲାଙ୍କୁ ଠିକ ରୂପେ ଯତ୍ନ ନିଆଯାଉନଥିବା ବିଜେପି ଦଳ ତଦନ୍ତରୁ ଜାଣିପାରିଥିଲେ। ଏନେଇ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଭୁଷଣ ବିଶ୍ୱାଳଙ୍କୁ ସାକ୍ଷାତ କରି ତୁରନ୍ତ ଦାୟିତ୍ୱରେ ଥିବା ଶିକ୍ଷକଙ୍କୁ ହଟାଇବା ସହ ପିଲାଙ୍କ ଉଚିତ ଯତ୍ନ ନେବା ପାଇଁ ଦାବି କରିଥିଲେ। ଯଦି ଆସନ୍ତା ୧୦ ଦିନ ମଧ୍ୟରେ ସ୍ଥିତିରେ ସୁଧାର ନଆସିଲେ ବିଜେପି ତରଫରୁ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ ଶ୍ରୀ ସୁନା ମଙ୍ଗଳ ବିଭାଗର ସୁନା ପିଲା ପାଲଟିଛନ୍ତି। ପୂର୍ବରୁ ସେ ଯେଉଁ ସ୍କୁଲଗୁଡିକରେ ରହିଛନ୍ତି ସେହି ସ୍କୁଲଗୁଡିକରେ ମଧ୍ୟାହ୍ନ ଭୋଜନ ଓ ଚାଉଳ ବିକ୍ରି ଅଭିଯୋଗରେ ବିଭାଗୀୟ ତଦନ୍ତର ସମ୍ମୁଖୀନ ହୋଇସାରିଛନ୍ତି। ଜିଲ୍ଲା ମଙ୍ଗଳ ବିଭାଗର ଆର୍ଶିବାଦରେ ସେ ଦୁଇ ଦୁଇଟି ଦାୟିତ୍ୱ ତୁଲାଉଛନ୍ତି। ବିଭଗ ତରଫରୁ ତୁରନ୍ତ ଏନେଇ ତଦନ୍ତ କରାଯାଇ ପିଲାଙ୍କୁ ଠିକ ରୂପେ ଖାଦ୍ୟ, ଶିକ୍ଷା ଓ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ଦାବି ହୋଇଛି।

# ଶିଶୁ କନ୍ୟାର ମୃତ୍ୟୁକୁ ନେଇ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟରେ ଉତ୍ତେଜନା : ବ୍ୟାପକ ଭଙ୍ଗା ରୁଜା

ଧର୍ମଶାଳା,୨୫/୦୯ (ନି.ପ୍ର): ଯାଜପୁର ଜିଲା ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଭାବନୀୟ ଘଟଣା । ଚିକିତ୍ସା ପାଇଁ ଆସିଥିବା ଶିଶୁ କନ୍ୟାର ମୃତ୍ୟୁକୁ ନେଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉତେଜନା ପ୍ରକାଶ ପାଇବା ସହିତ ଉତ୍ୟକ୍ତ ଲୋକଙ୍କ ଦ୍ୱାରା ବ୍ୟାପକ ଭଙ୍ଗା ରୁଜା କରାଯିବା ସହିତ ପୋଡା ଜଳା କରାଯାଇଥିବା ଜଣାପଡିଛି । ଏହି ଘଟଣାରେ ବରୀ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ବରୀ ବ୍ଲକ ଅଲ୍ଲୀପୁର ଗ୍ରାମର କାଳନ୍ଦୀ ଗେଡିଙ୍କ ୫ ବର୍ଷୀୟ ଶିଶୁ କନ୍ୟା ଅର୍ପିତାଙ୍କର ଆଜି ସକାଳ ପାଖାପାଖି ୭ଟା ସମୟରେ ଦେହ ଖରାପ ହୋଇଥିଲା । ତାଙ୍କର ଚିକିତ୍ସା ନିମନ୍ତେ ପରିବାର ଲୋକେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ଡାକ୍ତରଙ୍କ ସହ ପରାମର୍ଶ ନେଇଥିଲେ । ଡାକ୍ତର ତାଙ୍କୁ ଇଞ୍ଜେକସନ ନେବା ପାଇ ଡାକ୍ତରୀ ଚିଠାରେ ଉଲ୍ଲେଖ କରିଥିଲେ । ତେବେ ଇଞ୍ଜେକସନ ନେବାର କିଛି ସମୟ ପରେ ଅର୍ପିତାଙ୍କର ମୃତ୍ୟୁ ଘଟିଥିଲା । ଯାହାକୁ ନେଇ ଭୁଲ ଇଞ୍ଜେକସନ ପାଇଁ ଅର୍ପିତାଙ୍କ ଜୀବନ ଯାଇଥିବା ପରିବାର ପକ୍ଷରୁ କୁହା ଯାଇଥିବା ବେଳେ ଏହି ଘଟଣା ପ୍ରଚାରିତ ହେବା ପରେ ମେଡିକାଲ ପରିସରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଫଳରେ ଉତ୍ୟକ୍ତ ଲୋକେ ବ୍ୟାପକ ଭଙ୍ଗାରୁଜା କରିବା ସହ ବହୁ ଆବଶ୍ୟକୀୟ ସାମଗ୍ରୀଗୁଡିକରେ ନିଆଁ ଲଗାଇ ଦେଇଥିଲେ । ଫଳରେ ମେଡିକାଲ ପରିସର ଅଶାନ୍ତ ବାତାବରଣ ସୃଷ୍ଟି ହୋଇଥିଲା । ଖବର ପାଇଁ ଯାଜପୁର ଉପ-ଜିଲାପାଳ ଗୋପିନାଥ କୁଅଁର ,ବରୀ ତହସିଲଦାର ତିଲୋତମା ପୃଷ୍ଟି ,ଏସଡିପିଓ ସତ୍ୟବ୍ରତ ଲେଙ୍କା,ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀ ଶିବାଶିଷ ମହାରଣା,ବରୀ ରାମଚନ୍ଦ୍ରପୁର ଥାନା ଅଧିକାରୀ ପ୍ରକାଶ ସାହୁ ଓ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ.ସବ୍ୟସାଚୀ ଦାସ ପ୍ରମୁଖମେଡିକାଲ ପରିସରରେ ପଂହଚି ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ । ଜିଲା ରେଡକ୍ରସ ପକ୍ଷରୁ ସହାୟତା ଘୋଷଣା ସହ ଘଟଣାର ତଦନ୍ତ କରିବାର ପ୍ରତିଶୃତି ଦେବା ପରେ ଘଟଣା ଶାନ୍ତ ପଡିଥିଲା । ପୋଲିସ ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲଶ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିବା ଜଣାପଡିଛି । ଅନେକ ସମୟରେ ବରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆମ୍ବୁଲାନ୍ସ ନ ଥିବା ଅନେକ ଗୁରୁତର ରୋଗୀଙ୍କ ଜୀବନ ଯାଉଥିବା ବେଳେ ନିକଟରେ ମେଡିକାଲରେ ଅକସିଜେନ ପାଇଁ ଜଣେ ଶିଶୁ ପୁତ୍ରର ଜୀବନ ଯାଇଥିବା ଲୋକେ ଜିଲା ପ୍ରଶାସନ ନିକଟରେ ଦାବି କରିଥିଲେ । ମେଡିକାଲରେ ବାରମ୍ବାର ଅଭାବୀନୟ ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସେପରି କିଛି ପଦକ୍ଷେପ ନିଆ ଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ । ଖବର ପାଇ ବିଜେଡି ଯୁବ ନେତା ବିଶ୍ୱ ରଂଜନ ମଲ୍ଲିକ ମେଡିକାଲ ପରିସରରେ ପଂହଚି ମୃତକଙ୍କ ପରିବାରକୁ ଭୋଟି ସାନ୍ତ୍ୱନା ଦେବା ସହିତ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।

# ସେନାରେ କାର୍ଯ୍ୟରତ ଯବାନଙ୍କୁ ଲୁଟ : ଦୁଇ ଗିରଫ

ବ୍ରହ୍ମପୁର,୨୫/୦୯ (ନି.ପ୍ର): ଗତକାଲି ରାତିରେ ପୁରୀ ଯିବା ପାଇଁ ବ୍ରହ୍ମପୁରରୁ ବସ୍ ଯୋଗେ ପବିତ୍ର ପ୍ରଧାନ (୨୫) ଜଟଣୀ ରେଳ ଷ୍ଟେସନକୁ ଆସୁଥିଲେ। ରାତି ପ୍ରାୟ ୧୦ଟା ବେଳେ ଖୋର୍ଦ୍ଧା ଉପକଣ୍ଠ ବରୁଣେଇ ଛକ ଠାରେ ହୋଟେଲ୍‌ରେ ଖାଇବାକୁ ବସ୍‌ରୁ ଓହ୍ଲାଇଥିଲେ। ଏହି ସମୟରେ ଦୁଇଜଣ ଯୁବକ ମୋଟର ସାଇକଲରେ ଆସି ତାଙ୍କୁ ମାରଣାସ୍ତ୍ର ଦେଖାଇ ତାଙ୍କ ନିକଟରୁ ଗୋଟିଏ ସୁନାଚେନ୍, ରୁପା ବ୍ରାସ୍‌ଲେଟ୍, ୭ ହଜାର ଟଙ୍କା, ଏଟିଏମ୍ ? କାର୍ଡ ସହ ମନିପର୍ସ ଲୁଟି ନେଇଥିଲେ। ଏନେଇ ପବିତ୍ର ଖୋର୍ଦ୍ଧା ଶିଳ୍ପାଞ୍ଚଳ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାକୁ ଗୁରୁତର ସହ ଗ୍ରହଣ କରି ୬୨୩/ ୨୦୨୩ରେ ଏକ ମାମଲା ରୁଜୁ କରିବା ସହ ଆଖପାଖର ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ଏଥିରେ ମୁକୁନ୍ଦ ପ୍ରସାଦର ସେକ ସୁରଜ (୨୫) ଓ ଫିରୋଜ ଖାଁ (୨୯) ସମ୍ପୃକ୍ତ ଥିବା ଜାଣିପାରିଥିଲା। ଆଜି ସକାଳେ ସେମାନଙ୍କୁ ଧରିଥିଲା।

# ସେବା ସମବାୟ ସମିତି ଗୃହ ଉଦଘାଟନ

ଭୁବନ,୨୫/୦୯ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ବାରୁଆଁ (ବି ) ପ୍ରାଥମିକ ସେବା ସମବାୟ ସମିତି ର ନୂତନ ଗୃହ ଉଦଘାଟନ ହୋଇଯାଇଛି । ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖଣି ଇସ୍ପାତ ଓ ପୂର୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନଡ଼ିଆ ଭାଙ୍ଗି ନୂତନ ଗୃହକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅନୁଗୁଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ ଯୋଗଦେଇ ପୂର୍ବ ବର୍ଷ ମାନଙ୍କରେ ଚାଷୀ ଭାଇ ମାନେ ସାର,ଔଷଧ ପାଇଁ ବହୁତ ହଇରାଣ ହେଉଥିଲେ। ଅଧିକ ପଇସା ଦେଇ ବ୍ଲାକ ରେ କିଣିବାକୁ ବାଧ ହେଉଥିଲେ । କିନ୍ତୁ ଚଳିତ ବର୍ଷ ନିର୍ଦ୍ଦେଶକ ଅଭିମନ୍ୟୁ ବେହେରା ଙ୍କ ନିବେଦନ କ୍ରମେ ମାର୍କଫେଡ୍ ଜରିଆରେ ଆବଶ୍ୟକତା ଠାରୁ ଅଧିକ ସାର, ଔଷଧ ଯୋଗାଇ ଦିଆଯାଉଛି ବୋଲି କହିଥିଲେ । ବାରୁଆଁ (ବି ) ସେବା ସମବାୟ ସମିତି ସଭାନେତ୍ରୀ ସ୍ନେହଲତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଏ ୟୁ ସି ସି ବ୍ୟାଙ୍କ୍ ନିର୍ଦ୍ଦେଶକ ଅଭିମନ୍ୟୁ ବେହେରା ଯୋଗଦେଇ ଗୋଦାମ ଗୃହ ସମସ୍ୟା ସମ୍ପର୍କରେ ମନ୍ତ୍ରୀ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚାଷୀ ଭାଇ ମାନଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ପ୍ରତ୍ୟେକ ସମିତି ଅଧିନରେ ଗୋଦାମ ଗୃହ ଏବଂ ଭୁବନ ରେ ବ୍ୟାଙ୍କ ଗୃହ ନିର୍ମାଣ ପାଇଁ ମାନ୍ୟବର ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ଏ ୟୁ ସି ସି ବ୍ୟାଙ୍କ,ଭୁବନ ଶାଖା ପରିଚାଳକ ଗଣେଶ୍ୱର ଖଟୁଆ ଯୋଗଦେଇଥିଲେ । ଜିଲ୍ଲା ପରିଷଦ ସଭ୍ୟ ରମେଶ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବାରୁଆଁ (ବି) ସରପଂଚ ବୀଣାପାଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ସୁଶାନ୍ତ କୁମାର ପରିଡ଼ା ସକ୍ରିୟ ଅଂଶ ଗ୍ରହଣ ଓ ସହଯୋଗ କରିଥିଲେ ।

# ବାସୁଦେବପୁର ବ୍ଲକରେ ମିଳିତ ଅଭିଯୋଗ ଶୁଣାଣି ଶିବିର



ବାସୁଦେବପୁର, ୨୫/୦୯ (ନି.ପ୍ର): ବାସୁଦେବପୁର ବ୍ଲକରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଭଦ୍ରକ ଜିଲ୍ଲା ପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦର, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଡ ପାଲି, ଏପିଡି, ସିଡିଏମଓ ଡାକ୍ତର ସନ୍ତୋଷ ପାତ୍ର, ଉପ ଜିଲ୍ଲା ପାଳ ମନୋଜ ପାତ୍ର, ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ବିଡ଼ିଓ ସତ୍ୟଜିତ ରାଉତ ପ୍ରମୁଖ ଯୋଗ ଦେଇ ବିଭିନ୍ନ ଲୋକ ମାନଙ୍କ ର ଅଭିଯୋଗ ଶୁଣିଥିଲେ । ସମୁଦାୟ ୨୨୪ ଟି ଅଭିଯୋଗ ଦାଖଲ ହୋଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ, ସହକାରୀ ଯନ୍ତ୍ରୀ ଅନିଶ ସୁବୁଦ୍ଧି ରାୟ, ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ଡାକ୍ତର ସୁଶାନ୍ତ ସାମନ୍ତ, ବିଇଓ ଜଗବନ୍ଧୁ ସାହୁ ଓ ବିଭିନ୍ନ ବିଭାଗ ର ଅଧିକାରୀ ଯୋଗ ଦେଇଥିଲେ । ବିଭିନ୍ନ ପଂଚାୟତ ରୁ ଓ ପୌର ପାଳିକା ରୁ ଜନ ସାଧାରଣ ବିଭିନ୍ନ ସମସ୍ୟା ନେଇ ଆସିଥିଲେ ।

# ସ୍ୱଚ୍ଛତା ହିଁ ସେବା ଦିବସ ପାଳିତ

ଲଙ୍ଗଳେଶ୍ୱର, ୨୫/୦୯ (ନି.ପ୍ର): ମନୁଷ୍ୟକୁ ବଂଚିବା ପାଇଁ ହେଲେ ସଦାସର୍ବଦା ନିଜେ ସଫାସୁତରା ରହିବା ସହିତ ଆଖପାଖ ପରିବେଶକୁ ସଫା ରଖିବା ସ୍ୱାସ୍ଥ୍ୟ ପାଇଁ ଉପକାର ହୋଇଥାଏ । ଅଳିଆ ଆବର୍ଜନାରୁ ବିଭିନ୍ନ ପ୍ରକାରର ରୋଗ ସୃଷ୍ଟି ହୋଇଥାଏ, ରୋଗ ଦାଉରୁ ରକ୍ଷା ପାଇବାପାଇଁ ନିଜେ ନିଜକୁ ସତର୍କ ରହିବା ପାଇଁ ପରିବେଶ କୁ ସଫା ରଖିବାର ଆବଶ୍ୟକତା ରହିଛି । ଆଜି ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ପରିସରରେ ବାଲିଆପାଳ ପଞ୍ଚାୟତ ସମିତିର ଗୋଷ୍ଠି ଉନ୍ନୟନ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ଙ୍କ ଅଧକ୍ଷତାରେ ସ୍ୱଚ୍ଛ ଭାରତ ମିଶନ ତରଫରୁ ସେପ୍ଟେମ୍ବର ୧୫ ତାରିଖରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପ୍ରଯ୍ୟନ୍ତ 'ସ୍ୱଚ୍ଛତା ହିଁ ସେବା' ଦିବସ ପାଳନ ଉପଲକ୍ଷେ ବ୍ଲକ ର ବି ଆର ସି ସୁପ୍ରିୟା ବିଶ୍ୱାଳଙ୍କ ତତ୍ୱାବଧାନରେ ଏପିଓ ସୋମ୍ୟକାନ୍ତ ଦାସ ଙ୍କ ପରିଚାଳନା ରେ ମାଷ୍ଟର ଟ୍ରେନର ସପନ କୁମାର ବାଗ,ଲକ୍ଷ୍ମୀଧର ପ୍ରଧାନ, ବଂଶୀଧର ଜେନା,ଏଇ ଇଂ ସୋମ୍ୟ ମୋକୁଳ ବାରିକ,ସିପି ଅଜୟ ଦାସ ଅଧିକାରୀ,ଜେଇ କ୍ରିତି ଚନ୍ଦ୍ର ପାତ୍ର,ପ୍ରେମାନନ୍ଦ ଚଇନି,ସୁବଳ ମଲ୍ଲିକ,ପିଇଓ ସନ୍ୟାସୀ ବଡୁ, ପ୍ରଭୁରାମ ଦେ, କରୁଣାକର ଜେନା, ଶୁଭଶଙ୍କର ଦାସ, ସୁଜୟ କୁମାର ସି, ରାଇମଣୀ କିସକୁ, ଜି ଆର ଏସ ବିଶ୍ୱନାଥ ନାୟକ, ଦୁର୍ଗା ଶଙ୍କର ନାୟକ ତଥା ମିଶନ ଶକ୍ତି ର ସଦସ୍ୟା ମାନଙ୍କ ଦ୍ୱାରା ବ୍ଲକ ପରିସରରେ ଥିବା ଅଳିଆ ଆବର୍ଜନା କୁ ସଫାକରୀ ସ୍ୱଚ୍ଛତା ହିଁ ସେବା ଦିବସ ପାଳନ କରାଯାଇଥିଲା ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ବିଜେପି ସହ ସମ୍ପର୍କ ....

ଏପରି ସ୍ଥିତିରେ ଆନ୍ନାମଲାଇଙ୍କ ବୟାନ ଦଳ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ମାର୍ଚ୍ଚ ମାସରେ ଆନ୍ନାମଲାଇ ୨୦୨୪ରେ ଏଆଇଏଡିଏମକେ ସହ ମେଣ୍ଟ କରିବା ବିରୋଧରେ ମତ ରଖିଥିଲେ । ସେପ୍ଟେମ୍ବର ୧୮ରେ ଏଆଇଏଡିଏମକେ ନେତା ଜୟକୁମାର କହିଥିଲେ, "ଆନ୍ନାମଲାଇ ଏଆଇଏଡିଏମକେ ସହ ମେଣ୍ଟ କରିବାକୁ ଚାହୁଁ ନାହାନ୍ତି । କିନ୍ତୁ ବିଜେପି କର୍ମୀମାନେ ମେଣ୍ଟ ଚାହୁଁଛନ୍ତି । ଆମ ନେତାମାନଙ୍କର ସବୁ ପ୍ରକାରର ଅପମାନକୁ କ'ଣ ଆମେ ଏମିତି ସହି ଯିବୁ ? ଆମେ କାହିଁକି ଆପଣମାନଙ୍କୁ ସାଙ୍ଗରେ ନେବୁ ? ବିଜେପି କେବେ ହେଲେ ଏଠାରେ ନିଜର ଉପସ୍ଥିତି ଜାହିର କରିପାରିବ ନାହିଁ । ଆପଣଙ୍କ ଭୋଟ ବ୍ୟାଙ୍କ କଥା ଆମକୁ ଜଣା । ଆମ ପାଇଁ ଆପଣମାନଙ୍କୁ ଲୋକ ଜାଣୁଛନ୍ତି । ଆମେ ଆମ ନେତାମାନଙ୍କ ଅପମାନ ଆଉ ସହ୍ୟ କରିପାରିବୁ ନାହିଁ ।" ବିଜେପି ସହ ଏଆଇଏଡିଏମକେ ୨୦୧୯ ଲୋକସଭା ଓ ୨୦୨୧ ବିଧାନସଭା ନିର୍ବାଚନ ଲଢ଼ିଥିଲା । ହେଲେ ଦୁଇଟି ଯାକ ନିର୍ବାଚନରେ ଦଳକୁ ହାରିବାକୁ ପଡ଼ିଛି ।

## ଅଡୁଆରେ ବିଜେଡି ....

ଓ ସାକ୍ଷୀମାନଙ୍କ ବୟାନ ରେକର୍ଡ କରିଥିଲେ । ସେମାନଙ୍କ ବୟାନରୁ ସ୍ପଷ୍ଟ ହୋଇଥିଲା ଯେ ଏହି ମାମଲାରେ ପ୍ରତାପଙ୍କ ବିରୋଧରେ ହତ୍ୟା, ହତ୍ୟା ଷଡ଼ଯନ୍ତ୍ର ଓ ଧମକ ଦେବା ଭଳି ଯେଉଁ ଅଭିଯୋଗ ରହିଛି, ତା'ପଛରେ ପ୍ରମାଣଯୋଗ୍ୟ ତଥ୍ୟ ରହିଛି । ଏଥିରୁ ସ୍ପଷ୍ଟ ହେଉଛି ପୁଲିସ ତଦନ୍ତ ବେଳେ ଓ ଚାର୍ଜଶିଟ୍ ଦାଖଲ ବେଳେ ଯେଉଁ ସବୁ ଦିଗଗୁଡ଼ିକୁ ଅଣଦେଖା କରିଥିଲା, ସେଗୁଡ଼ିକୁ ଅଭିଯୋଗକାରୀ ଓ ସାକ୍ଷୀମାନେ ସାମ୍ନାକୁ ଆଣିଥିଲେ । ଆଉ ସେନେଇ ସେମାନେ ବଳିଷ୍ଠ ତଥ୍ୟ ଓ ପ୍ରମାଣ ମଧ୍ୟ ଉପସ୍ଥାପନ କରିଥିଲେ । ଫଳରେ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟ ମଧ୍ୟ ସେମାନଙ୍କ ଯୁକ୍ତିକୁ ଗ୍ରହଣ କରିଥିଲେ । ୨୦୨୧ ଜାନୁଆରୀ ୨ ତାରିଖ ସନ୍ଧ୍ୟାରେ ମାହାଙ୍ଗାର ବରିଷ୍ଠ ବିଜେପି ନେତା କୁଳମଣି ବରାଳ (୭୫) ଓ ତାଙ୍କ ସଂପର୍କୀୟ ଦିବ୍ୟ ସିଂହ ବରାଳ (୮୨)ଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଏହି ମାମଲାରେ ୧୩ ଜଣଙ୍କ ନାଁରେ ଥାନାରେ ଅଭିଯୋଗ ହୋଇଥିଲା । ବିଧାୟକ ପ୍ରତାପ ଜେନାଙ୍କ ବିରୋଧରେ ମଧ୍ୟ ହୋଇଥିଲା ମାମଲା । ତେବେ ପୁଲିସ ଚାର୍ଜସିଟ୍ ଦାଖଲ ବେଳେ ମନ୍ତ୍ରୀଙ୍କ ନାଁକୁ କାଟି ଦେଇଥିଲେ ।

## ଆଲୋଚନା ବିଫଳ....

ଯାହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଏହା ବିରୋଧରେ ରାଜ ରାସ୍ତାକୁ ଓହ୍ଲାଇବ ଶ୍ରୀ ଜଗନ୍ନାଥ ସେନା । ଅକ୍ଟୋବର ୩ ତାରିଖରେ ଜଗନ୍ନାଥ ସେନା ଶାନ୍ତିପୂର୍ଣ୍ଣ ଓଡ଼ିଶା ବନ୍ଦ ଡାକରା ଦେଇଛି । ଶ୍ରୀମନ୍ଦିର ଚାରିଦ୍ୱାର ଓ ରତ୍ନଭଣ୍ଡାର ଖୋଲିବା ଏବଂ ରତ୍ନଭଣ୍ଡାର ସୁରକ୍ଷା ଦାବିରେ ସେନା ଏହି ବନ୍ଦ ଡାକରା ଦେଇଛି । ଆଜି ପୁରୀ ଜିଲ୍ଲାପାଳ ଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କୁ ଆଲୋଚନା ପାଇଁ ଡାକିଥିଲେ । ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଶେଷ ପରେ ଚାରିଦୁଆର ଖୋଲାଯିବ ବୋଲି ଜିଲ୍ଲାପାଳ କହିଥିଲେ । ମାତ୍ର ଏଥିରେ ସହମତି ପ୍ରକାଶ କରିନଥିଲେ ଜଗନ୍ନାଥ ସେନା ଆବାହକ । ନିଜ ଜିଦ୍‌ରେ ଅଟଳ ରହିଥିଲା ସେନା । ଆସନ୍ତା ୭୨ ଘଣ୍ଟା ମଧ୍ୟରେ ଲିଖିତ ପ୍ରତିଶ୍ରୁତି ନମିଳିଲେ ଭକ୍ତଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅକ୍ଟୋବର ୩ ତାରିଖରେ ଓଡ଼ିଶା ବନ୍ଦ କରିବ ବୋଲି ପୁନର୍ବାର ଚେତାବନୀ ଦେଇଛି ସେନା । କାଳିଆ ପାଇଁ ଦିନଟିଏ । ଭକ୍ତ ପାଇଁ ଦିନଟିଏ ଦେବାକୁ ଶ୍ରୀ ଜଗନ୍ନାଥ ସେନା ପକ୍ଷରୁ ଆହ୍ୱାନ ଦିଆଯାଇଛି । ଶ୍ରୀ ଜଗନ୍ନାଥ ସେନାର ଏହି ଦାବିକୁ ରାଜନୈତିକ ଦଳମାନେ ସମର୍ଥନ ଥିବା ଜଣାପଡ଼ିଛି । ଚାରିଦୁଆର ଓ ରତ୍ନଭଣ୍ଡାର ଖୋଲିବା ଏବଂ ରତ୍ନଭଣ୍ଡାର ସୁରକ୍ଷା ଦାବି ଯଥାର୍ଥ ବୋଲି ବିଜେଡିଠାରୁ ଆରମ୍ଭ କରି ବିଜେପି ଓ କଂଗ୍ରେସ ନେତାମାନେ ଦାବି କରିଛନ୍ତି । ଓଡ଼ିଶା ବନ୍ଦ ଡାକରା ଏକ ମାଧ୍ୟମ ନୁହେଁ । ପ୍ରତିବାଦର ଭିନ୍ନ ଭିନ୍ନ ବାଟ ରହିଛି ବୋଲି ପୂର୍ବତନମନ୍ତ୍ରୀ ମହେଶ୍ୱର ମହାନ୍ତି କହିଛନ୍ତି । ସେପଟେ ବିଜେପି ବିଧାୟକ ଜୟନ୍ତ ଷଡ଼ଙ୍ଗୀ କହିଛନ୍ତି, ବନ୍ଦ ଡାକରା ଦାବି ଶାନ୍ତିପୂର୍ଣ୍ଣ ହେଲେ ଆମେ ସମର୍ଥନ କରିବୁ । ପୂର୍ବରୁ ଚାରି ଦୁଆର ଖୋଲା ଯାଉଥିଲା । ଏବେ ଖୋଲାଯିବା ଉଚିତ । ମୁଁ ମଧ୍ୟ ଚାହୁଁଛି, ଚାରି ଦ୍ୱାର ଦେଇ ଭକ୍ତମାନେ ଶ୍ରୀମନ୍ଦିର ଭିତରକୁ ଯାଆନ୍ତୁ ବୋଲି ଜୟନ୍ତ ଷଡଙ୍ଗୀ କହିଛନ୍ତି ।

## ବିଧାନସଭାରେ....

ଲୋକଙ୍କ ସମସ୍ୟାକୁ ମୋ ସରକାର ଗୁରୁତ୍ୱ ଦେଉଛି । ଏଥିରେ ଦ୍ୱିମତ ହେବାର ନାହିଁ । ସେପଟେ ମୁଖ୍ୟମନ୍ତ୍ରୀଙ୍କ ବିବୃତ୍ତି ପରେ ଗୃହରେ ଆରମ୍ଭ ହୋଇଥିଲା ହୋ ହଲ୍ଲା ଓ ହଟ୍ଟଗୋଳ । ଫଳରେ ସ୍ଥିତି ଏମିତି ହୋଇଥିଲା ଯେ, ପୁଣି ମୁଲତବୀ ହୋଇଥିଲା ଗୃହ । ଅପରାହ୍ନ ୪ଟା ଯାଏଁ ବିଧାନସଭାକୁ ଶୁଲତବୀ କରିଥିଲେ ବାଚସ୍ପତି । କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଅଭିଯୋଗ କରିଛନ୍ତି ଯେ, ଓଡ଼ିଶାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗୁମାସ୍ତା ଶାସନ ଚାଲିଛି । ମୁଖ୍ୟମନ୍ତ୍ରୀ ବୋଧହୁଏ ନିଜେ ଶାସନ କରିବାକୁ ଅସହାୟ ଅନୁଭବ କରୁଛନ୍ତି । ସେଥିପାଇଁ ଗୁମାସ୍ତା ଶାସନ ଚାଲିଛି । ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲାପାଳ ଓ ଏସପିମାନେ ସେମାନେ ସରକାରୀ ଦଳର ସଭାପତି ଓ ସମ୍ପାଦକ ଭଳି କାମ କରୁଛନ୍ତି । ବିଧାୟକମାନଙ୍କର ସତେ ଯେମିତି ଆବଶ୍ୟକତା ନାହିଁ । ଫାଇଭ-ଟି ସଚିବ ଜିଲ୍ଲାଗସ୍ତବେଳେ ଓ ସଭା କରିବାବେଳେ ଲୋକମାନଙ୍କୁ ପଇସା ଦେଇ ଗାଡ଼ିରେ ବୁହାଇବା, ଟେବୁଲ ଚୌକି ପକାଇବା ,ଟେଣ୍ଟ ଟାଣିବା ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କ ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସରକାରୀ ଦଳ ତରଫରୁ ଫାଇଭ-ଟି ସଚିବ ୩୦ଟି ଜିଲ୍ଲାରେ ନିର୍ବାଚନୀ ପ୍ରଚାର କରି ଆସିଛନ୍ତି ଓ ଅପର୍ଯ୍ୟାପ୍ତ ଅର୍ଥ ବଂଟନ କରିଛନ୍ତି । ଲୋକଙ୍କ ସମସ୍ୟା ଶୁଣିବା ପାଇଁ ସେ ଯାଇନଥିଲେ । ସେ ଯଦି ଶୁଣିଥାନ୍ତେ ତା'ହେଲେ ହଜାର ହଜାର ଲୋକ ଆସି ରାଜରାସ୍ତାରେ ଆନ୍ଦୋଳନ କରିନଥାନ୍ତେ । ଶିକ୍ଷକ ଓ ଆୟୁର୍ବେଦ ଡାକ୍ତରମାନେ ଆନ୍ଦୋଳନ କରୁଛନ୍ତି । ସବୁ ସଂଗଠନମାନେ ଏଠି ଆନ୍ଦୋଳନ କରୁଛନ୍ତି । ଯଦି ସଚିବ ଅଭିଯୋଗ ଶୁଣୁଥିଲେ, ତା'ହେଲେ ସେମାନେ ଭୁବନେଶ୍ୱର ଆସି କାହିଁକି ଆନ୍ଦୋଳନ କରୁଛନ୍ତି । କେବଳ ଶସ୍ତା ରାଜନୀତି କରିବା ପାଇଁ ରାଜକୋଷରୁ ଅପର୍ଯ୍ୟାପ୍ତ ପଇସା ବ୍ୟୟ କରାଯାଇଛି । ସରକାରୀ ହେଲିକପ୍ଟର ବ୍ୟବହାର କରିଥିଲେ ଓ ଯେତେବେଳେ କିଏ ସମାଲୋଚନା କରୁଛି ସେହି ସମୟରେ ପ୍ରତିହିଂସାପରାୟଣ ହୋଇ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଗଣମାଧ୍ୟମର କଣ୍ଠରୋଧ ହେଉଛି । କହିବାକୁ ସୁଯୋଗ ଦିଆଯାଉନି । ମାଇକ୍ ମଝିରେ ଅଚଳ କରି ଦିଆଗଲା । ଗଣତନ୍ତ୍ର ଶାସନ ଆଉ ଦେଶରେ କି ରାଜ୍ୟରେ ନାହିଁ । ବିଜେପି ଓ ବିଜେଡି ଗୋଟିଏ ମୁଦ୍ରାର ଉଭୟ ପାର୍ଶ୍ୱର୍ । ବିଧାନସଭାର ଆଉ କୌଣସି ଆବଶ୍ୟକତା ନାହିଁ । ଗୃହ ଚାଲୁ ବୋଲି ଏ ସରକାର ଚାହୁଁନାନ୍ତି । ବାଚସ୍ପତି ଗୃହରେ ବିଜେପିକୁ ସୁଯୋଗ ଦେଲେ ନିଜର କଥା ରଖିବାକୁ । ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ସୁଯୋଗ ମିଳିଲା ଗୃହରେ କହିବାକୁ । କିନ୍ତୁ ତାଙ୍କ ବେଳକୁ ଅଧାରେ ବନ୍ଦ କରିଦିଆଗଲା ବୋଲି ଶ୍ରୀ ମିଶ୍ର କ୍ଷୋଭର ସହ କହିଛନ୍ତି । ଏ ସରକାର କଂଗ୍ରେସକୁ ଭୟ କରୁଛନ୍ତି, କଂଗ୍ରେସର କଣ୍ଠରୋଧ କରାଯାଉଛି ଓ ବିଧାନସଭାରେ କହିବାକୁ ସୁଯୋଗ ଦିଆଯାଉନି । ବିଧାନସଭାରେ ରୁଲସ୍ ଅଫ ବିଜିନେସରେ ଚାଲୁନି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିଛନ୍ତି । ସେହିପରି ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବିଜେପି ବିଧାୟକ ମୋହନ ଚରଣ ମାଝୀ କଡ଼ା ସମାଲୋଚନା କରି କହିଛନ୍ତି ଯେ,ଆଜି ମୁଖ୍ୟମନ୍ତ୍ରୀ ବିଧାନସଭାର ଗୃହରେ ସିଏମଓକୁ ଲୋକଙ୍କ କଥା ବୁଝିବା ପାଇଁ ପଠାଇଛି ବୋଲି ଯାହା କହିଲେ ତାହା ସମ୍ପୂର୍ଣ୍ଣ ହାସ୍ୟାସ୍ପଦ କଥା । ଗଣତନ୍ତ୍ରରେ ନିର୍ବାଚିତ ପ୍ରତିନିଧି ବଡ଼ ନା ସିଏମ୍ ?ଓ ବଡ଼ ତାହା ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ ? ଯଦି ମନ୍ତ୍ରୀ,ସାଂସଦ, ବିଧାୟକମାନଙ୍କୁ ଲୋକଙ୍କ ପାଖକୁ ମୁଖ୍ୟମନ୍ତ୍ରୀ ପଠାଇଥାନ୍ତେ ତେବେ ଓଡ଼ିଶାବାସୀ ଆଶ୍ୱସ୍ତି ଲାଭ କରିଥାନ୍ତେ । କାରଣ ସେମାନେ ଯାହାକୁ ଭୋଟ୍ ଦେଇ ନିର୍ବାଚିତ କରିଥିଲେ ସେହି ଜନପ୍ରତିନିଧିମାନେ ଆସି ତାଙ୍କର ଅଭିଯୋଗ ଶୁଣିଲେ ଓ ପ୍ରତିଶ୍ରୁତି ଦେଲେ, ମାତ୍ର ଏହା ନ କହି ମୁଖ୍ୟମନ୍ତ୍ରୀ ଯାହା କହିଛନ୍ତି, ତାହା ଗଣତନ୍ତ୍ର ପାଇଁ ଉପହାସ ବୋଲି ଶ୍ରୀ ମାଝୀ କହିଛନ୍ତି । ସେ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ୍ କରି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନିଜେ କାହିଁକି ଲୋକମାନଙ୍କ ପାଖକୁ ଯାଉନାହାନ୍ତି ? ଲୋକମାନଙ୍କୁ ସେ ଡରିଗଲେ କି ? କ୍ୟାବିନେଟ୍ ମନ୍ତ୍ରୀଙ୍କ ଉପରେ ମୁଖ୍ୟମନ୍ତ୍ରୀଙ୍କ ଭରସା ଉଠିଗଲା କି ? ଜଣେ ବ୍ୟକ୍ତି କ'ଣ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ହୋଇପାରିବ କି ?

# ଚରମ୍ପା ବରିଷ୍ଠ ନାଗରିକ ସଂଘର ବୈଠକ



ଭଦ୍ରକ, ୨୫/୦୯ (ନି.ପ୍ର): ଚରମ୍ପା ବରିଷ୍ଠ ନାଗରିକ ସଂଘର ଏକ ବୈଠକ ଚରମ୍ପା ସ୍ଥିତ ଏରେଇଁ କଲ୍ୟାଣ ମଣ୍ଡପରେ ସଂଘର ସ୍ଥାୟୀ ସଭାପତି ଗଗନ ବିହାରୀ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର ଗତ ବୈଠକର ବିବରଣୀ ସହ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକାରୀ ସଭାପତି ବାବୁଲାଲ ଦାସ, ଉପଦେଷ୍ଟା ପଦ୍ମଲୋଚନ ମହାଳିକ, ନରସିଂହ ମିଶ୍ର, କ୍ଷିତିଶ ରାଉତ ଏହାର ଆଭିମୁଖ୍ୟ ତଥା ପରସ୍ପର ଭାବର ଆଦାନ ପ୍ରଦାନ ଦ୍ୱାରା ବାର୍ଦ୍ଧକ୍ୟ ଜନିତ ଦୁଃଖ ଲାଘବ ହୋଇଥାଏ ବୋଲି ବର୍ଣ୍ଣନା କରିଥିଲେ । କୋଷାଧ୍ୟକ୍ଷ ସୁଦର୍ଶନ ବିଶ୍ୱାଳ ଆୟ ବ୍ୟୟର ହିସାବ ପ୍ରଦାନ କରିଥିଲେ । ସମ୍ପାଦକ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ୱରୂପ କେତେକ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ରେଲୱେ ବୁକିଂ କାଉଣ୍ଟରରେ ବରିଷ୍ଠ ନାଗରିକଙ୍କୁ ବିଶେଷ ସୁବିଧା ଦେବା, ଉଚ୍ଛେଦ କରାଯାଇଥିବା ରେଲୱେ ଯାତ୍ରାର ରିହାତି ଦେବା, ବାଲେଶ୍ୱର ଓ ପୁରୀ ମଧ୍ୟରେ ଅସମତା ଭଡ଼ାର ବିଚାର କରିବା ଆଦି ବିଷୟ ଡି.ଆର୍.ଏମ୍. ଖୋର୍ଦ୍ଧାଙ୍କ ଅବଗତି ନିମିତ୍ତ ପ୍ରସ୍ତାବ ନିଆଯାଇଥିଲା । ବାର୍ଷିକ ଉତ୍ସବ ଆସନ୍ତା ଫେବୃଆରୀ ମାସ ଶେଷ ସପ୍ତାହରେ ପାଳନ ସହ ଏକ ସଭ୍ୟମାନଙ୍କର ସଂକ୍ଷିପ୍ତ ପରିଚୟ ପୁସ୍ତିକା ପ୍ରକାଶ କରାଯିବାକୁ ମଧ୍ୟ ନିଷ୍ପତ୍ତି ହୋଇଥିଲା । ପଶ୍ଚିମ ଓଡ଼ିଶାର ନୂଆଖାଇ ପର୍ବକୁ ଓଡ଼ିଶାବାସୀଙ୍କ ସମର୍ଥନ ଓ ସାଂସ୍କୃତିକ ପରମ୍ପରା ରକ୍ଷା କରିଥିବାରୁ ସଂଘ ବେଶ୍ ଆନନ୍ଦ ପ୍ରକାଶ କରିଥିଲେ । ଉପସ୍ଥିତ ସଭ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ କୁମାର ନାୟକ, ସୁଧାଂଶୁ ତ୍ରିପାଠୀ, ବରଦାପ୍ରସନ୍ନ ପଣ୍ଡା, ବରେନ୍ଦ୍ର ପଟ୍ଟନାୟକ, ଜଗବନ୍ଧୁ ମହାନ୍ତି, ବିଜୟ କୁମାର ସେନାପତି, କେଦାରନାଥ ଗୁପ୍ତା, କଳାକାର ମିଶ୍ର, ନିଶିକାନ୍ତ ଧଳ, ଗଣପତି ପାଣିଗ୍ରାହୀ, ସଂକର୍ଷଣ ସାହୁ, ବିଶ୍ୱନାଥ ବେହେରା ସହ ଅନ୍ୟାନ୍ୟ ସଭ୍ୟ ଆଲୋଚନାରେ ଅଂଶ ଗ୍ରହଣ କରିଥିବା ବେଳେ ନରସିଂହ ମିଶ୍ର ଧନ୍ୟବାଦ ଦେଇଥିଲେ ।

# ବିକେଏମ୍‌ୟୁର ଅକ୍ଟୋବର ୨ରୁ ପଦଯାତ୍ରା

ଭୁବନେଶ୍ୱର, ୨୫/୦୯ (ନି.ପ୍ର): ଭାରତୀୟ କ୍ଷେତ ମଜଦୁର ୟୁନିୟନ (ବି.କେ.ଏମ.ୟୁ.) ର ରାଜ୍ୟ ପରିଷଦ ବୈଠକ ଆଜି ଅଶୋକନଗରସ୍ଥିତ ଭଗବତୀ ଭବନଠାରେ ରଘୁନାଥ ଗୌଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବିକେଏମ୍‌ୟୁର ରାଜ୍ୟ ସମ୍ପାଦକ ସୁର ଜେନା ଆସନ୍ତା ନଭେମ୍ବର ୨ରୁ ୬ ତାରିଖ ପର୍ଯ୍ୟନ୍ତ ପାଟନାଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସମ୍ମିଳନୀ ପାଇଁ ଓଡ଼ିଶାରୁ ୧୦ଜଣ ପ୍ରତିନିଧିଙ୍କ ନାମ ପ୍ରସ୍ତାବ କରିଥିଲେ ଏବଂ ଆଲୋଚନା ପରେ ତାହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ରାଜ୍ୟ ପରିଷଦ ବୈଠକରେ କେନ୍ଦ୍ରୀୟ ଆଇନ ଓ ରାଜ୍ୟରେ କଲ୍ୟାଣ ବୋର୍ଡ ସମେତ କ୍ଷେତ ମୂଲିଆମାନଙ୍କ ସର୍ବନିମ୍ନ ମଜୁରି ଦୈନିକ ୬୦୦ ଟଙ୍କା ଧାର୍ଯ୍ୟ କରିବା, ଭୂମିହୀନ ଆଦିବାସୀ ଓ କ୍ଷେତ ମୂଲିଆମାନଙ୍କୁ ଘରଡିହ ଓ ଦଖଲ ଜମିର ପଟ୍ଟା ଦେବା, ୫୫ ବର୍ଷରୁ ଊର୍ଦ୍ଧ୍ୱ କ୍ଷେତ ମୂଲିଆମାନଙ୍କୁ ମାସିକ ୬୦୦୦/- ଟଙ୍କା ପେନସନ ପ୍ରଦାନ, ଇନ୍ଦିରା ଆବାସର ପରିମାଣ ୩ ଲକ୍ଷଟଙ୍କାକୁ ବୃଦ୍ଧି କରିବା ପ୍ରଭୃତି ଦାବି ଉପରେ ଆଗାମୀ ଅକ୍ଟୋବର ୨ତାରିଖଠାରୁ ରାଜ୍ୟ ବ୍ୟାପୀ ପଦଯାତ୍ରା ଓ ଦସ୍ତଖତ ସଂଗ୍ରହ ଅଭିଯାନ ଚଳାଯାଇ ଭାରତର ମହାମହିମ ରାଷ୍ଟ୍ରପତିଙ୍କୁ ଏହା ପ୍ରଦାନ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି ।

# ଜିଲ୍ଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା



ବାରିପଦା, ୨୫/୦୯ (ନି.ପ୍ର): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଅନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରନ ଆଚାର୍ଯ୍ୟ ଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣଚନ୍ଦ୍ର ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଲୋକନୃତ୍ୟ କାର୍ଯ୍ୟକ୍ରମ କୁ ଉଦ୍‌ଘାଟନ କରିବା ସହ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଥିବା ପ୍ରତିଭାର ବିକାଶ ପାଇଁ ଏହା ଏକାନ୍ତ ଉପଯୋଗୀ ବୋଲି ଅଲୋକପାତ କରିଥିଲେ । ଏମକେସି ହାଇସ୍କୁଲର ପ୍ରଧାନଶିକ୍ଷକ ବାସନ୍ତୀ ଟୁଡୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନ କାର୍ଯ୍ୟକ୍ରମ କୁ ସରକାରୀ ଉଚ୍ଚ ବିଦ୍ୟାଳୟ, କଣ୍ଟାପାଳର ପ୍ରାଧାନଶିକ୍ଷକ ଅମିତାଭ ମିଶ୍ର ସଥାଳନ କରିଥିଲେ । ବିଚାରକ ଭାବେ ଲୋକନାଥ ଦାସ ଓ ଅନୁବାଳା ମହାନ୍ତି ଯୋଗଦେଇ ଥିଲେ ଶିକ୍ଷକ ନୟନ କୁମାର ଗିରି, ବସନ୍ତ କୁମାର ଦତ୍ତ, ସିବ କୁମାର ଦଳେଇ, ସୁଦତ୍ତା ବାରିକ, ରାଜୀବ ଲୋଚନ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ଯୋଗଦେଇ କୃତୀଦଳ କୁ ପୁରସ୍କାର ବିତରଣ କରିଥିଲେ । ରାଇରଙ୍ଗପୁର ବ୍ଲକର ବାଦାମବାଇ ସରକାରୀ ୟୁପି ସ୍କୁଲ ପ୍ରଥମ ସାନ ଅଧିକାର କରିଥିବା ବେଳେ ବାରିପଦା ଏମକେସି ହାଇସ୍କୁଲ ଦ୍ୱିତୀୟ ଓ ବଳାଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ତୃତୀୟ ସାନ ଅଧିକାର କରିଛନ୍ତି ଶ୍ରେଷ୍ଠ ଦଳ ରାଜ୍ୟସ୍ତରରେ ଭାଗ ଦେବା ପାଇଁ ଯୋଗ୍ୟ ବିବେଚିତ ହୋଇଛି ।

# ୭ ମାସର ଗର୍ଭବତୀଙ୍କୁ ୭ ମାସ ହେବ ମିଳିନାନି ପୁଷ୍ଟିକର ଖାଦ୍ୟ ଘଟଣା: ତଦନ୍ତ କଲେ ବିଡିଓ



ନୀଳଗିରି , ୨୫/୦୯ (ନି.ପ୍ର): ନୀଳଗିରି ବ୍ଲକ ଜଡିବାଲି ଗ୍ରାମର ଗରିବ ଗର୍ଭବତୀ ମହିଳା ଜୟନ୍ତୀ ବାଗ ତାଙ୍କୁ ଅଙ୍ଗନବାଡ଼ି ପକ୍ଷରୁ ଅଣ୍ଡା, ଛତୁଆ ଓ ଲଡୁ ମିଳୁନଥିବା ନେଇ ନୀଳଗିରି ସିଡ଼ିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ କାନ୍ଦି କାନ୍ଦି ନ୍ୟାୟ ମାଗିଥିଲେ । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା । ଖବର ପ୍ରସାରଣ ପରେ ଆଜି ନୀଳଗିରି ବିଡିଓ ରାହୁଲ ମଣ୍ଡଳ ଅଙ୍ଗନବାଡି କେନ୍ଦ୍ରକୁ ଯାଇ କାହିଁକି ଗର୍ଭବତୀ ଜଣଙ୍କୁ ଏ ସମସ୍ତ ସୁବିଧାରୁ ବଞ୍ଚିତ କରାଯାଇଛି ତଦାରଖ କରିଥିଲେ ।ଜୟନ୍ତୀ ବାଗ ତାଙ୍କ ବାପା ,ଅଙ୍ଗନବାଡି ଦିଦି ଓ ସୁପରଭାଇଜରଙ୍କୁ ଡାକି ପଚରାଉଚୁରା କରି ।ମମତା ଯୋଜନା ଅଧୀନରେ ଜୟନ୍ତୀଙ୍କ ନାମକୁ ପଞ୍ଜୀକୃତ କରାଇ ସମସ୍ତ ସୁବିଧା ଉପଲବ୍ଧ କରିବା ସହିତ ତୁରନ୍ତ ମମତା ଯୋଜନାର ଟଙ୍କା ମିଳିବ ବୋଲି କହିଥିଲେ ଶ୍ରୀ ମଣ୍ଡଳ ।ଜଣେ ଗର୍ଭବତୀ ଦୁଇ ଦୁଇ ଥର କାହିଁକି ନିଜର ଡକୁମେଣ୍ଟ ଦେବେ ଓ ସେ କାହିଁକି ଅଫିସ ସମ୍ମୁଖରେ ଏ ଅବସ୍ଥାରେ ଯାଇ ହକର ଜିନିଷ ପାଇଁ କାନ୍ଦିବେ ,ସମସ୍ତ କର୍ମଚାରୀ ଏଥିପ୍ରତି ତତ୍ପର ହେବା ଉଚିତ ବୋଲି କହିଥିଲେ ଶ୍ରୀ ମଣ୍ଡଳ । କାହିଁକି ବିଭାଗ ତରଫରୁ ଭୁଲ ହୋଇଥିଲା ବୋଲି ସୁପରଭାଇଜର ସୁଶୀଳା ଦାସଙ୍କୁ ପଚାରିବାରୁ ତାଙ୍କ ତରଫରୁ ଭୁଲ ହୋଇନାହିଁ ବୋଲି କହି ନିଜ ଦୋଷ ଲୁଚାଇଥିଲେ । ନ୍ୟାୟ ପାଇଁ ଜୟନ୍ତୀ ଓ ତାଙ୍କ ପରିବାର ବିଡିଓ ଓ ଗଣମାଧ୍ୟମକୁ ଭୁରି ଭୁରି ପ୍ରସଂଶା କରିବା ସହିତ ସୁପରଭାଇଜରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବିକରିଛନ୍ତି ।

# ଜାତୀୟ ସେବା ଯୋଜନା ଦିବସ ପାଳିତ




ଉଦଳା , ୨୫/୦୯ (ନି.ପ୍ର): ଉଦଳାସ୍ଥିତ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ଓ ନୂଆସାହିସ୍ଥିତ କପ୍ତିପଦା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଦିବସ ବ୍ୟାପି ସଫେଇ, ଆଲୋଚନାଚକ୍ର ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । କପ୍ତିପଦା ମହାବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ମଂଚନା ମହାପାତ୍ର କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବା ବେଳେ ସମାଜସେବୀ ଆଶିଷ କୁମାର ମଲ୍ଲିକ ଅତିଥି ଭାବରେ ଯୋଗ ଦେଇ ସେବା ମାଧ୍ୟମରେ କିପରି ସ୍ୱର୍ଗୀୟ ଆନନ୍ଦ ମିଳିବା ସହିତ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥା, ବିଭିନ୍ନ ଉଦାହରଣ ମାନ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସେହିପରି ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ଗିରିଜା ଶଙ୍କର ପାତ୍ର କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବା ବେଳେ ଅଧାପିକା ମଂଜୁଳା କଳିଆ ଓ ଅଧାପକ ରବିନାରାୟଣ ମହାପାତ୍ର ଦେଶ ଗଠନ ପାଇଁ ସେବାହିଁ ଏକମାତ୍ର ମାଧ୍ୟମ ବୋଲି ବ୍ୟକ୍ତ କରିଥିଲେ । ଅତିଥି ଭାବରେ ସାମାଜିକ କର୍ମୀ ପଦ୍ମଲୋଚନ ଦାଶ ଯୋଗ ଦେଇ ଯେଉଁ ସେବା ଦ୍ୱାରା ପ୍ରତିଦାନରେ କିଛି ଆଶା କରାଯାଏ ନାହିଁ ତାହାହିଁ ପ୍ରକୃତ ସେବା ବୋଲି କହିଥିଲେ ।

ମଙ୍ଗଳବାର, ସେପ୍ଟେମ୍ବର ୨୬, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ପାଞ୍ଚ ଦଫା ଦାବି ନେଇ ଜେଲ କର୍ମଚାରୀଙ୍କ ଧାରଣା

ନୀଳଗିରି, ୨୫/୦୯ (ନି.ପ୍ର): ନୀଳଗିରି ଉପକାରଗାର ସମ୍ମୁଖରେ ୫ଦଫା ଦାବି ନେଇ ଜେଲ କର୍ମଚାରୀଙ୍କ ପକ୍ଷରୁ ଆମରଣ ଅନଶନ ଧାରଣା ଦିଆଯାଇଛି। ଅଖିଳ ଓଡିଶା ଜେଲ କର୍ମଚାରୀ ମହାସଂଘଙ୍କ ନିର୍ଦ୍ଦେଶ କ୍ରମେ ଓ୍ୱାର୍ଡର ମାନଙ୍କ ଗ୍ରେଡ ପେ ୧୯୦୦ରୁ ୨୦୦୦ ଓ ଚିଫ ଓ୍ୱାର୍ଡରଙ୍କ ଗ୍ରେଡପେ ୨୦୦୦ରୁ ୨୪୦୦କୁ ବୃଦ୍ଧି ,୨୦୧୨ ମସିହା ପୁରୁଣା ପଦନ୍ନତି ନିୟମ ଲାଗିକରିବା, ଉପଖଣ୍ଡ ବଦଳି ନିୟମ କୋହଳ କରିବା,ମାସିକ ଖାଦ୍ୟ ଭତ୍ତା ୪୦୦ କୁ ୧୪୦୦ ବୃଦ୍ଧି କରିବା ଓ ୧୩ ମାସିଆ ଦରମା ବୃଦ୍ଧି କରିବା ଏହି ପାଞ୍ଚ ଗୋଟି ଦାବିକୁ ନେଇ ଅଖିଳ ଓଡିଶା ଜେଲ କର୍ମଚାରୀ ମହାସଂଘ ପକ୍ଷରୁ ଗତ ୧୩ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଚ ପରିଧାନ କରି ଦାବି ପୂରଣ ପାଇଁ ପ୍ରତିବାଦ ଜଣାଯାଇଥିଲା। ସରକାର ଏଥିପ୍ରତି ଦୃଷ୍ଟି ଆକର୍ଷଣ ନକରିବାରୁ ଆଜି ସମଗ୍ର ଓଡ଼ିଶାରେ ଜେଲ କର୍ମଚାରୀମାନେ ଜେଲ ସମ୍ମୁଖରେ କାର୍ଯ୍ୟ ଚାଲୁ ରଖିବା ସହିତ ଶାନ୍ତିପୂର୍ଣ୍ଣ ଭାବେ ଆମରଣ ଅନଶନରେ ବସିଥିବା ବେଳେ ନୀଳଗିରି ଉପ କାରାଗାର ସମ୍ମୁଖରେ ନୀଳଗିରି କମିଟିର ସଭାପତି ଜୟନ୍ତ କୁମାର ସାହୁ ସମ୍ପାଦକ ସଂଜୀବ ଚନ୍ଦନ କୁମାର ଜେନାଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀମାନେ ଧାରଣାରେ ବସିଥିଲେ।




## ଡକ୍ଟର ରମାକାନ୍ତ ବେହେରା ଫାଉଣ୍ଡେସନ୍ ଟ୍ରଷ୍ଟର ପ୍ରଥମ ସାହିତ୍ୟ ଉତ୍ସବ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି: ସମ୍ମାନିତ ହେବେ ୫ଜଣ ପ୍ରତିଭାଧର



ବାଲେଶ୍ୱର , ୨୫/୦୯ (ନି.ପ୍ର): ବରିଷ୍ଠ ସାହିତ୍ୟିକ ତଥା ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ରମାକାନ୍ତ ବେହେରାଙ୍କ ନାମରେ ଗଠିତ ଡକ୍ଟର ରମାକାନ୍ତ ବେହେରା ସାହିତ୍ୟ ସଂସ୍କୃତି ପରିଷଦର ପ୍ରଥମ ପ୍ରତିଷ୍ଠା ଦିବସ ଅବସରରେ ବାର୍ଷିକ ସାହିତ୍ୟ ଉତ୍ସବ ସହ ଡକ୍ଟର ବେହେରାଙ୍କ ୮୧ତମ ଜୟନ୍ତୀ ଆସନ୍ତା ଅକ୍ଟୋବର ୫ ତାରିଖ ଅପରାହ୍ଣରେ ଅନୁଷ୍ଠିତ ହେବାନେଇ ପରିଷଦର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଟ୍ରଷ୍ଟ କାର୍ଯ୍ୟାଳୟ ଅଙ୍ଗାରଗଡ଼ିଆ ଠାରେ ସମ୍ପନ୍ନ ହୋଇଛି। ଟ୍ରଷ୍ଟର ପ୍ରତିଷ୍ଠାତା ଡକ୍ଟର ରମାକାନ୍ତ ବେହେରା ଏଥିରେ ଅଧ୍ୟକ୍ଷତା କରି ପ୍ରଥମ ବାର୍ଷିକ ଉତ୍ସବର ରୂପରେଖ ଉପରେ ଆଲୋକପାତ କରିଥିଲେ। ଟ୍ରଷ୍ଟର ସମ୍ପାଦକ କବି କାଳୀପଦ ପଣ୍ଡା ଏକବର୍ଷ ମଧ୍ୟରେ ଟ୍ରଷ୍ଟ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପର ସୂଚନା ଦେଇ ଆଗାମୀ ୫ ତାରିଖରେ ହେବାକୁ ଥିବା ସାରସ୍ୱତ ଉତ୍ସବର ପୁଙ୍ଖାନୁପୁଙ୍ଖ ବିବରଣୀ ପ୍ରଦାନ କରିଥିଲେ। ନିଷ୍ପତ୍ତି ଅନୁଯାୟୀ ସେହିଦିନ ଅପରାହ୍ଣ ୪ ଘଟିକା ସମୟରେ ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ ହେବାପରେ ସନ୍ଧ୍ୟା ଅଧିବେଶନରେ ସମ୍ମାନ ପ୍ରଦାନ ସମାରୋହ ଓ ଡକ୍ଟର ବେହେରାଙ୍କୁ ଜନ୍ମଦିନର ଅଭିନନ୍ଦନ ଜ୍ଞାପନ କରାଯିବା ସହ କେତୋଟି ନୂତନ ପୁସ୍ତକର ଉନ୍ମୋଚନ ହେବ। ଚଳିତ ୨୦୨୩ ମସିହା ପାଇଁ ବରିଷ୍ଠ ସାରସ୍ୱତ ସାଧକ ତଥା ବିଶିଷ୍ଟ ଅନୁବାଦକ କଲିକତା ନିବାସୀ ରବୀନ୍ଦ୍ର ନାଥ ପାତ୍ର, ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ପ୍ରଭାକର ଦାସ, ବିଶିଷ୍ଟ କବୀ ଦୀପ୍ତି ଦାସ, ଗାଳ୍ପିକ ତଥା ଗବେଷକ ଓ ସାମ୍ବାଦିକ ଚନ୍ଦ୍ରମୋହନ ମହାପାତ୍ର, ସମାଜସେବୀ ଅପର୍ଣ୍ଣା ମହାପାତ୍ରଙ୍କୁ ସମ୍ମାନିତ କରାଯିବ। ସେମାନଙ୍କୁ ଅଙ୍ଗବସ୍ତ୍ର ଓ ପ୍ରଶସ୍ତିଫଳକ ସହ ଉପଢ୍ୌକନ ପ୍ରଦାନ କରାଯିବ। ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ଏହାର ଶୁଭ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଥିଲାବେଳେ ବାଲେଶ୍ୱର ସାଂସଦ ମୁଖ୍ୟଅତିଥି ଏବଂ କେତେଜଣ ବରିଷ୍ଠ ସାହିତ୍ୟିକ ବକ୍ତା ଭାବେ ଯୋଗଦାନ କରିବେ। ଟ୍ରଷ୍ଟର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଟ୍ରଷ୍ଟି ରଞ୍ଜିତ ଦେ, ଯଦୁନାଥ ସାହୁ, କମଳାକାନ୍ତ ଦାଶ, ମଧୁସୂଦନ ଜେନା, ଅନିମା ସିଂହ, ନାରାୟଣ ସିଂହଙ୍କ ସମେତ ସହଯୋଗୀ ସଭ୍ୟ ସୃଷ୍ଟିଧର ପରିଡ଼ା, ବିଦ୍ୟାଧର ସେଠୀ, ବିଜନ କୁମାର ଦେ, ଯୋଗେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଲଙ୍ଗଳେଶ୍ୱରରେ ଲକ୍ଷ୍ମୀଧରଙ୍କ ସ୍ମୃତି ସଭା




ଲଙ୍ଗଳେଶ୍ୱର ୨୫/୯(ନିପ୍ର) ବାଲେଶ୍ୱର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଲକ୍ଷ୍ମୀଧର ବେହେରାଙ୍କ ବିୟୋଗରେ ଲଙ୍ଗଳେଶ୍ୱର ଠାରେ ଥିବା ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ରବିବାର ଦିନ ଉତ୍କଳ ମଣି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମଞ୍ଚର ସଭାପତି ମନମୋହନ ସେଠୀ ଅଧ୍ୟକ୍ଷତାକରି ଥିଲେ। ସମାଜ ପାଇଁ ସ୍ୱର୍ଗତ ବେହେରାଙ୍କ ଅବଦାନ ତାଙ୍କୁ ଅମର କରି ରଖିବ ବୋଲି ସମ୍ପାଦକ ପୁରୁଷୋତ୍ତମ ସାହୁ, ପୂର୍ବତନ ସରପଞ୍ଚ ବୈକୁଣ୍ଠ ଚରଣ ରାଉତ, ବିନୋଦ ବିହାରୀ ଦାସ, ସୁଶାନ୍ତ କୁମାର ବେହେରା, ସୁଧାକର ଦାସ, ପ୍ରମୁଖ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ବଂଶୀଧର ନାୟକ , ଶିକ୍ଷାବିତ ନିତ୍ୟାନନ୍ଦ ଦାସ, ପ୍ରମୋଦ ପଟ୍ଟାୟତ, ନିରଞ୍ଜନ ଦେ, ଭୈରବ ବେହେରା, ପରିଚାଳନା କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ




ବାସୁଦେବପୁର, ୨୫/୦୯ (ନି.ପ୍ର): ବାସୁଦେବପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନାୟକାଣିଡିହ ମଣ୍ଡଳ ୨୫୮ ନମ୍ବର ବୁଥରେ ମାନନୀୟ ଯସସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କର ୧୦୫ ତମ ମନକୀ ବାତ କାର୍ଯ୍ୟକ୍ରମ ବାସୁଦେବପୁର ବିଧାନସଭା ନେତା ମାଧବାନନ୍ଦ ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ ଜିଲ୍ଲାର କୋଷାଧ୍ୟକ୍ଷ ଜୟପ୍ରକାଶ ମଲ୍ଲିକ। ଏହି ୧୦୫ ତମ କାର୍ଯ୍ୟକ୍ରମ ସାରା ଭାରତରେ ୧୧ଟି ସ୍ଥାନରେ ଦୂରଦର୍ଶନ ମାଧ୍ୟମରେ ସିଧାସଳଖ ପ୍ରସାରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ବର୍ଗର ୫୦୦ରୁ ଉର୍ଦ୍ଧ୍ୱ ଭାଇ ଓ ଭଉଣୀ ମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ମୋଦିଜୀଙ୍କ ବିଶ୍ୱକର୍ମା ଯୋଜନାରେ ବିଷୟରେ ବରିଷ୍ଠ ନେତୃତ୍ୱ ବିସ୍ତୃତ ଆଲୋଚନା କରିଥିଲେ ଓ ସେହି ଅଞ୍ଚଳରେ କିଛି କୌଳିକ ବୃତିଧାରୀ କାରୀଗରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଏହି କାର୍ଯ୍ୟକ୍ରରେ ଉପସ୍ଥିତ ଥିଲେ ଭଦ୍ରକ ଲୋକସଭାର ନେତା ତଥା ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ରାଜ୍ୟ ସମ୍ପାଦକ ସରୋଜ କର, ଜିଲ୍ଲା ସଭାପତି ହେମନ୍ତ ପାଢୀ ରାଜ୍ୟ ପ୍ରବକ୍ତା ଓ ମନକୀ ବାତ ର ରାଜ୍ୟ ସଂଯୋଜକ ଠାକୁର ରଞ୍ଜିତ ଦାସ, , ଜିଲ୍ଲା ସାଧାରଣ ସମ୍ପାଦକ ଭଗବାନ ପଣ୍ଡା ଓ ଶଶୀ ବିଶ୍ୱାଳ , ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ଦାସ, ଲୋକସଭା ପ୍ରଭାରୀ ଚନ୍ଦ୍ରଶେଖର ନନ୍ଦ, ବିଧାନ ସଭା ପ୍ରଭାରୀ ତପସ୍ୱିନୀ ଦାସ,ଜିଲା ଉପସଭାପତି ଉଦୟ ନାରାୟଣ ମଲ୍ଲିକ,ଓ ବରିଷ୍ଠ ନେତା ପ୍ରଦୀପ ନାୟକ, ବଦ୍ରିନାରାୟଣ ଧଳ,ଦିନବନ୍ଧୁ ପତି, ଅଶୋକ ସାହୁ , ବିଦ୍ୟାଧର ଜେନା, ବନମାଳୀ ପରିଡା, ଶରତ ପରିଡା , ବୃନ୍ଦାବନ ପ୍ରଧାନ, ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ବିଧାନର ମହିଳା ସଂରକ୍ଷଣ ବିଲ ଉପରେ ଆଲୋଚନା



ଭଦ୍ରକ, ୨୫/୦୯ (ନି.ପ୍ର): ଆଜି କୁସୁମ ଟିଭି କାର୍ଯ୍ୟାଳୟ ପ୍ରାଙ୍ଗଣରେ ମହିଳା ସଂରକ୍ଷଣ ବିଲ ଉପରେ ଏକ ଆଲୋଚନା ଚକ୍ର ହେଇଥିଲା। ଏହି କାର୍ଯ୍ୟକ୍ରମରେ ଭଦ୍ରକର ବିଜୁ ସ୍ମୃତି କମିଟିର ସଭାନେତ୍ରୀ ଆଡ୍‌ଭୋକେଟ ଅମିତାବାଳା ଆଚାର୍ଯ୍ୟ ଓ କମିଟିର ପରାମର୍ଶଦାତା ଡାକ୍ତର ରବିନାରାୟଣ ମହାପାତ୍ର, କୁସୁମ ଟିଭିର ବରିଷ୍ଠ ସାମ୍ବାଦିକ ପ୍ରଭାତ ପାଢ଼ୀ ଓ ଅନ୍ୟ ମାନେ ଯୋଗଦାନ କରିଥିଲେ। ଭାରତ ସରକାର ୩୩% ମହିଳା ଆରକ୍ଷଣ ବିଲ ଉପରେ ଶ୍ରୀମତୀ ଆଚାର୍ଯ୍ୟ ନିଜସ୍ୱ ମତ ଦେଇଥିଲେ କି ଦୀର୍ଘ ଦିନର ପ୍ରୟାସ ପରେ ଆଜି ମହିଳାମାନଙ୍କୁ ଏକ ଭେଟି ଦେଇଛନ୍ତି ମାନ୍ୟବର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ। ୨୦୧୨ ମସିହାରୁ ଶ୍ରୀମତୀ ଆଚାର୍ଯ୍ୟ ଏହି ମହିଳା ଆରକ୍ଷଣ ୩୩% କୁ ରାଜ୍ୟ ସରକାରଙ୍କ ମାଧ୍ୟମରେ ଭାରତ ସରକାରଙ୍କୁ ଦାବି ଦେଇଆସିଥିଲେ ଏବଂ ଏକ ଲକ୍ଷ ପୋଷ୍ଟକାର୍ଡ ମାଧ୍ୟମରେ ଭାରତ ସରକାରଙ୍କୁ ଜଣାଇଥିଲେ। ଆଖି ଛଳଛଳ କରି ଭାବ ବିହ୍ୱଳ ହୋଇ ଶ୍ରୀମତୀ ଆଚାର୍ଯ୍ୟ କହିଥିଲେ ଯେ ଦୀର୍ଘ ଦିନର ମହିଳା ମାନଙ୍କର ସଂଘର୍ଷ ସାମ୍ବିଧାନିକ ଅଧିକାର ଆଜି ମହିଳା ମାନଙ୍କୁ ମିଳିଛି। ଏଥି ନିମନ୍ତେ ସେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଶେଷ ଧନ୍ୟବାଦ ଜଣାଇଛନ୍ତି। ଏହା ବ୍ୟତୀତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ମରଣୋତ୍ତର ଭାରତ ରତ୍ନରେ ସମ୍ମାନିତ କରିବା ପାଇଁ ସେ ପ୍ରୟାସ ଜାରି ରଖିଛନ୍ତି, ତା' ଛଡା ଭଦ୍ରକରେ ମେଡିକାଲ କଲେଜ ସ୍ଥାପନା ପାଇଁ ମଧ୍ୟ ପ୍ରୟାସ ଜାରି ରହିଛି। ବିଭିନ୍ନ ସମୟରେ ବିଭିନ୍ନ ଗଣମାଧ୍ୟମ ଜରିଆରେ ଯଥାର୍ଥ ଦାବି ଗୁଡିକୁ ସରକାରଙ୍କ ନଜରକୁ ଆଣିଛନ୍ତି ବୋଲଇ ସେ କହିଥିଲେ। ଶେଷରେ ସେ ସୂଚନା ଦେଇକହିଥିଲେ କି ଯଦି ଦାବି ପୂରଣ ନ ହୁଏ, ଆଗାମୀ ଦିନରେ ପଦଯାତ୍ରା କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳୀ ସଭା ସହିତ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ ଅନୁଷ୍ଠିତ

ନୀଳଗିରି , ୨୫/୦୯ (ନି.ପ୍ର): ସୋମବାର ନୀଳଗିରି ନିର୍ବାଚନ ମଣ୍ଡଳୀର ଧୋବଶିଳା ଗ୍ରାମ ପଞ୍ଚାୟତର କେନ୍ଦୁଖୁଣ୍ଟା ଗ୍ରାମରେ ଏକାତ୍ମ ମାନବବାଦ ଏବଂ ଅନ୍ତୋଦୟର ପ୍ରଣେତା,ପ୍ରଖର ରାଷ୍ଟ୍ରବାଦୀ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଉପଲକ୍ଷେ ବିଜେପି ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ । ଏହା ସହିତ ବିଜେପି ନୀଳଗିରି ତରଫରୁ କେନ୍ଦୁଖୁଣ୍ଟା ଗ୍ରାମରେ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ମାନ୍ୟବର ସାଂସଦ ଅମୃତ କଳସ ଧରି କୀର୍ତ୍ତନ ଦଳ ସହିତ ଘର ଘର ବୁଲି ମାଟି ସଂଗ୍ରହ କରିଥିଲେ ।ଏହି କାର୍ଯ୍ୟକ୍ରମରେ ସ୍ୱର୍ଣ୍ଣଚୂଡ଼ ମଣ୍ଡଳ ସଭାପତି ତାପସ ମହାନ୍ତି,ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ,ଜିଲ୍ଲା ଯୁବ ମୋର୍ଚ୍ଚା ସମ୍ପାଦକ ଦେବାଶିଷ ଆଚାର୍ଯ୍ୟ,ବରିଷ୍ଠ ନେତା ମନୀନ୍ଦ୍ର ରାଉତ,ଧୋବଶିଳା ପଞ୍ଚାୟତ ସଭାପତି ପ୍ରଦୀପ ସ,ବାବୁ ସ,ଜୟନ୍ତୀ ମଲିକ,ଅଜିତ ବାରିକ,ରମାକାନ୍ତ ନାୟକ ଓ ଅନେକ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ସହ ଶତାଧିକ ଲୋକ ଉପସ୍ଥିତ ଥିଲେ।

## ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ନୂଆଖାଇ ଭେଟ୍ ଘାଟ୍

ଭୁବନେଶ୍ୱର, ୨୫/୦୯ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ଗତକାଲି ରବିନ୍ଦ୍ରମଣ୍ଡପଠାରେ ନୂଆଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର କଳାକାରମାନଙ୍କ ଦ୍ୱାରା ଡାଲ୍ ଖାଇ, ଦୁଲ୍‌ଦୁଲି, ଘୁମର, ଦଣ୍ଡନାଚ, ବଜାଶାଲ୍, ମାନ୍ଦଲିଆ ଓ କରମାନଜ ନୃତ୍ୟ ପରିବେଷିତ ହୋଇଥିଲା । ଲୋକନୃତ୍ୟର ତାଳେ ତାଳେ ମଂଚ ଦୁଲିକି ଉଠିବା ସହ ଏହା ଦର୍ଶକମାନଙ୍କୁ ଅଭିଭୂତ କରିଥିଲା ।

## ଜିଲ୍ଲାସ୍ତରୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୯ମ ପ୍ରତିଷ୍ଠା ଦିବସ 'ସ୍ପାର୍କ- ୨୦୨୩' ପାଳିତ



ବାଲେଶ୍ୱର, ତା- ୨୫/୦୯: ବାଲେଶ୍ୱରସ୍ଥିତ ଗାନ୍ଧୀ ସ୍ମୃତି ଭବନ ଠାରେ ଆଜି ଜିଲ୍ଲାସ୍ତରୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୯ମ ପ୍ରତିଷ୍ଠା ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଏବଂ ଉପସ୍ଥିତ ଥିବା ବାଲେଶ୍ୱର ଜିଲ୍ଲାର ସମସ୍ତ ୧୨ ଗୋଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ପ୍ରଧାନ ଶିକ୍ଷକମାନଙ୍କୁ ସମ୍ବୋଧିତ କରିଥିଲେ ଓ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାଦାନ ବ୍ୟବସ୍ଥା ଯୋଗୁଁ ଉଚ୍ଚଶିକ୍ଷା ନେଇ ଗରିବ ମେଧାବୀ ଶିକ୍ଷାର୍ଥୀଙ୍କ ଆଶା ଆକାଂକ୍ଷା ପୂରଣ ହେଉଛି । ମେଧାବୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅତ୍ୟାଧୁନିକ ଶିକ୍ଷା ସୁବିଧା ସହ ଉତ୍ତମ ବ୍ୟବସ୍ଥା କରିଥିବାରୁ ଆଜି ସମଗ୍ର ରାଜ୍ୟର ଅନେକ ଛାତ୍ରଛାତ୍ରୀ ଜାତୀୟ ତଥା ରାଜ୍ୟ ସ୍ତରୀୟ ଅନେକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଦେଶର ଅନେକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ପାଠ ପଢୁଛନ୍ତି ବୋଲି ମତ ରଖିଥିଲେ ଶ୍ରୀ ଶିନ୍ଦେ ଓ ବିଭିନ୍ନ ପ୍ରତିଯୋଗିତାରେ କୃତି ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ଶ୍ରୀ ଶିନ୍ଦେ ପୁରସ୍କୃତ କରିଥିଲେ । ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିଭା ମଞ୍ଜରୀ ଦାସ ସ୍ୱାଗତ ଭାଷଣ ଦେଇ ଥିଲେ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଯୋଜନା) ଶ୍ରୀଯୁକ୍ତ ଧରଣୀଧର ପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଏକାଡେମିକ୍) ଶ୍ରୀମତୀ ପ୍ରାଚୀ ତନୟା ଗିରି ଏବଂ ଶ୍ରୀଯୁକ୍ତ ରାମକୃଷ୍ଣ ସାହୁ, ନୋଡାଲ ପ୍ରିନ୍ସିପାଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମଞ୍ଚାସୀନ ଥିଲେ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀମାନେ ମଧ୍ୟ ଏହି ସମାରୋହରେ ଉପସ୍ଥିତ ଥିଲେ । ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ବସ୍ତାରେ ଦୀନଦୟାଲ ଜୟନ୍ତି ପାଳିତ



ବସ୍ତା , ୨୫/୦୯ (ନି.ପ୍ର): ଭାରତୀୟ ଜନସଂଘର ପୂର୍ବତନ ସଭାପତି ତଥା ଏକାତ୍ମ ମାନବବାଦ ଆଦର୍ଶର ପ୍ରବର୍ତ୍ତକ ବିଶିଷ୍ଟ ଚିନ୍ତାନାୟକ ସ୍ୱର୍ଗତ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୮ ତମ ଜନ୍ମ ଜୟନ୍ତୀ ଆଜି ବସ୍ତା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ବିଜେପି ତରଫରୁ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଦୀନଦୟାଲ ଙ୍କ ଆଦର୍ଶ ର ପ୍ରଚାର ପ୍ରସାର ପାଇଁ ପ୍ରତ୍ୟେକ ବୁଥ ସ୍ତରରେ ପୂର୍ବାହ୍ଣରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ସ୍ଥଳେ ଅପରାହ୍ନ ରେ ନୂଆ ଗାଁ ଠାରେ ସଭା ଅନୁଷ୍ଠିତ ହୋଇଥିଲା। ରଂଜନ ମହାନ୍ତିଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ନେତା ଶ୍ୟାମାପ୍ରସାଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଜିର ନରେନ୍ଦ୍ର ମୋଦୀ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସ୍ୱର୍ଗତ ଦୀନଦୟାଲ ଙ୍କ ଆଦର୍ଶ ଉପରେ ପର୍ଯ୍ୟବେସିତ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ମଣ୍ଟୁ ପଣ୍ଡା, ସୂର୍ଯ୍ୟନାରାୟଣ ସାହୁ, ଅଭିରାମ ମଲ୍ଲିକ, ଧୀରେନ ସେଠୀ, ବିନୟ ଯେନା, ଦିବାକର ରାଉତ, ଉମାକାନ୍ତ ବେଜ, ପ୍ରସନ୍ନ ପଣ୍ଡା,ରବି ରାଉତ , ଦୀନକୃଷ୍ଣ ବେହେରା, ରବି ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଉପକାରାଗାର ସମ୍ମୁଖରେ କର୍ମଚାରୀଙ୍କ ଅନଶନ

ଜଳେଶ୍ୱର , ୨୫/୦୯ (ନି.ପ୍ର): ଦୀର୍ଘ ୧୩ ଦିନ ଧରି କଳାପଟି ପିନ୍ଧି ଆନ୍ଦୋଳନ ଚଳାଇ ଆସିଥିବା କାରାଗାର କର୍ମଚାରୀମାନେ ସେମାନଙ୍କ ୫ ଦଫା ଦାବିରେ ଆଜିଠାରୁ କାର୍ଯ୍ୟ ସହିତ ଅନଶନ ଆରମ୍ଭ କରିଛନ୍ତି । ରାଜ୍ୟରେ ପୁଲିସ୍, ଦମକଳବାହିନୀ ଓ ଜେଲ କର୍ମଚାରୀମାନଙ୍କର ପଦବୀ ସମାନ ଥିଲାବେଳେ ସରକାର ଦରମା ଓ ସୁବିଧା ସୁଯୋଗରେ ଅସଂଗତି କରି ଆସୁଛନ୍ତି । ନାର୍ଯ୍ୟ ଦାବି ଲାଗି ସେମାନଙ୍କ ଅନଶନ ଆରମ୍ଭ ହୋଇଥିବାର ଆଜି ଜଳେଶ୍ୱର ଉପକାରଗାର ସମ୍ମୁଖରେ ସଂଘ ପକ୍ଷରୁ ଆରମ୍ଭ ହୋଇଥିବା ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମରେ ରାଜ୍ୟର କୋଷାଧ୍ୟକ୍ଷ ସୁସିଲ କୁମାର ପାତ୍ର କହିଛନ୍ତି । କର୍ମଚାରୀମାନେ ସେମାନଙ୍କ କର୍ତ୍ତବ୍ୟ ସାଧନ କରିଆସୁଥିବା ବେଳେ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ ହେଉଥିବାରୁ ଜଳେଶ୍ୱରର ସଭାପତି ମଂଗତ ସରେନ୍, ଉପସଭାପତି ଚାନ୍ଦରାୟ ହେମ୍ବ୍ରମ, ସଂପାଦକ ନଳିନୀକାନ୍ତ ଦଳେଇ ପ୍ରମୁଖ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି । ଦାବି ଗୁଡିକ ମଧ୍ୟରେ ଗ୍ରେଡ ପେ ୧୯୦୦ରୁ ୨୦୦୦କୁ ବୃଦ୍ଧି, ପୁରୁଣା ପଦୋନ୍ନତି କାର୍ଯ୍ୟକ୍ଷମ ହେବା, ନିଜ ଅଂଚଳରେ କାର୍ଯ୍ୟ କରିପାରିବା, ଫୁଡି ଏଲାଉନ୍ସ ୪ଶହରୁ ୧୪ଶହକୁ ବୃଦ୍ଧି କରିବା, ସପ୍ତମ ବେତନ କମିସନ ଲାଗୁ କରିବା ଇତ୍ୟାଦି ସଂପର୍କରେ ସେମାନେ ଦାବି କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ହିବିଲଦାର ସୋନାରାମ ମହନ୍ତ, ସହଦେବ ଧଳ, ମାନସ କୁମାର ସିଂ, ସମୀର ବେହେରା, ଆଶାରାଣୀ ହେମ୍ବ୍ରମ, ଜୟନ୍ତୀମଣି ସିଂ ଓ ବିକାଶ ନାୟକ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo